# ମଲ୍ଲୀମହକ




- ଲେଖକ -

**ଅଭୟ ଚରଣ ମହାନ୍ତି**

ଗ୍ରାମ - ମଲ୍ଲୀପୁର

ପୋ.ଅ. - କିଶୋରନଗର

ଜିଲ୍ଲା - କଟକ

**ମଲ୍ଲୀମହକ**

ଲେଖକ:
**ଶ୍ରୀ ଅଭୟ ଚରଣ ମହାନ୍ତି**
ଗ୍ରାମ- ମଲ୍ଲୀପୁର
ପୋ.ଅ.- କିଶୋରନଗର
ଜିଲ୍ଲା- କଟକ

ପ୍ରକାଶକ:
**ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ**
ନଦିଆ ନିବାସ, ଝାଞ୍ଜିରୀମଙ୍ଗଳା
କଟକ-୭୫୩ ୦୦୯
Website : www.niharikadas.in

ପ୍ରଥମ ପ୍ରକାଶ :
**ଶ୍ରୀରାମ ନବମୀ**
**୨୦୧୪**

ଅକ୍ଷରସଜ୍ଜା :
**ମା' ଶାରଳା ଡି.ଟି.ପି.**
ସି.ଡି.ଏ., ସେକ୍ଟର-୬, କଟକ-୧୪

ପ୍ରଚ୍ଛଦ :
**ଶ୍ରୀ ବିଜୟ ପ୍ରଧାନ**
କଟକ

ମୁଦ୍ରଣ:
**ମା' ତାରିଣୀ ପ୍ରି ର୍ସ**
ଚାନ୍ଦିନୀଚୌକ, କଟକ

**ମୂଲ୍ୟ: ଟ. ୩୦.୦୦**

# ଉତ୍ସର୍ଗ

ମୋର ଧର୍ମପତ୍ନୀ ପାଳଦା ନିବାସୀ ସ୍ୱର୍ଗତ କାଶୀନାଥ ଦାସଙ୍କ କନିଷ୍ଠା କନ୍ୟା ସ୍ୱର୍ଗତା ସାବିତ୍ରୀ ମହାନ୍ତି (୧୯୩୩-୨୦୧୨)ଙ୍କ ସ୍ମୃତିରେ ଏହି ପୁସ୍ତକଟିକୁ ଉତ୍ସର୍ଗ କରୁଛି ।

**ଅଭୟ ଚରଣ ମହାନ୍ତି**

## ଅଭିମତ...

**ଶ୍ରୀ** ଅଭୟ ଚରଣ ମହାନ୍ତିଙ୍କଦ୍ୱାରା ପ୍ରଣୀତ 'ମଲ୍ଲୀମହକ' ପୁସ୍ତକଟିକୁ ଅଧ୍ୟୟନ କରିବାର ସୌଭାଗ୍ୟ ଲାଭ କଲି । ମୋର ପ୍ରିୟବନ୍ଧୁ ଅଧ୍ୟାପକ ନାରାୟଣ ମହାନ୍ତିଙ୍କର ଧର୍ମପତ୍ନୀ ଅଧ୍ୟାପିକା ନୀହାରିକା ଦାସଙ୍କର ଅକାଳ ବିୟୋଗ ୧୯୯୪ ମସିହା ଡିସେମ୍ବର ମାସ ୧୪ ତାରିଖରେ ଘଟିଥିଲା । ବନ୍ଧୁଙ୍କର ଏହି ଦାରୁଣଦୁଃଖ ସମୟରେ ସମବେଦନା ଜଣାଇବା ପାଇଁ ମୁଁ ତାଙ୍କ ଗ୍ରାମ କଟକ ଜିଲ୍ଲାର କିଶୋରନଗର ଥାନା ଅନ୍ତର୍ଗତ ମଲ୍ଲୀପୁରକୁ ଛୁଟିଯାଇଥିଲି । ଦେଖିଲି, ତାଙ୍କର ଜେଜେବାପା ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ନଦିଆ ବିହାରୀ ମହାନ୍ତିଙ୍କର ଘରକୁ 'ଜ୍ଞାନମଣ୍ଡଳ'ର ପ୍ରଣେତା ଖ୍ୟାତନାମା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବିନୋଦ କାନୁନ୍‌ଗୋଙ୍କର ଘର ଲାଗିଛି । ମନେହେଲା, ମଲ୍ଲୀପୁରର ମଲ୍ଲୀମହକ ସମଗ୍ର ଓଡ଼ିଶାକୁ ଆମୋଦିତ କରିଛି । ସେହି ମଲ୍ଲୀପୁରର ଐତିହ୍ୟ ସମ୍ପର୍କରେ ଲେଖନୀ ଚାଳନା କରିଥିବାରୁ ପଲ୍ଲୀପ୍ରାଣ ଲେଖକ ଶ୍ରୀ ଅଭୟ ଚରଣ ମହାନ୍ତିଙ୍କୁ ଆନ୍ତରିକ ସାଧୁବାଦ ଜଣାଉଛି । ଏହି ପୁସ୍ତକକୁ ଲୋକଲୋଚନକୁ ଆଣିବାର ପ୍ରୟାସ କରିଥିବା ବନ୍ଧୁ ଅଧ୍ୟାପକ ନାରାୟଣ ମହାନ୍ତିଙ୍କ ମହତ୍ ଉଦ୍ୟମର ପଟାନ୍ତର ନାହିଁ ।

'ମଲ୍ଲୀମହକ' ପୁସ୍ତକଟି ବିଖ୍ୟାତ ପଲ୍ଲୀ ମଲ୍ଲୀପୁରର ବିଂଶଶତାବ୍ଦୀର ପ୍ରଥମାର୍ଦ୍ଧର ଐତିହାସିକ ସାକ୍ଷ୍ୟ ବହନ କରେ । ଲେଖକଙ୍କର ବାସ୍ତବତଥ୍ୟ ଆଧାରିତ ସ୍ୱପ୍ନିଳ ସ୍ମୃତି ଓ ମଞ୍ଜୁଳ ଅନୁଭୂତି ଏଥିରେ ସ୍ଥାନିତ ହୋଇଛି । କୋଳାହଳମୟ ଆଧୁନିକ ଅଶାନ୍ତ ନଗରସଭ୍ୟତାର ପ୍ରଭାବରେ ଏବେ ଶାନ୍ତ-ସରଳ-ଗ୍ରାମ୍ୟଜୀବନ ହଜିଯାଉଛି । ଜଟିଳ-କୁଟିଳ-ଛଳନା-ପ୍ରବ ନାମୟ ରୀତିନୀତିର ଅନୁପ୍ରବେଶରେ ପଲ୍ଲୀର ଐକ୍ୟ-ସଂହତି ତଥା ଉଦାରତା ବିଭାଜିତ ଓ ସଂକଟାପନ୍ନ ହୋଇପଡ଼ିଛି । କିଶୋର ଓ ଯୁବକମାନଙ୍କ ହୃଦୟରୁ ପୂଜ୍ୟ-ବୟସ୍କ-ଆଦରଣୀୟ ବ୍ୟକ୍ତିବିଶେଷଙ୍କ ପାଇଁ ଶ୍ରଦ୍ଧା-ସମ୍ମାନ ତଥା ପୂଜ୍ୟପୂଜାର ଦୀପଟି ନିର୍ବାଣୋନ୍ମୁଖ । ଅତୀତର ସୁଖଶାନ୍ତିମୟ ସେହି

ପଲ୍ଲୀଜୀବନ ଏବେ ମାତ୍ର କଳ୍ପନାର ବିଷୟ ହେବାକୁ ବସିଲାଣି । ପଲ୍ଲୀ-ଉପାଦାନରେ ଆମର ଦେହ-ମନ ଗଢ଼ା ବୋଲି କହିବାକୁ ପଲ୍ଲୀବାସୀ ଲଜ୍ଜାବୋଧ କଲେଣି । ଏହିପରି ପୃଷ୍ଠଭୂମିରେ ଉପର୍ଯ୍ୟୁକ୍ତ ପୁସ୍ତକର ପରିପ୍ରକାଶ ନିଶ୍ଚିତଭାବରେ ମହ ୍ୱପୂର୍ଣ୍ଣ ଅଟେ ।

ଅନୁଭବୀ, ଦରଦୀ ଲେଖକ ଶ୍ରୀ ଅଭୟ ଚରଣ ମହାନ୍ତି ବିଂଶଶତାବ୍ଦୀର ପ୍ରଥମାର୍ଦ୍ଧରେ ମଲ୍ଲୀପୁର ଗ୍ରାମର ଯେଉଁସବୁ ତଥ୍ୟ ଉପସ୍ଥାପନ କରିଛନ୍ତି, ତାହା ଓଡ଼ିଶାର ଅଧିକାଂଶ ଜନପଦରେ ଊଣାଅଧିକେ ପ୍ରଚଳିତ ଥିଲା । ଗାଁକୁ ମୁଣ୍ଡବୋଝିଆ ନିୟମିତ ବ୍ୟବଧାନରେ ଆସି ତେଜରାତିଦ୍ରବ୍ୟ ତଥା ଲୁଗାପଟା ବିକ୍ରି କରିବା, ଦୋଳ-ଦଶହରା-ରଜ-କୁମାରପୂର୍ଣ୍ଣିମା ପ୍ରଭୃତି ପର୍ବପର୍ବାଣିଗୁଡ଼ିକୁ ଉଲ୍ଲାସ-ଉଚ୍ଛ୍ୱାସ ସହ ପାଳନ କରିବା, ପାରିବାରିକ ଗୁରୁଦେବ ଆସି କର୍ଣ୍ଣରେ ମନ୍ତ୍ରଦୀକ୍ଷା ଦେବା, ପୁରୋହିତ-ପୂଜକ-ବ୍ରାହ୍ମଣ, ଅବଧାନ, ବାରିକ, ରଜକ, ବୈଦ୍ୟ, ତାମ୍ବୂଳୀ, ଗଉଡ଼, କେଉଟ ପ୍ରଭୃତି କୌଳିକବୃ ିକୁ ନିଃସଙ୍କୋଚରେ ପାଳନ କରି ଗ୍ରାମର ସାମୂହିକ କାର୍ଯ୍ୟରେ ସହଯୋଗ ଦେବା ତଥା ଗ୍ରାମ ସମ୍ପର୍କୀୟମାନଙ୍କୁ ନିଜର ଦାଦା-ଖୁଡ଼ୀ, ମାମୁଁ-ମାଇଁ, ଅଜା-ଆଇ, ଭାଇ-ଅପାପରି ବିଚାର କରି ଯଥୋଚିତ ଶ୍ରଦ୍ଧା-ସମ୍ମାନ-ସ୍ନେହ-ଆଦର ପ୍ରଦର୍ଶନ କରିବା ଇତ୍ୟାଦି ଚଳଣିଗୁଡ଼ିକର ସନ୍ନିବେଶ ପୁସ୍ତକଟି ପ୍ରତି ପାଠକଙ୍କର ଭାବୋଚ୍ଛ୍ୱାସ ତଥା ପ୍ରଗାଢ଼ ଅନୁରାଗ ସୃଷ୍ଟି କରିବ । ଦ୍ୱିତୀୟା ଓଷାରେ ନଦୀକୂଳରେ ସାରୁପତ୍ରରେ ଚିଲ-ଶିଆଳଙ୍କ ଉଦ୍ଦେଶ୍ୟରେ ଗଜାମୁଗ-ଗଜାବୁଟ-ଗୁଡ଼ ପ୍ରଭୃତି ଉତ୍ସର୍ଗ କରିବା କଥା ପଢ଼ିଲାବେଳେ ମୁଁ ଓ ମୋ ବଡ଼ଭଉଣୀ ଇନ୍ଦୁରେଖାଙ୍କ ଆଖି ଲୁହଛଳଛଳ ହୋଇଗଲା । କାରଣ ପିଲାଦିନେ ବଡ଼ଭଉଣୀ ମୋ ପ୍ରଶ୍ନର ଉ ରରେ ଚିଲ-ଶିଆଳଙ୍କୁ ଏପରି ଦିଆଯାଏ ବୋଲି ମୋତେ କହିଥିଲେ ।

ଗାଁରେ ନୀରବିଗଲାଣି କେନ୍ଦରାଗୀତ, ରଜରେ ନାଗରା । ବିରଳ ହେଲାଣି ବାଉଁଶରାଣୀ-କଣ୍ଢେଇନାଚ-ସାପଖେଳ । ଅର୍ଥୋପାର୍ଜନ କାମନାରେ ସହରାଭିମୁଖୀ ଲୋକେ ଗାଁର ଏସବୁ ଚଳଣି କ୍ରମଶଃ ଭୁଲିବାକୁ ଶ୍ରେୟଃ ମଣିଲେଣି । ନିଜ ଗାଁର ପରିଚୟ ଦେବାକୁ ଲଜ୍ଜା -ସଙ୍କୋଚ ବୋଧ କଲେଣି । ଗାଁରେ ବି କିଛି କିଛି ସହରୀ ସୁବିଧା ମିଳିଲାଣି । ଦୋକାନ-ବଜାର-ସ୍କୁଲ-ଅଫିସ ଖୋଲୁଛି ସତ, ମାତ୍ର ସେକାଳର ସରଳ ପଲ୍ଲୀଜୀବନର ସରସତା-ମାଧୁର୍ଯ୍ୟ-ଉଚ୍ଛ୍ୱାସ ଓ ଉଲ୍ଲାସ ଯେଉଁମାନେ

ଅନୁଭବ କରିଛନ୍ତି, ସେମାନେ କହିବେ, "ସ୍ମୃତି ସେ'ତ କେଭେ ନୁହେଁ ପିଙ୍ଗିବାର, ଫିଙ୍ଗିପାରିଲେ ସେ ଲଭନ୍ତା ନିସ୍ତାର ।" ତାହା ହୃଦୟ-ଦର୍ପଣରେ ଚିରସବୁଜ ହୋଇ ରହିଥିବ ।

ଶ୍ରୀ ଅଭୟ ଚରଣ ମହାନ୍ତି ମହୋଦୟ ମଲ୍ଲୀପୁର ଗ୍ରାମର ଏପରି ଭାବୋଚ୍ଛ୍ୱାସମୟ ଚିତ୍ର ଉପସ୍ଥାପନ କରିପାରିଥିବାରୁ ଏବଂ ଓଡ଼ିଶା ସରକାରୀ କଲେଜ ଶିକ୍ଷକ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ମୋର ବନ୍ଧୁ ଡଃ ନାରାୟଣ ମହାନ୍ତି ଏହାର ପ୍ରକାଶନ ଦାୟିତ୍ୱ ବହନ କରିଥିବାରୁ ଉଭୟଙ୍କୁ ପରମ ସମ୍ମାନ ସହିତ ପ୍ରଣତିଅର୍ଘ୍ୟ ନିବେଦନ କରୁଛି ।

**ଡଃ ପତିତପାବନ ବାନାର୍ଜୀ**
ଅଧ୍ୟକ୍ଷ (ଅବସରପ୍ରାପ୍ତ)
ଏନ୍.ସି. (ସ୍ୱୟଂଶାସିତ) ମହାବିଦ୍ୟାଳୟ
ଯାଜପୁର

କୁଆଁପାଳ
ତା୨୦।୦୨।୨୦୧୪ରିଖ

# ଆଭିମୁଖ୍ୟ...

ଶ୍ରୀଜଗନ୍ନାଥ ମନ୍ଦିରର ମାଦଳାପାଞ୍ଜି ଶ୍ରୀକ୍ଷେତ୍ରର ଐତିହ୍ୟ ଓ ପରମ୍ପରାକୁ ଧରିରଖିଛି । ପୁରାକାଳରେ ଶ୍ରୀମନ୍ଦିରରେ ପୂଜିତ ଦେବାଦେବୀ, ସେକାଳର ପୂଜାବିଧି ଆଦି ମାଦଳାପାଞ୍ଜିରେ ଲିପିବଦ୍ଧ ହୋଇରହିଛି । ସେହି ପଦ୍ଧତି ଆଜି ବି ପ୍ରଚଳିତ ।

ଇତିହାସ ହିଁ ମନୁଷ୍ୟ ସମାଜକୁ ନିୟନ୍ତ୍ରିତ କରିଥାଏ । ଆଧୁନିକ ସମାଜ ପୂର୍ବର ଚଳଣି ଓ ପରମ୍ପରାକୁ ଲଂଘନ କରିବାକୁ ଉଦ୍ୟତ ହେଲେ ବି ତହିଁରୁ ବିଚ୍ୟୁତ ହୋଇପାରିନାହିଁ । ଗାଁଗହଳି ଓ ନଗରଗୁଡ଼ିକର ଇତିହାସ ଅଧିକାଂଶସ୍ଥଳେ ବିଲୋପପ୍ରାପ୍ତ । ନିଜ ଗାଁମାଟିର ଇତିବୃ  ଆଜି ଶ୍ରୁତିପଥରୁ ଅପସାରିତ । ସଂଗୃହୀତ ଇତିହାସକୁ ଲିପିବଦ୍ଧ କରିବାର ଅଭିଳାଷ ସମୁଦ୍ରକୁ ଶଂଖେ ପାଣି ତୁଲ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ ।

ମା' ଶାରଳାଙ୍କ ଶରଣାପନ୍ନ ହୋଇ ଗ୍ରାମର ଯତ୍କି ିତ୍ ଚଳଣି ଓ ପରମ୍ପରାକୁ ଅବତାରଣା କରିବା ପାଇଁ ପ୍ରୟାସ କରିଅଛି । ମୋଟାମୋଟି ଗାଁର ଅର୍ଦ୍ଧଶତାବ୍ଦୀର ଇତିହାସ (୧୯୦୦ରୁ ୧୯୫୦)କୁ ଲିପିବଦ୍ଧ କରିଅଛି । ସଂଗୃହୀତ ତଥ୍ୟରେ ଭୁଲଭଟକା ଅବଶ୍ୟ ଥାଇପାରେ । ତାହା ଦୃଷ୍ଟିକୁ ଆଣିଲେ ପରବ ୀ ସଂସ୍କରଣରେ ସଂଶୋଧନ କରିଦିଆଯିବ । ଉକ୍ତ ପୁସ୍ତକକୁ ଧ୍ୟାନପୂର୍ବକ ପାଠ କରିବାର ଧୈର୍ଯ୍ୟ ଯୁବଗୋଷ୍ଠୀର କମ୍ ହୋଇପାରେ, କିନ୍ତୁ ବୟସ୍କ ବ୍ୟକ୍ତିମାନେ ଏହା ପାଠ କରିବାକୁ କଦାପି ବୀତସ୍ପୃହ ହେବେନାହିଁ ବୋଲି ଆଶା କରେ । ଏଣୁ ଏହାକୁ ଧ୍ୟାନର ସହ ପାଠ କରିବାକୁ ବିନମ୍ର ନିବେଦନ କରୁଛି । ଏହାଦ୍ୱାରା ସେମାନେ ପୂର୍ବସୂରିମାନଙ୍କ ସମ୍ବନ୍ଧରେ ଅବଗତ ହେବାର ସୁଯୋଗ ଲାଭ କରିବେ ବୋଲି ଆଶା କରୁଛି ।

ପାଣ୍ଡୁଲିପିର ସମ୍ପାଦନା ତଥା ପ୍ରକାଶନ ଦିଗରେ ମୋର ପୁତୁରା ମ ୁ (ଅଧ୍ୟାପକ ନାରାୟଣ ମହାନ୍ତି)ର ଅବଦାନକୁ ପ୍ରଶଂସା ନକରି ରହିପାରୁନାହିଁ । ତାକୁ ସମ୍ପାଦନାରେ ସାହାଯ୍ୟ ଓ ସହଯୋଗ ଯୋଗାଇ

ଦେଇଥିବା ଗ୍ରାମବାସୀ ଶ୍ରୀ ନିମାଇଚରଣ ମହାନ୍ତି, ଶ୍ରୀ ଉମାଚରଣ ମହାନ୍ତି, ଶ୍ରୀ ରମାନାଥ ମହାନ୍ତି, ଶ୍ରୀ ଅଲେଖ ଭୋଇ ଓ ଶ୍ରୀ ରାଧୁ ଭୋଇଙ୍କୁ ଧନ୍ୟବାଦ ଜଣାଉଛି । ସେହିପରି ପ୍ରକାଶନରେ ଅକ୍ଲାନ୍ତ ପରିଶ୍ରମ କରିଥିବା ଶ୍ରଦ୍ଧେୟ ସୁଶାନ୍ତ କୁମାର ଦାସ ଓ ଶ୍ରଦ୍ଧେୟା ଝୁଲନ୍ ବରୁଆଙ୍କୁ ମଧ୍ୟ ଧନ୍ୟବାଦ ଜଣାଉଛି ।

ମଲ୍ଲୀପୁର **ଅଭୟ ଚରଣ ମହାନ୍ତି**
ତା୦୮।୦୪।୨୦୧୪ରିଖ
ଶ୍ରୀରାମ ନବମୀ

# ସୂଚୀପତ୍ର


| | | |
|---|---|---|
| ✸ | ପ୍ରାକ୍-କଥନ | ୧୧ |
| ✸ | ଶିକ୍ଷା | ୧୨ |
| ✸ | ଅର୍ଥନୀତି | ୧୪ |
| ✸ | ସାମାଜିକ ସେବା | ୧୮ |
| ✸ | ପର୍ବପର୍ବାଣି | ୨୦ |
| ✸ | ସ୍ୱାସ୍ଥ୍ୟ ଓ ପରିମଳ | ୩୧ |
| ✸ | ଖାଦ୍ୟ ଓ ପାନୀୟଜଳ | ୩୬ |
| ✸ | ଜୀବିକା | ୩୮ |
| ✸ | ଗ୍ରାମଦେବତୀ | ୩୯ |
| ✸ | ସିଦ୍ଧ ବରେଇ ଗୋସାଇଁ ପୀଠ | ୪୦ |
| ✸ | ବିବାହ ଆଦି ଶୁଭକାର୍ଯ୍ୟ | ୪୩ |
| ✸ | ପୋଷାକ ପରିଚ୍ଛଦ | ୪୮ |
| ✸ | ମନୋରଂଜନ | ୪୯ |
| ✸ | ଗମନାଗମନ | ୫୦ |
| ✸ | ପ୍ରଶାସନ | ୫୨ |
| ✸ | ଖାଦ୍ୟ ପ୍ରସ୍ତୁତି | ୫୪ |
| ✸ | ପରିବେଶ ଓ ବନ୍ୟଜନ୍ତୁ | ୫୪ |
| ✸ | ପୁରୀ ବାବା | ୫୭ |
| ✸ | ଶ୍ରାଦ୍ଧକର୍ମ | ୫୮ |
| ✸ | ପାରିବାରିକ ପରିସଂଖ୍ୟାନ | ୫୯ |
| ✸ | ଅସ୍ପୃଶ୍ୟତା ଦୂରୀକରଣ | ୮୦ |

# ପ୍ରାକ୍-କଥନ

ମଲ୍ଲିପୁର ଗ୍ରାମର ଇତିହାସ ବିଗତ ବିଂଶ ଶତାବ୍ଦୀର ଆରମ୍ଭରୁ ୫୦ ବର୍ଷ ପର୍ଯ୍ୟନ୍ତ ଅବତାରଣା କରିବାକୁ ଏଠାରେ ପ୍ରୟାସ କରାଯାଇଛି । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଗ୍ରାମଟି ପାଏନ୍ଦା ପରଗଣାରେ ଅବସ୍ଥିତ ଥିଲା । ସ୍ୱାଧୀନତା ପରେ ପରଗଣା ରେକର୍ଡ଼ରୁ ଏହାକୁ ବାଦ୍‌ଦିଆଯାଇଛି । କିନ୍ତୁ ଗ୍ରାମଟି କିଶୋରନଗର ଥାନାର ଅନ୍ତର୍ଗତ ଅଛି । ସ୍ୱାଧୀନତା ହାସଲ ପୂର୍ବରୁ ଗ୍ରାମ ଜୀବନ ଅବହେଳିତ, ନିଷ୍ପେଷିତ ଓ ଅଶିକ୍ଷାର ଅନ୍ଧକାର ମଧ୍ୟରେ ରହିଥିଲା ।

ଗ୍ରାମର ଉ ର ପାର୍ଶ୍ୱରେ ମହାନଦୀ ପ୍ରବାହିତ; ଦକ୍ଷିଣରେ ସୁଦୀର୍ଘ ଶସ୍ୟକ୍ଷେତ୍ର; ପୂର୍ବରେ ବିସ୍ତୀର୍ଣ୍ଣ ଦଡ଼ଦଣ୍ଡା ଓ ହାଡୁଆଳୀ ନାମକ ଜଙ୍ଗଲ; ପଶ୍ଚିମରେ ପଡ଼ିଆପ୍ରାନ୍ତର ଓ ଭୋଇପଡ଼ା ଗ୍ରାମ । ଗ୍ରାମର ବାସିନ୍ଦା କେବଳ କରଣ ଓ ଭୋଇ । ଦୁଇ କରଣ ସାହିରେ ମୋଟ୍ ୩୦/୩୨ଟି ପରିବାର; ଭୋଇ ସାହିରେ ୭/୮ଟି ପରିବାର । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଲୋକସଂଖ୍ୟା ୩୦୦ ଭିତରେ ଥିଲା ।

ଗ୍ରାମର ୩/୪ଟି ପରିବାର ଚାଷୀ; ୨/୩ଟି ପରିବାରର ମୁଖ୍ୟ ଜମିଦାରଙ୍କ ଗୁମାସ୍ତା ଓ କର୍ମଚାରୀ । ଏମାନଙ୍କୁ ବାଦ୍‌ଦେଲେ ଅବଶିଷ୍ଟ ପରିବାରର ଆର୍ଥିକ ସ୍ଥିତି ଦୁଃସ୍ଥ ଥିଲା । କରଣ ସାହିର ଦକ୍ଷିଣରେ ଭୋଇ ସାହି । ଏହାର ବାସିନ୍ଦା ଭୂମିହୀନ । ଏମାନେ ଭାଗଚାଷ କରୁଥିଲେ । ସାମନ୍ତମାନଙ୍କ ଘରେ କୃଷି-ଶ୍ରମିକ ଭାବେ କାମ କରୁଥିଲେ । ଗୃହପାଳିତ ପଶୁ ଓ କୁକୁଡ଼ାବତକ ପାଳନ ମଧ୍ୟ କରୁଥିଲେ ।

ଗ୍ରାମର କେବଳ ମାର୍କଣ୍ଡ ମହାନ୍ତିଙ୍କର ଦୁଇ ବଖରା ବିଶିଷ୍ଟ ପକ୍କା ବା ଛାତଘର ଥିଲା । ନଦୀଆ ବିହାରୀ ମହାନ୍ତିଙ୍କର ଟିଣଛପର ଧାଡ଼ିଏ ଇଟାକାନ୍ଥର ଘର ଥିଲା । ଅନ୍ୟମାନଙ୍କର ଝାଟିମାଟି କାନ୍ଥ ବା ଖାଲି ମାଟିକାନ୍ଥର ନଡ଼ାଛପର ଚାଳଘରମାନ ଥିଲା ।

# ଶିକ୍ଷା

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଗ୍ରାମରେ କେହି ଗ୍ରାଜୁଏଟ୍ ନଥିଲେ । କେବଳ ୩/୪ ଜଣ ମାଟ୍ରିକ୍ ପାସ କରିଥିଲେ । ମାର୍କଣ୍ଡ ମହାନ୍ତି ଗ୍ରାମରେ ଧନୀ ବ୍ୟକ୍ତି ଥିଲେ । ସେ ତାଙ୍କ ଘରେ ଗିରିଧାରୀ ନାୟକ ନାମକ ମାଟିବଂଶ ଅବଧାନଙ୍କୁ ରଖାଇ ପିଲାମାନଙ୍କୁ ପଢ଼ାଇବାର ବ୍ୟବସ୍ଥା କରିଥିଲେ । ଶତାବ୍ଦୀର ତୃତୀୟ ଦଶକରେ ମଲ୍ଲୀପୁର ବାଳିକା ବିଦ୍ୟାଳୟକୁ ଗ୍ରା  ମିଳିଥିଲା । ସେଠି ପଦ୍ମଲୋଚନ ମହାନ୍ତି (ନିଖ ସାର୍) ରହି ପିଲାମାନଙ୍କୁ ପଢ଼ାଉଥିଲେ । ପରେ ଗ୍ରା  ବନ୍ଦ ହୋଇଯାଇଥିଲା ଏବଂ ତା'ର ୨/୩ ବର୍ଷ ବାଦ୍ ବିଦ୍ୟାଳୟ ବି ବନ୍ଦ ହୋଇଯାଇଥିଲା । ମାର୍କଣ୍ଡ ମହାନ୍ତିଙ୍କ ମୃତ୍ୟୁ ପରେ ଗ୍ରାମ ଶିକ୍ଷାକ୍ଷେତ୍ରରେ ଅବହେଳିତ ହୋଇପଡ଼ିଥିଲା । ଚତୁର୍ଥ ଦଶକରେ ମହେନ୍ଦ୍ର ମହାନ୍ତି (ଯୁଧିଷ୍ଠିର ମହାନ୍ତିଙ୍କ ପୁତ୍ର) ନିଦିଆ ବିହାରୀ ମହାନ୍ତିଙ୍କ ଘରେ ଚାଟଶାଳୀ ଆରମ୍ଭ କରିଥିଲେ । କମ୍ ବୟସରେ ତାଙ୍କର ଅକାଳ ବିୟୋଗ ଘଟିଥିଲା । ତତ୍କାଳୀନ ଲୋକାଲ ବୋର୍ଡ଼ର ଅଧକ୍ଷ ରାଜକୃଷ୍ଣ ବୋଷ ଗ୍ରା  ମଞ୍ଜୁର କରାଇଥିଲେ ଓ ବଂଶୀଧର ପଣ୍ଡାଙ୍କୁ ଶିକ୍ଷକ ରୂପେ ନିଯୁକ୍ତ କରି ପଠାଇଥିଲେ । ସେ ମହାଶୟ ନଦିଆ ବିହାରୀ ମହାନ୍ତିଙ୍କ ଘରେ ରହି ତାଙ୍କ ପ୍ରଦ  ଏକ ପ୍ରକୋଷ୍ଠରେ ସ୍କୁଲ କାର୍ଯ୍ୟ ପରିଚାଳନା କରୁଥିଲେ । ଆଖପାଖରେ ସ୍କୁଲ ନଥିବାରୁ ମଙ୍ଗଦେଇପୁର, ପାଟଣାସାହି ଓ ଭୋଇପଡ଼ାରୁ ପିଲାମାନେ ପଢ଼ିବାକୁ ଆସୁଥିଲେ । ପରେ ସରକାରୀ ଅନୁଦାନ ଓ ଗ୍ରାମବାସୀଙ୍କ ସାହାଯ୍ୟସହଯୋଗରେ ନଦୀକୂଳରେ ସ୍କୁଲଗୃହ (ଚାଳଘର) ନିର୍ମିତ ହୋଇଥିଲା । ଏହା ସଂପୂର୍ଣ୍ଣ ହେଲା ପରେ ସ୍କୁଲ ଏଠାକୁ ଉଠାଇ ଅଣାଯାଇଥିଲା ।

ପୂର୍ବରୁ ଉଲ୍ଲିଖିତ ଗିରିଧାରୀ ନାୟକଙ୍କ ଶିକ୍ଷା ପଦ୍ଧତି ନିମ୍ନ ପ୍ରକାରେ ଥିଲା । ପିଲାମାନଙ୍କୁ ପ୍ରତ୍ୟୁଷରୁ ମଳତ୍ୟାଗ କରି ଚାଟଶାଳୀକୁ ଆସିବାକୁ ହେଉଥିଲା । ଅବଧାନେ ଠିକ୍ ସମୟରେ ଆସି ପିଲାମାନଙ୍କୁ 'ଶୂନ' ଦେଉଥିଲେ । ଯେ ସବାଆଗ ଆସୁଥିଲା, ସେ 'ଶୂନ' ପାଉଥିଲା । ତା'ପରେ ଆସୁଥିବା ପିଲାମାନେ ଦୁଇ ପାପୁଲି ଯୋଡ଼ି ଛିଡ଼ା ହେଉଥିଲେ ଏବଂ ସେ କ୍ରମାନ୍ୱୟରେ ୧, ୨, ୩, ... ଥର ବେତରେ ବାଡ଼ଉଥିଲେ । ପ୍ରାର୍ଥନା ପରେ ଚଟେଇରେ ପିଲାମାନେ

ବସୁଥିଲେ । ଅବଧାନେ ମଧ୍ୟ ତଳେ ଚଟେଇ ପକାଇ ବସୁଥିଲେ । ଆରମ୍ଭରେ ପିଲାମାନଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର– ଏପରି ୩ଟି ମୁଣ୍ଡୁଳା କାଟିଦେଉଥିଲେ । ପିଲାମାନେ ମାଟି ଖଡ଼ିରେ ସେହି ମୁଣ୍ଡୁଳାକୁ ମଡ଼ାଉଥିଲେ । ପରେ ଅ, ଆ, କ, ଖ ଆଦି ସିଲଟରେ ଲେଖି ମଡ଼ାଉଥିଲେ । ବର୍ଣ୍ଣବୋଧ ଶିକ୍ଷା ସହ ଗଣିତରେ ସାଧା ପଣିକିଆ, କଡ଼ାଗଣ୍ଡା ଓ ପାହି ପଣିକିଆ, ନଳକଷା, ମିଶାଣ, ଫେଡ଼ାଣ, ଗୁଣନ, ହରଣ ଆଦି ଶିକ୍ଷା ଦିଆଯାଉଥିଲା । ଯେଉଁ ପିଲା ବୁଝାଇବାବେଳେ ଅନ୍ୟମନସ୍କ ରହୁଥିଲା ବା ଦୁଷ୍ଟାମି କରୁଥିଲା, ତାକୁ ଏକଗୋଡ଼ିଆ ଛିଡ଼ା କରାଇବା, ଆଣ୍ଠୋଇ ଦେବା, ମୁଣ୍ଡଳି କରି ଆଣ୍ଠୁମାଡ଼ି ବସି ହାତ ଟେକିବା ଆଦି ବିଭିନ୍ନ ପ୍ରକାର ଦଣ୍ଡ ଦିଆଯାଉଥିଲା । ତା' ଛଡ଼ା କଠିନ ବେତ୍ରାଘାତ ମଧ୍ୟ କରାଯାଉଥିଲା । କେତେକ ପିଲା ଏସବୁ ସମ୍ଭାଳି ନପାରି ଅଧାରୁ ପାଠ ଛାଡୁଥିଲେ । ତା'ଛଡ଼ା କେତେକ ବାପମା' ପିଲାଙ୍କୁ ଅତ୍ୟଧିକ ସ୍ନେହଶ୍ରଦ୍ଧା ଯୋଗୁଁ ପାଠ ଛଡ଼ାଇଦେଉଥିଲେ ।

ଏ ତ ଗଲା ଚାଟଶାଳୀ ପାଠ ସମ୍ପର୍କୀତ କଥା । ବିଦ୍ୟାଳୟ ଗ୍ରା ପାଇବା ପରେ ମାର୍କଣ୍ଡ ମହାନ୍ତିଙ୍କ ଘର ଆଗରେ ନିଖ ସାର୍ ଶିକ୍ଷାଦାନ କଲେ । ପିଲାମାନଙ୍କୁ, ବିଶେଷତଃ ଝିଅ ପିଲାମାନଙ୍କୁ ବିଦ୍ୟାଳୟକୁ ଆଣି ପହ ।ଇବାର ଦାୟିତ୍ୱ ନାବିବୋଉ ବୁଢ଼ୀ ଉପରେ ଥିଲା । ସେ ଘର ଘର ବୁଲି ପିଲାମାନଙ୍କୁ ଡାକି ବିଦ୍ୟାଳୟରେ ପହ ।ଉଥିଲେ । କ୍ରମଶଃ ଶିକ୍ଷାକ୍ଷେତ୍ରରେ ସଂସ୍କାର ଆସିଲା । ପିଲାମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହେଲା । ସେସମୟରେ ଅଣ-ଟ୍ରେଣ୍ଡ ଶିକ୍ଷକଙ୍କ ମାସିକ ଦରମା ପା ଟଙ୍କା ଏବଂ ଭର୍ଣ୍ଣାକୁଲାର ଟ୍ରେନିଂ ପାଇଥିବା ଶିକ୍ଷକଙ୍କ ଦରମା ସାତଟଙ୍କା ଥିଲା । ନିମ୍ନ ପ୍ରାଥମିକ ଶିକ୍ଷା ପରେ ମାଇନର ପଢ଼ିବାକୁ ସାମନ୍ତରାପୁର ଯିବାକୁ ହେଉଥିଲା । ମାତ୍ର ୧୦/୧୨ ଜଣ ମାଇନର ପଢୁଥିଲେ । ହାଇସ୍କୁଲ ସାଲେପୁର, ଜଗତସିଂହପୁର ଓ କଟକରେ ଥିଲା । ଏଣୁ ମାତ୍ର ୩/୪ ଜଣ ପିଲା ମାଟ୍ରିକ୍ ପଢୁଥିଲେ । ବିଦେଶରେ ଚାକିରି କରିଥିବା ବ୍ୟକ୍ତି ସେମାନଙ୍କ ପିଲାମାନଙ୍କୁ କଲେଜକୁ ପଠାଉଥିଲେ । ଅର୍ଦ୍ଧଶତାବ୍ଦୀ ସମାପ୍ତି କାଳରେ ଅର୍ଥାତ୍ ୧୯୫୦ ମସିହାବେଳକୁ ଗ୍ରାମରେ ୧୨ ଜଣ ମାଟ୍ରିକ୍ ଓ ୪ ଜଣ ଗ୍ରାଜୁଏଟ୍ ଥିଲେ ।

# ଅର୍ଥନୀତି

ଗ୍ରାମର ୭/୮ ଜଣ ବ୍ୟକ୍ତି ରାଜରାଜୁଡ଼ା ଇଲାକାରେ ଗୁମାସ୍ତା, ସିପାହି ଓ ଅମିନ ଆଦି କାର୍ଯ୍ୟ କରୁଥିଲେ । ସେମାନଙ୍କର ମାସିକ ବେତନ ପା ଟଙ୍କାରୁ ସାତଟଙ୍କା ଭିତରେ ଥିଲା । ତହିଁରେ ସେମାନେ ଯେନତେନ ପ୍ରକାରେ ପରିବାର ଚଳାଇ ପିଲାମାନଙ୍କୁ ମାଇନର ପର୍ଯ୍ୟନ୍ତ ପଢ଼ାଇବାକୁ ସକ୍ଷମ ହେଉଥିଲେ । ସେମାନଙ୍କର ଚାଷ-ଆୟ ନଥିଲା । ଅବଶ୍ୟ ଗାଈ ଓ ଛେଳି ରଖି ସେଥିରୁ ଦି'ପଇସା ପାଉଥିଲେ ।

ସେସମୟରେ ଓଡ଼ିଶାରେ ୫ଟି ଜିଲ୍ଲା ଥିଲା; ଯଥା – କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର ଓ ଅନୁଗୁଳ । ଏହାକୁ ମୋଗଲବନ୍ଦି କୁହାଯାଉଥିଲା । ତା'ଛଡ଼ା ୨୬ଟି ଗଡ଼ଜାତ (ରାଜରାଜୁଡ଼ାଙ୍କ ଶାସିତ ଅ ଳ) ଥିଲା । ଗ୍ରାମର ୪/୫ ଜଣ ବ୍ୟକ୍ତି ଏହି ଜାଗାଗୁଡ଼ିକରେ ଅସ୍ଥାୟୀ ଅମିନ ଚାକିରି କରୁଥିଲେ । ସେମାନେ ଖୁବ୍ କମ୍ ବେତନରେ ଅଶିକ୍ଷିତ ପ୍ରଜାମାନଙ୍କ ଜମି ମାପି ରେକର୍ଡ଼ କରାଉଥିଲେ । ସେମାନେ ଅସଦ୍ ଉପାୟରେ ପଇସା ଉପାର୍ଜନ କରୁଥିବା ଅଭିଯୋଗ ହେଉଥିଲା । ତା' ସ ୍ୱେ ସେମାନେ ସ ୟ କରିପାରୁନଥିଲେ । କାରଣ ଅଫିମ, ଗଞ୍ଜାଇ ଆଦି ନିଶାଦ୍ରବ୍ୟ ଖାଇ ପଇସା ଉଡ଼ାଇଦେଉଥିଲେ । ଆଜିକାଲି ପରି ସେସମୟରେ ମଦପାଣିର ବ୍ୟବହାର ନଥିଲା । ସେମାନଙ୍କର ଚାକିରି ସ୍ଥାୟୀ ନଥିଲା । ସେମାନେ ବର୍ଷାଋତୁ ଓ ଅନ୍ୟାନ୍ୟ ବେକାର ଦିନଗୁଡ଼ିକରେ ଘରକୁ ଚାଲିଆସୁଥିଲେ । ଏହି ସମୟରେ ବଦଖର୍ଚ୍ଚ କରି ନିସ୍ୱ ହୋଇଯାଉଥିଲେ । ପୁନଶ୍ଚ ଚାକିରିକୁ ଯିବାବେଳକୁ ଧାରକରଜ କରି ଯାଉଥିଲେ ।

ଆବଶ୍ୟକୀୟ ସଉଦାପତ୍ର କିଣିବାକୁ ଦୋକାନ ନଥିଲା । ଅଧିକାଂଶ ପରିବାରରେ ପୁରୁଷମାନେ ଚାକିରି କରି ବାହାରେ ରହୁଥିବାରୁ ସ୍ତ୍ରୀଲୋକମାନେ ହିଁ ଘରେ ରହୁଥିଲେ । ସେମାନେ ଗ୍ରାମକୁ ଆସୁଥିବା ମୁଣ୍ଡବୋଝିଆ ଦୋକାନୀଙ୍କଠାରୁ ଦ୍ୱାରମୁହଁରେ ତେଲ, ଲୁଣ ଆଦି ଆବଶ୍ୟକୀୟ ଜିନିଷ କିଣୁଥିଲେ । ମୁଣ୍ଡବୋଝିଆ ଦୋକାନୀମାନଙ୍କ ମଧ୍ୟରେ ହରି ସାହୁ ଖୁବ୍ ଆଦରଣୀୟ ଥିଲେ ।

ନିକଟସ୍ଥ ବାଲିଶୁକ୍ରୀ ମୌଜାର ତୈଳିକ ହରି ସାହୁ ଓ ତାଙ୍କ ଭାଇ ସିରିଆ ସାହୁ ସପ୍ତାହର ଏକ ନିର୍ଦ୍ଦିଷ୍ଟ ଦିନରେ ତେଲଚିକିଟା ବେତଟୋକେଇରେ

ତେଜରାତି ସାମଗ୍ରୀ ଧରି ଗ୍ରାମକୁ ଆସୁଥିଲେ । ସେ ଦୁଇଭାଇଙ୍କର ଚରିତ୍ର ଅବତାରଣା ନକଲେ ଗ୍ରାମ୍ୟ ଜୀବନର ନିଖୁଣ ଚିତ୍ର ମିଳିବ ନାହିଁ । ଦୁଇଭାଇ ୨ଟି ପସରା ମୁଣ୍ଡାଇ ଗ୍ରାମକୁ ଆସୁଥିଲେ । ସେମାନଙ୍କର ପରିଧେୟ ଥିଲା ୭/୮ ହାତିର ମଇଳା ଲୁଗା ଓ ତେଲଚିକିଟା ଗାମୁଛା । ସେମାନେ ମୁଣ୍ଡରେ ଠେକୋ ବାନ୍ଧୁଥିଲେ । ମୁଣ୍ଡର କେଶ ସ୍ତ୍ରୀଲୋକଙ୍କ କେଶ ପରି ଲମ୍ବା ଥିଲା ଓ ସେମାନେ ତହିଁରେ ଗଣ୍ଠି ବାନ୍ଧିଦେଉଥିଲେ । ମୁଣ୍ଡର ଚତୁଃପାର୍ଶ୍ୱରୁ ୧ ଇ  ଲମ୍ବର କେଶ କାଟିଦେଉଥିଲେ । କାନରେ ସୁନାନୋଳି ଓ ଅ  ।ରେ ବଟୁଆ ଥିଲା ।

ପସରା ମୁଣ୍ଡାଇ ହାତରେ କିରାସିନି ତେଲ ଥିବା ଟିଣ ଝୁଲାଇ ଦୁଇଭାଇ ଗାଁଦାଣ୍ଡରେ ପହ ୍ଯା'ନ୍ତି । ସେମାନେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଲୁଣ, ଜିରା, ଲଙ୍କା, ହଳଦୀ, ସୋରିଷ, ଫୁଟଣ, ସୋରିଷତେଲ, ନଡ଼ିଆତେଲ ଆଦି ଆଣିଥାନ୍ତି । ତେଲ ମାଟିମାଠିଆରେ ଓ ଅନ୍ୟାନ୍ୟ ସାମଗ୍ରୀ କନାମୁଣିରେ ରଖିଥାନ୍ତି । ଗୁଡ଼ହାଣ୍ଡି ଅନ୍ୟ ଏକ ପସରାରେ ଥାଏ । ଗାମୁଛା ପିନ୍ଧା ତଥା ଲଙ୍ଗଳା ପିଲା ହରି ସାହୁ ଆସିଲା ବୋଲି ପାଟି କରି ସେମାନଙ୍କ ଚାରିପାଖରେ ଘେରିଯାନ୍ତି । ଗୁଡ଼ ଟିକିଏ ଲେଖାଁ ଖାଇବା ସେମାନଙ୍କର ଉଦ୍ଦେଶ୍ୟ ଥାଏ । ହରି ସାହୁ ଗୁଡ଼ହାଣ୍ଡିରୁ ଟିପେ ଲେଖାଁ ଗୁଡ଼ ଆଣି ସେମାନଙ୍କ ହାତରେ ଦେଇଥାଏ । ସେମାନେ ଆଉ ଟିକିଏ, ଆଉ ଟିକିଏ କହି କଟାଳ କରନ୍ତି । ଏପରିକି ସେମାନେ ହରି ସାହୁକୁ ବିରକ୍ତ ମଧ କରନ୍ତି । ସେମାନଙ୍କ ମା'ମାନେ ପହ ୍ ଆକଟ କରିଥାନ୍ତି ।

ସଉଦା କିଣିବା ପାଇଁ ହରି ସାହୁ ବଡ଼ପାଟିରେ ଡାକଛାଡ଼େ । ଚିତ୍ରି ବୋଉ, କୁନ୍ଦି ବୋଉ, ବନା ବୋଉ, ଭାସ୍କରିଆ ବୋଉ ଆଦି ବୟସ୍କ ସ୍ତ୍ରୀଲୋକମାନେ ବାହାରିଆସନ୍ତି । କାହାରି ଘରେ ଭୁଆସୁଣୀ ବୋହୂ ଏକୁଟିଆ ଥିଲେ, ଏମାନଙ୍କ ହାତରେ ସଉଦା ମଗାଇ ନିଅନ୍ତି । ତେଲପଳା, ବାଉଁଶନଳୀ ତଥା କାଠଲଗା ବେତଦଣ୍ଡିରେ ଜିନିଷ ମାପି ହରି ସାହୁ ଦେଇଥାଏ । ମୁଣ୍ଡାଖଡ଼ିରେ ମାଟିରେ ଲେଖି ସେ ହିସାବ କରେ । ବାକି ରହୁଥିବା ପଇସା ମାଟିକାନ୍ଥରେ ଲେଖି ଦେଇଯାଏ । ଚାକିରିଆମାନେ ଦରମା ପାଇ ଘରକୁ ଟଙ୍କା ପଠାଇଲେ, ବାକିପଇସା ପାଇ ସେ କାନ୍ଥରୁ ଲିଭାଇ ଦେଇଥାଏ । ମୃତିକିଆ ତଥା ପର୍ବପର୍ବାଣୀରେ କାନ୍ଥ ଗୋବରକନାରେ ଲିପାପୋଛା ହେଉଥିଲେ ମଧ ଲେଖା ଥିବା ଅଂଶକୁ କେହି ଲିପନ୍ତି ନାହିଁ । ହରି ସାହୁ ଉଚିତ ମୂଲ୍ୟରେ କମ୍ ଲାଭରେ

ଜିନିଷ ଯୋଗାଇଥାଏ ଓ ମାପଓଜନରେ ମଧ୍ୟ ଠକାଇ ନଥାଏ । ଗହୀରବିଲ ପାଣିକାଦୁଅରେ ଆସି ସେ ନିୟମିତ ସଉଦାପତ୍ର ଦେଇଥାଏ । ବାଲିଶୁକ୍ରୀ ଗ୍ରାମରେ ତା'ର ମଧ୍ୟ ଏକ ଛୋଟ ଦୋକାନ ଥାଏ ।

ପାନ ଖାଇବା ଅଧିକାଂଶ ସ୍ୱଚ୍ଛଳ ବ୍ୟକ୍ତିଙ୍କର ଅଭ୍ୟାସ ଥିଲା । ବୟସ୍କ ବ୍ୟକ୍ତିମାନେ ପାନଡ଼ାଲା କରି ପାନ ଭାଙ୍ଗି ଖାଉଥିଲେ । ବିଶ୍ୱାଳପଡ଼ା ନିବାସୀ ବିସୁନି ବେହେରା ପାନଟୋକେଇରେ ଓଦାଲୁଗା ଘୋଡ଼ାଇ ଘର ଘର ବୁଲି ବଡ଼ପାଟିରେ ଡାକ ଦେଇଥାଏ । ଟୋକେଇକୁ ଗାମୁଛାରେ ବାନ୍ଧି ପିଠିରେ ଓହଳାଇଥାଏ । କାନ୍ଧରେ ଥାଏ ପାକଲା ଗାମୁଛା । ଛେନାପାଣିରେ ପକାଇ ଗାମୁଛା କଷ କରିଥିବାରୁ ତାହା ଈଷତ୍ ଲାଲ ପାଲଟିଥାଏ ଓ ଚମଡ଼ା ପରି କଠିଣ ହୋଇଥାଏ । କାନରେ ମୁକ୍ତେଶ୍ୱରମାଳର ଚମ୍ପାଫୁଲ ଖୋସିଥାଏ । ଅ ।ରେ ଥାଏ ରୂପାଭୁଣ୍ଡି ଲଗା ମଖମଲ କନାର ବିରାଟ ବଟୁଆ । ବଟୁଆରେ ଲବଙ୍ଗ, ଗୁଜୁରାତି, କେତେକୀ ଖଇର ଗୁଣ୍ଡ, ଯାଇଫଳ, ଚୂଆ ପକା ଧନିଆ ଗୁଣ୍ଡି ଥାଏ । ବୟସ୍କମାନେ ଚାହିଁଲେ ଭଙ୍ଗାପାନ ଦିଏ । ପାନଖିଆଳି ସମସ୍ତେ ବିସୁନି ବେହେରାର ଗ୍ରାହକ । ସେ ସାମାନ୍ୟ କାଲା ଥିବାରୁ ମୁଲଚାଲ କରିବାକୁ ଶବ୍ଦର କସରତ କରିବାକୁ ପଡ଼ିଥାଏ । ଟୋକେଇରେ ଥାଏ ଭଡ଼, ମଜିଲା ଓ ରାଶିପାନ । ପଚାଶଟାରେ କଡ଼ାଏ । ତା'ର ପାନ ଅଥଙ୍ଗା ଓ ବାମ୍ଫୁରି ପାନବରଜର । ସେ ନିଆଳୀ ପାନ ରଖେନାହିଁ । ତେଣୁ ତା'ର ଗ୍ରାହକ ସଂଖ୍ୟା ବେଶୀ । ତା' ବଟୁଆରୁ ପାନ ଭାଙ୍ଗି, ଚାହୁଁଥିବା ଗ୍ରାହକ ବା ବାହାର ଲୋକଙ୍କୁ ବା ିଥାଏ । ତାହା ଅତ୍ୟନ୍ତ ମୁଖରୋଚକ ହୋଇଥିବାରୁ ଚାହିଦା ମଧ୍ୟ ବଢ଼େ । ତା' ସ ୍ ପାନଖଣ୍ଡେ ନିଜ ହାତରୁ ଦେବାକୁ ସେ କେଭେଁ କଣ୍ଠିତ ହୁଏ ନାହିଁ ।

ସାଧୁ ମହାନ୍ତି ଓରଫ ସାଧୁ ଅଜା ସୋନପୁର ରାଜୁଡ଼ାରୁ ଚାକିରିରୁ ଅବସର ନେଇ ଗ୍ରାମକୁ ଆସି ତାଙ୍କ ଖଞ୍ଜା 'ହାତୀଅନ୍ତ'ରେ ବସି ଅଫିମ ବିକ୍ରି କରୁଥିଲେ । ସେ ଧୂଆଁପତ୍ର ମଧ୍ୟ ବିକ୍ରୟ କରୁଥିଲେ । ସନ୍ଧ୍ୟାବେଳେ ଭୋଇ ସାହିର କିଣା, ଫକିରା, ନିତିଆ ଆଦି ସେଠାରେ ପହ ୍ଥାନ୍ତି । ସାଧୁ ଅଜା ନିକିତିରେ ଅଫିମ ଓଜନ କରି ବରପତ୍ରରେ ପୁଟୁଳା ବାନ୍ଧି ବିକ୍ରି କରନ୍ତି । ବିଶେଷତଃ ମୁଗ, ବିରି, କୋଳଥ, ଧାନ, ଚାଉଳ ବଦଳରେ ଅଫିମ ବିକିଥାନ୍ତି । କ୍ୱଚିତ୍ ନଗଦ ପଇସାରେ ବିକ୍ରୟ କରିଥାନ୍ତି । ଭୋଇ ସାହିର ବୟସ୍କ ବ୍ୟକ୍ତିମାନେ ଧୂଆଁପତ୍ର ନେଇ ପିଙ୍କା ତିଆରି କରି ଟାଣନ୍ତି । ଏପରିକି ସ୍ତ୍ରୀଲୋକମାନେ ମଧ୍ୟ ଏହା

ଟାଣିଥାନ୍ତି । ସାଧୁ ଅଜାଙ୍କ ଦୋକାନରେ ଧୂଆଁପତ୍ର ଓ ଅଫିମଖୋରଙ୍କ ଗପର ଆସର ଜମେ । ପିଙ୍କା ଟାଣି ସେମାନେ ସେଠାରେ କଟୁ ଗନ୍ଧ ସୃଷ୍ଟି କରନ୍ତି । ସାଧୁ ଅଜା ୮୦ ବର୍ଷରୁ ଉର୍ଦ୍ଧ୍ୱ ବ଼ିଥିଲେ । କିନ୍ତୁ ମୃତ୍ୟୁଶଯ୍ୟାରେ ମାସାଧିକକାଳ ପଡ଼ିରହି ବହୁକଷ୍ଟ ପାଇଥିଲେ । ନିନ୍ଦୁକ ଲୋକେ କହୁଥିଲେ, ସାଧୁ ଅଜା ଅଫିମ ଓଜନରେ ଠକୁଥିବାରୁ ମୃତ୍ୟୁଶଯ୍ୟାରେ ହାତକୁ ଉପରକୁ ଟେକି ରଖୁଥିଲେ ।

ଦରଶନିଆ ଚୁଡ଼ିବାଲା ଚୁଡ଼ିର ପସରା ନେଇ ରଜ, କୁମାର ପୂର୍ଣ୍ଣିମା ଆଦି ପର୍ବପର୍ବାଣୀରେ ରାମଚନ୍ଦ୍ରପୁର ଗ୍ରାମରୁ ଆସି ଘର ଘର ବୁଲି ଝିଅବୋହୂଙ୍କୁ ଚୁଡ଼ି ପିନ୍ଧାଇଥାଏ । ତା'ଛଡ଼ା ସୁଦୂର ଗଞ୍ଜାମ ବ୍ରହ୍ମପୁର ଅ ଳରୁ ତେଲେଙ୍ଗା ଲୋକ ବାହୁଙ୍ଗୀଦ୍ୱାରା ଦୁଇପାଖରେ କାଚ ଝୁଲାଇ ବର୍ଷରେ ୨/୩ ଥର ଗ୍ରାମକୁ ଆସନ୍ତି । ସେମାନେ ମଧ୍ୟ ନିଃସଂକୋଚରେ ଝିଅବୋହୂଙ୍କୁ କାଚ ପିନ୍ଧାଇଥା'ନ୍ତି । ସେମାନେ ଗ୍ରାମରେ ରାତ୍ରିଯାପନ କରନ୍ତି । ସେମାନେ ଶୀତ ଚଦର, କମ୍ବଳ, ଗଂଜି, ଗାମୁଛା ଆଦି ମଧ୍ୟ ଆଣିଥାନ୍ତି । ବିଶେଷତଃ ଭୋଇ ସାହିରେ ଏସବୁ ଦାଦନ ବା ବାକିରେ ଦିଅନ୍ତି । ଫସଲ ଅମଳ ପରେ ଅର୍ଥାତ୍ ମାଘ ବା ପୌଷ ମାସରେ ଆସି ବାକି ପଇସା ନେଇଯାନ୍ତି । ତା'ଛଡ଼ା ଆହୁରି ରକମର ଜିନିଷ ମଧ୍ୟ ଯୋଗାଇଥାନ୍ତି । ଝିଅ ବିଭାଘରରେ ଯୌତୁକ ପାଇଁ ଭଟିମୁଣ୍ଡାର କଂସାରୀମାନେ ଆସି କଂସା, ଗରା, କୁଣ୍ଡ, ଥାଳି, ଗିନା ଆଦି ଚାହିଦା ମୁତାବକ ଦେଇଥାନ୍ତି । କିଛି ବାକି ରହିଲେ ସେମାନେ ଅମଙ୍ଗ ହୁଅନ୍ତି ନାହିଁ । ଏପରିକି ମାସେ ଦୁଇମାସରେ ଥରେଅଧେ ଗାଁରେ ବୁଲିଯାନ୍ତି ।

ପାଟରା ସଂପ୍ରଦାୟର ବେପାରୀ ମନୋହରି ସାମଗ୍ରୀ ଯଥା ଫିତା, ରିବନ୍, ଅଳତା, ପାଉଡ଼ର, ବାସନାତେଲର ପସରା ନେଇ ଗାଁରେ ପହ଼ଥାନ୍ତି । ଝିଅବୋହୂ ସେମାନଙ୍କ ପସନ୍ଦ ମୁତାବକ ଜିନିଷ ବାଛନ୍ତି ଏବଂ ମାଆ ଓ ଶାଶୁମାନେ ପଇସା ତୁଟାଇ ପୈଠ କରନ୍ତି । ଭୋଇ ସାହିର ଝିଅବୋହୂ ଗୋଡ଼ମୁଦି, ପାଟଫୁଲ, ଚଅଁର ଆଦି କିଣି ଲଗାନ୍ତି । ସେମାନଙ୍କର ଆର୍ଥିକ ସମ୍ବଳ ବେଶୀ ନଥାଏ ।

ମଙ୍ଗଦେଇପୁର ଗ୍ରାମର କେଉଟ ସଂପ୍ରଦାୟର ଉଦିଆ ମା' ଓ ଗନ୍ଧିଆ ମା' ଚୁଡ଼ା, ହୁଡୁମ ଆଦି ଟୋକେଇରେ ଆଣି ପାହିଲିରେ ମାପି ଦେଇଥାନ୍ତି । ସେରେ ଚୁଡ଼ା ଦେଲେ ଦୁଇସେର ଧାନ ନେଇଥାନ୍ତି । ସେହିପରି ହୁଡୁମ ସେରେକେ

ସେରେ ବଦଳରେ ଦେଇଥା'ନ୍ତି । ମଙ୍ଗଦେଇପୁର କେଉଟ ସାହିରୁ ପ୍ରତ୍ୟୁଷରେ ଚୁଡ଼ା କୁଟା ଶବ୍ଦ ଗାଁକୁ ଶୁଭିଥାଏ । ଏ ଚୁଡ଼ା କୁଟା ଅଦ୍ଭୁତ ରକମର । କେଉଟର ସ୍ତ୍ରୀ ଅର୍ଥାତ୍ କେଉଟୁଣୀ ଚୁଲିରେ ହାଣ୍ଡି ବସାଇ ଭିଜାଧାନକୁ ବାଲିରେ ଭାଜି ଢିଙ୍କି ମୁଣ୍ଡରେ ଦିଏ । ଅନ୍ୟ ଜଣେ ସ୍ତ୍ରୀ ବା ପୁରୁଷ ଢିଙ୍କିରେ ଚଢ଼ି ପାହାର ପକାଇ ତାହା କୁଟାଏ । ଧାନ ଢିଙ୍କି ଭରାଣ୍ଡିଠାରୁ ଚୁଡ଼ା ଢିଙ୍କି ଭରାଣ୍ଡି କମ୍ ଖାଲ ହୋଇଥିବାରୁ ବାରମ୍ବାର ଭିଜାଧାନକୁ ଭରାଣ୍ଡିରେ ଲେଉଟାଇବା ପାଇଁ ସାବଧାନତା ଅବଲମ୍ବନ କରିବାକୁ ପଡ଼େ । ନଚେତ୍ ହାତ କୁଟି ହୋଇଯିବାର ଆଶଙ୍କା ଥାଏ । ବାହାନିମି ଓ ଶୁଦ୍ଧିକାର୍ଯ୍ୟରେ ଅଧିକ ଚୁଡ଼ା, ହୁଡୁମ ଆବଶ୍ୟକ ପଡ଼ିଥାଏ । ନଈ ସେପାରିର ଧୋବଣୀ ମା'କୁ ବଇନା ଦେଲେ ସେ ତାହା ଯୋଗାଇଦେଇଥାଏ ।

ଗୁଡ଼ିଆ ସମ୍ପ୍ରଦାୟର ଗନ୍ଧିଆ ମା' ଓ ବିମ୍ବା ମା' ମୁଢ଼ିର ପସରା ନେଇ ପାଳି କରି ଆସନ୍ତି । ଧାନ, ଚାଉଳ ବଦଳରେ ଉଭୟ କରଣ ସାହି ଓ ଭୋଇ ସାହିରେ ସେମାନେ ମୁଢ଼ି ଦେଇଥାନ୍ତି । ସନେଇ ବେହେରା ସ୍ତ୍ରୀ ଚମ୍ପା ମା' ପୁନେଇପର୍ବ ଓ ଓଷାବ୍ରତ ଆଦିରେ ଘୋଳଦହି ଓ ମାଟିବଢ଼ାରେ ଛେନାଖଣ୍ଡ ନେଇ ଆସିଥାଏ । ଅନ୍ୟ ଦିନଗୁଡ଼ିକରେ ଦରକାର ପଡ଼ିଲେ ବଇନା ଦେଲେ ବରାଦ ମୁତାବକ ଦହି ଓ ଛେନା ଯୋଗାଇଥାଏ । ନିଜ ପାଖରେ ନଥିଲେ ଅନ୍ୟଠାରୁ ସଂଗ୍ରହ କରି ଆଣିଥାଏ । ବିବାହ, ଜନ୍ମଦିନ, ଶୁଦ୍ଧିକ୍ରିୟା ଆଦିରେ ବରାଦ ମୁତାବକ ମଇଁଷିକ୍ଷୀର, ବସାଦହି, ଘିଅ ଆଦି ପହ ।ଇ ଥାଏ । ହାଡ଼ିବନ୍ଧୁ ବେହେରା ଓ ଲୋକନାଥ ବେହେରା ଗାଁର ବଡ଼ଦଣ୍ଡା ଓ ହାଡୁଆଳୀ ଜଙ୍ଗଲ, ବାରି ପଡ଼ିଆପଦରରେ ମଇଁଷି ଚରାଉଥିବାରୁ ସେମାନଙ୍କର କୃତଜ୍ଞତା ଥାଏ । ଏଣୁ ସେମାନେ ଏସବୁ ଯୋଗାଇବାରେ ଅବହେଳା କରିନଥାନ୍ତି ।

## ସାମାଜିକ ସେବା

ରଜକ ଓ ବାରିକଙ୍କୁ ସେବାକାରୀ ଆଖ୍ୟା ଦିଆଯାଇଥିଲା ଏବଂ ସେମାନେ ସେବାରେ ଅବହେଳା କରୁନଥିଲେ । ନବେଇ ବାରିକ ଓ ପରେ ଧଡ଼ି ବାରିକ ପ୍ରତ୍ୟେକ ବୁଧବାର ଓ ରବିବାର ମୁଠି ନେଇ ଆସି ଘର ଘର ବୁଲି ଖିଅର କରୁଥିଲେ । ଛେଳିଚମଡ଼ା ଭଙ୍ଗା ହୋଇ ନିର୍ମିତ ମୁଠିରେ ଖୁର, କଇଁଚି ଆଦି ରଖୁଥିଲେ । ନବେଇର ସ୍ତ୍ରୀ ଓ ପରେ ଧଡ଼ିର ସ୍ତ୍ରୀ ବିବାହ ଓ ପର୍ବପର୍ବାଣିରେ

ସ୍ତ୍ରୀଲୋକମାନଙ୍କର ନଖ କାଟି ଅଳତା ପିନ୍ଧାଇଦେଉଥିଲେ । ବିବାହ ଆଦି ଶୁଭକାମରେ ବାରିକ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରହି ସବୁକାମ ତୁଲାଇଥାନ୍ତି । ସାଆନ୍ତକୁଣିଆ ଅର୍ଥାତ୍ ବର ସାଙ୍ଗରେ ଆସୁଥିବା ବ୍ୟକ୍ତିମାନଙ୍କ ଗୋଡ଼ ଧୋଇବା ଓ ଖାଇବାପତ୍ର ଉଠାଇବା କାର୍ଯ୍ୟ କରିଥାନ୍ତି । ବାରିକାଣୀ କନ୍ୟାକୁ ଆଣି ବେଦୀରେ ବସାଇଥାଏ । ସେ ଦିଅଁମଙ୍ଗଳା ପାଇଁ କୁଲାରେ ଶାଢ଼ୀ, ଶଙ୍ଖା ଆଦି ନେଇ ବାଜାବାଲା ଓ ଗ୍ରାମର ସଧବା ସ୍ତ୍ରୀଲୋକମାନଙ୍କ ସହ ଗ୍ରାମଦେବତୀ ସାହାଡ଼ା ସୁନ୍ଦରୀଙ୍କ ପୀଠକୁ ଯାଇ ଦିଅଁ ମଙ୍ଗୁଳାଇଥାନ୍ତି । ବାରିକଙ୍କୁ ବାହାଘର ଆଦି ନିମନ୍ତପର୍ବରେ ଭଲ ପାଉଣା ମିଳିଥାଏ । ତା'ଛଡ଼ା ବାର୍ଷିକ ବ ର୍ନ ଧାନ ବା ଟଙ୍କା ଆକାରରେ ନିଅନ୍ତି । ଗ୍ରାମର ୨/୩ଟି ପରିବାର ବ ର୍ନ ପାଇଁ ଧାନଜମି ଜାଗିରି ଦେଇଥିଲେ ।

ଏହାଛଡ଼ା ବାରିକ ଗ୍ରାମଦେବତୀଙ୍କୁ ପ୍ରତ୍ୟେକ ଗୁରୁବାର ଓ ପର୍ବପର୍ବାଣିରେ ମାର୍ଜନା କରିଥାନ୍ତି । ନବ ବାରିକ ଓ ଶିବ ବାରିକଙ୍କ ପରିବାର ଠାକୁରାଣୀଙ୍କ ଜମିର ମାରଫତଦାର ଥିଲେ । ଚାରିଏକର ପର୍ଯ୍ୟନ୍ତ ଠାକୁରାଣୀଙ୍କ ଜମି ଚାଷ କରି ଭୋଗଦଖଲ କରୁଥିଲେ । ଅର୍ଦ୍ଧଶତାବ୍ଦୀ ଧରି ଏହି ପ୍ରଥା ଚଳିଆସୁଥିଲା । ପରେ ଏଥିରେ ସଂସ୍କାର ଆସିଥିଲା ଏବଂ ବାରିକ ଗୋଡ଼ ଧୋଇବା ଓ ପତ୍ର ଉଠାଇବା ବନ୍ଦ କରିଦେଇଥିଲେ । ଠାକୁରାଣୀଙ୍କ ଜମି ମଧ୍ୟ ଅର୍ଦ୍ଧେକ ବିକ୍ରି କରିଦେଇଥିଲେ ।

ରଜକ ସପ୍ତାହରେ ଥରେ ଘର ଘର ବୁଲି ଲୁଗା ନିଏ ଓ ତାହା କାଚି କରି ଆଣିଦିଏ । ଧୋବଣୀ ମା' ଓ ନାଥିଆ ମା' ଦୁଇସାହିରେ ଏପରି ସେବା କରୁଥିଲେ । ରଜକ ବାହାଘରରେ କାଠଗଛ ହାଣି ଅନୁକୂଳ କରେ ଓ କାଠ ଚିରି ଯୋଗାଇଥାଏ । ସେହିପରି ମଲାମୃତିକିଆରେ କାଠ ହାଣି ଶ୍ମଶାନକୁ ନିଏ ଓ ଶବଦାହରେ ସାହାଯ୍ୟ କରିଥାଏ । ଏଥିପାଇଁ ସେ ଉଚିତ ପାଉଣା 'ସିଦା' ପାଇଥାଏ । ତା'ଛଡ଼ା ବ ର୍ନ ଘରପିଛା କୁଟୁମ୍ବ ଅନୁସାରେ ଧାର୍ଯ୍ୟ କରି ଟଙ୍କା ବା ଧାନ ଆକାରରେ ବର୍ଷକୁ ଥରେ ଅସୁଲ କରେ । କିଛି ପରିବାର ରଜକକୁ ଚାଷଜମି ଜାଗିରି ଆକାରରେ ଦେଇଥିଲେ । ଦୁଇସାହିରେ ପୃଥକ ଭାବେ ବୁଲେଇ ସେଠି ଓ ତାଙ୍କ ପୁଅ ଏବଂ ଦୋଳ ସେଠି ଏସବୁ କାମ ତୁଲାଉଥିଲେ । ବିବାହ ଆଦି ଉତ୍ସବ ତଥା ପର୍ବପର୍ବାଣିରେ ସେବାକାରୀ ରଜକ ଓ ବାରିକଙ୍କ ଘରକୁ ଖାଦ୍ୟ ଓ ଜଳଖିଆ ସାମଗ୍ରୀ ଦିଆଯାଉଥିଲା ।

ଭୋଇ ସାହିର ଲୋକେ ସେଲୁନ୍ ଆଦି ନଥିବାରୁ ନିଜ ମଧ୍ୟରେ ଖିଅରବାଆର ହେଉଥିଲେ ଓ ଲୁଗାସଫା ଆଦି କାର୍ଯ୍ୟ କରୁଥିଲେ । ବିବାହରେ ଗୋପାଳମାନେ ପାଲିଙ୍କି, ସବାରି କାନ୍ଧେଇ ବରକନ୍ୟାଙ୍କୁ ନବାଆଣିବା କରୁଥିଲେ । ଯଦୁ ବେହେରା ଓ ସନେଇ ବେହେରା ସେମାନଙ୍କର ସର୍ଦ୍ଦାର ଥିଲେ । ତାଙ୍କୁ ବଇନା ଦେଇଦେଲେ ନିର୍ଦ୍ଦିଷ୍ଟ ଦିନ ଠିକ୍ ସମୟରେ ପାଲିଙ୍କି, ସବାରି କାନ୍ଧେଇବା ପାଇଁ ଲୋକ ଯୋଗାଡ଼ କରି ପଠାଉଥିଲେ । ସେମାନେ ପୁଆଣି ପାଇଁ ସବାରିରେ ଝିଅବୋହୂଙ୍କୁ ନବାଆଣିବା କରୁଥିଲେ । ଓଷାବାରରେ ଝିଅଘରକୁ ବାଉଙ୍ଗିରେ ଶିକା ଲଗାଇ ତହିଁରେ ଭାର ଥୋଇ ନେଉଥିଲେ । ଦଶିଆ (ମୋଟା ଚଦର)ରେ ଉଖୁଡ଼ା ଓ ମିଠାଇ ହାଣ୍ଡି ଏବଂ ବେଭାର ଶାଢ଼ି ଓ ଟଙ୍କା ଝିଅବୋହୂଙ୍କ ଘରକୁ ନେଉଥିଲେ । ହାଣ୍ଡିକୁ ଦଶିଆରେ ପୂରାଇ ପିଠିରେ ଓହଳାଇ ନେଉଥିଲେ । ଭୋଇ ସାହିରେ ବିବାହରେ ଝିଅପୁଅଙ୍କୁ ଯାନବାହନରେ ନେଉନଥିଲେ । ଝିଅଙ୍କୁ ଚଲାଇ କରି କିମ୍ବା ଶଗଡ଼ ତାଟ ଗାଡ଼ିରେ ଆଣି ବିବାହ କାର୍ଯ୍ୟ କରାଉଥିଲେ ।

# ପର୍ବପର୍ବାଣି

ଦୋଳ ଓ ଦଶହରା ମୁଖ୍ୟପର୍ବ ରୂପେ ବିବେଚିତ ହେଉଥିଲା । ଏହା ବ୍ୟତୀତ ମାଣବସା, ଦୀପାବଳୀ, କାର୍ତ୍ତିକ ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ଖୁଦୁରୁକୁଣୀ, ପ୍ରଥମାଷ୍ଟମୀ, ଦ୍ୱିତୀୟା ଅଷ୍ଟମୀ, ଷଷ୍ଠୀ ଓଷା, ଅନନ୍ତ ବ୍ରତ, ସରସ୍ୱତୀ ପୂଜା, ଗଣେଶ ପୂଜା ଆଦି ପର୍ବପର୍ବାଣି ପରମ୍ପରା ରକ୍ଷା କରି ବିଧିବଦ୍ଧ ଭାବେ ପାଳନ କରାଯାଉଥିଲା । ସୋମନାଥ ବ୍ରତ, ସୁଦଶା ବ୍ରତ ଓ ରବିନାରାୟଣ ବ୍ରତ ମଧ୍ୟ ତିଥି ଅନୁସାରେ ପାଳିତ ହେଉଥିଲା । ପ୍ରତ୍ୟେକ ରବିବାର ସମସ୍ତ ପରିବାର ନହେଲେ ମଧ୍ୟ ଅର୍ଦ୍ଧାଧିକ ପରିବାର ଚଉରା ପିଣ୍ଡିରେ କଳସ ସ୍ଥାପନ କରି ସୂର୍ଯ୍ୟଦେବଙ୍କୁ ଧୂପ, ଦୀପ, ନୈବେଦ୍ୟ ଦେଇ ପୂଜା କରୁଥିଲେ । ଛେନା, ଗୁଡ଼, କଦଳୀ ଚକଟି ଭୋଗ ଲଗାଉଥିଲେ । ଭୋଗ ଖାଇବାକୁ ପିଲାମାନେ ରୁଣ୍ଡ ହେଉଥିଲେ ଓ ଭୋଗ ପାଇ ଆପ୍ୟାୟିତ ହେଉଥିଲେ ।

ଦୋଳ ଦଶମୀ ଅର୍ଥାତ୍ ଫଗୁଣ ଶୁକ୍ଳ ଦଶମୀଠାରୁ ଦୋଳ ପର୍ବ ଆରମ୍ଭ ହେଉଥିଲା । ଦୀନବନ୍ଧୁ ମହାନ୍ତିଙ୍କ ଘରେ ମୁକ୍ତେଶ୍ୱର ପଣ୍ଡାଙ୍କଦ୍ୱାରା ପୂଜିତ ଆଣ୍ଠୁଆ ଗୋପାଳ ଦୋଳ ବିମାନକୁ ଆସୁଥିଲେ । ଚତୁର୍ଦ୍ଦଶୀ ତିଥିରେ ୭/୮ ଦୋଳ ବିମାନ

ଢୋଲ, ମର୍ଦ୍ଦଳ, ମୃଦଙ୍ଗ, ଝାଞ୍ଜ, ଘ  ବାଦ୍ୟରେ ଘର ଘର ବୁଲି ଗୃହ ସମ୍ମୁଖରେ ଲିପାପୋଛା ହୋଇଥିବା ପିଣ୍ଡିରେ ରହୁଥିଲେ । ଗୃହସ୍ଥ ଦୋଳଭୋଗ ଯଥା ଚଣା, ଖଜା, ଉଖୁଡ଼ା ଆଦି ଡାଲାରେ ଆଣି ଭୋଗ ଲଗାଇ ବିମାନରେ ପୁଷ୍ପମଣ୍ଡିତ ରାଧାକୃଷ୍ଣ, ନୃସିଂହନାଥ, ରାଧାଗୋବିନ୍ଦ ଓ ଆଣ୍ଠୁଆ ଗୋପାଳଙ୍କ ନିକଟରେ ପ୍ରଣିପାତ କରୁଥିଲେ । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଅଧିକ ଦୋଳ ବିମାନ ଗାଁକୁ ଆସୁଥିବାବେଳେ କ୍ରମଶଃ ସେହି ସଂଖ୍ୟା କମିଥିଲା । ଭୋଗ ଖାଇସାରିଲା ପରେ ବିବିଧ ବାଦ୍ୟ ଓ ଆଲଟଚାମର ପକାଇ ରୋଶଣି କରି ପ୍ରାୟ ୧ଟାବେଳକୁ ମେଲଣ ପଡ଼ିଆକୁ ଆସୁଥିଲେ । ଦୀନବନ୍ଧୁ ମହାନ୍ତିଙ୍କ ଆମ୍ବତୋଟାରେ ଦୋଳ ବିମାନସବୁ ପିଣ୍ଡି ଉପରେ ବିରାଜମାନ କରୁଥିଲେ । ପ୍ରତ୍ୟେକ ଦୋଳ ବିମାନ ସହ ଥିବା ସଂକୀ ର୍ନମଣ୍ଡଳୀ ଓଡ଼ିଶୀ କୀ ର୍ନ କରି ଓ ଓଡ଼ିଶୀ ଗୀତ ବୋଲି ପ୍ରତିଯୋଗିତାର ସମ୍ମୁଖୀନ ହେଉଥିଲେ । ଅନ୍ତତଃ ପା ଟାବେଳକୁ ମେଲଣ ବଢୁଥିଲା । ମେଲଣ ତୋଟାରେ ଖଡି ସାହୁର ମିଷ୍ଟାନ୍ନ, ପଦନ ସାହୁର ଉଖୁଡ଼ା ଓ ଚଣାର ଆଦର ଥିଲା । ଶତାବ୍ଦୀର ପ୍ରାରମ୍ଭରେ ମାଟିକଣ୍ଢେଇ ଓ ପନିକି ଆଦି ଲୌହ ସାମଗ୍ରୀ ମେଲଣରେ ମିଳୁଥିଲା । ଆଖପାଖ ଗ୍ରାମର ଲୋକ ମେଲଣ ଦେଖିବାକୁ ଆସୁଥିଲେ । ବହୁବର୍ଷ ଧରି ଏହି ତୋଟାରେ ମେଲଣ ହେଉଥିଲା ।

ଚତୁର୍ଥ ଦଶକ ପର୍ଯ୍ୟନ୍ତ ଦୀନବନ୍ଧୁ ମହାନ୍ତିଙ୍କ ତୋଟାରେ ମେଲଣ ହେଉଥିଲା । ତା'ପରେ ମେଲଣ ସ୍ଥାନାନ୍ତରିତ ହୋଇ ଗ୍ରାମଦେବତୀ ସାହାଡ଼ା ସୁନ୍ଦରୀ ଠାକୁରାଣୀଙ୍କ ପାଖକୁ ଆସିଲା । (ଶତାବ୍ଦୀର ପ୍ରଥମ ଓ ଦ୍ୱିତୀୟ ଦଶକରେ ସିଦ୍ଧପୀଠ ବରେଇଠାରେ ମେଲଣ ପଡ଼ିଆ ଥିଲା ।) ପ୍ରତ୍ୟେକ ପରିବାର ଦୋଳ ମେଲଣକୁ ନିଜର ସାଧ ଅନୁସାରେ ଚାନ୍ଦା ଦେଉଥିଲେ । ସମ୍ମାନ ସ୍ୱରୂପ ପ୍ରତ୍ୟେକ ଦୋଳକୁ ବିଦାକି ବା ଅର୍ଥ ଦିଆଯାଉଥିଲା । ଏହା ବ୍ୟତୀତ ପରିବାରରେ ଭୋଗବେଳେ ମଧ ବିଦାକି ବା ଅର୍ଥ ଦିଆଯାଉଥିଲା । ସୁସଜ୍ଜିତ ଦୋଳ ବିମାନକୁ ପାରମ୍ପରିକ ସୂତ୍ରେ ଗୋପାଳମାନେ  କାନ୍ଧରେ ବହନ କରି ବୁଲାଉଥିଲେ । ମେଲଣ ପଡ଼ିଆକୁ ପ୍ରତ୍ୟେକ ବର୍ଷ ଜଗନ୍ନାଥପୁର ଗ୍ରାମର ଖଡି ସାହୁ ବେତଟୋକେଇ ଓ ଡାଲାରେ ଚଣା, ଉଖୁଡ଼ା, ଲଡୁ, ଜିଲାପି ଆଦି ଭୋଗ ଓ ମିଷ୍ଟାନ୍ନ ଆଣି ଦୋକାନ ଜମାଇ ବସୁଥିଲେ । ପିଲାମାନେ ସେମାନଙ୍କ ବାପମା'ଙ୍କ ପାଖରୁ ଯାତ୍ରାଖର୍ଚ୍ଚ ଆଣି ତାହା କିଣିବାକୁ ଭିଡ଼ ଜମାଉଥିଲେ । ସେତେବେଳେ ତମ୍ବା ପଇସା, ଅଧଲା, ପାହୁଲା ପ୍ରଚଳିତ ଥିଲା ଏବଂ କଟକୀ ସେର, ଅଧସେର,

ପାଆ, ଛଟାଙ୍କି ପର୍ଯ୍ୟନ୍ତ ମାପ ସାମଗ୍ରୀ ଥିଲା । ଏ ଚଳଣି ଶତାବ୍ଦୀର ଚାରିଦଶକ ପର୍ଯ୍ୟନ୍ତ ଚାଲୁରହିଥିଲା ।

ଦୋଳ ପୂର୍ଣ୍ଣିମା ଦିନ ଗ୍ରାମର ପଶ୍ଚିମ-ଉ ର ପାର୍ଶ୍ୱ ନଦୀକୂଳରେ ନିର୍ମିତ ଥିବା ମାଟିମଣ୍ଡପରେ ବାଉଁଶ ପୋତି ସାଜସଜ୍ଜା କରି ଆଣ୍ଟୁଆ ଗୋପାଳଙ୍କୁ ବିମାନରେ ଫୁଲଦ୍ୱାରା ସଜ୍ଜିତ କରି ଝୁଲଣ ଅନୁଷ୍ଠିତ ହେଉଥିଲା । କିଶୋରନଗରରୁ ଅବଧାନ ବା ଜ୍ୟୋତିଷ ଆସି ନୂତନ ବର୍ଷର ପଞ୍ଜିକା ପାଠ କରି ଶୁଣାଉଥିଲେ । ଝୁଲଣ ଯାତ୍ରାରେ ମଧ୍ୟ ଖଡି ସାହୁଙ୍କ ମିଷ୍ଟାନ୍ନ, ଉଖୁଡ଼ା, ମୁଢ଼ି ଆଦି ବିଶେଷ ପରିମାଣରେ ବିକ୍ରି ହେଉଥିଲା । ଗ୍ରାମର ହରିଜନ ଓ କରଣ ପରିବାରର ପିଲାଛୁଆ ତଥା ବୟସ୍କମାନେ ଝୁଲଣକୁ ଉପଭୋଗ କରୁଥିଲେ । ଭୋଇମାନେ ଦରିଦ୍ର ଥିବାରୁ ଗ୍ରାମର ସାମନ୍ତମାନଙ୍କଠାରୁ ଯାତ୍ରାଖର୍ଚ୍ଚ ଆଣି ବ୍ୟୟ କରୁଥିଲେ । ଦୋଳ ପୂର୍ଣ୍ଣିମାଠାରୁ ବର୍ଷକ ପର୍ଯ୍ୟନ୍ତ ଗ୍ରାମର ଚାଷୀ ପରିବାର ଭୋଇ ସାହିର ଲୋକଙ୍କୁ ଯାତ୍ରାଖର୍ଚ୍ଚ, ଫୁଲଲୁଗା ଓ ବାର୍ଷିକ ଦରମା ନିର୍ଦ୍ଧାରଣ କରି କୃଷି-ଶ୍ରମିକ ଓ ଗୋରକ୍ଷକ ଭାବେ ନିଯୁକ୍ତି ଦେଉଥିଲେ । ବାର୍ଷିକ ବେତନ ଲୁଗା, ଗାମୁଛା ଓ ଶୀତଲୁଗା ବାଦ୍ ତିନିଦଶକ ପର୍ଯ୍ୟନ୍ତ ବାରଟଙ୍କାରୁ ପନ୍ଦରଟଙ୍କା ପର୍ଯ୍ୟନ୍ତ ଥିଲା । କୃଷି କାମରେ କୋଠିଆ ଓ କୋଠିଆଣୀ ମଧ୍ୟ ନିଯୁକ୍ତି ହେଉଥିଲେ । ଏମାନଙ୍କର ଦୈନିକ ମଜୁରୀ ଧାନ ଏକଗୌଣିରେ ୩ଟା କୋଠିଆଙ୍କର ଓ ୪ଟା କୋଠିଆଣୀଙ୍କର ଥିଲା । ପଇସା ଆକାରରେ ଏହା ଦୁଇଅଣାରୁ ଏକଟଙ୍କା ପର୍ଯ୍ୟନ୍ତ ଥିଲା । ତା'ଛଡ଼ା କୋଠିଆମାନଙ୍କୁ ୪ ଗୁଣ୍ଠରୁ ୬ ଗୁଣ୍ଠ ପର୍ଯ୍ୟନ୍ତ ଚାଷଜମି 'ହେତା' ଆକାରରେ ଦିଆଯାଉଥିଲା । ସେମାନେ ବନ୍ଧା / ନାଗୁଆ ଶ୍ରମିକ ହୋଇଥିବାରୁ କାମ ସମୟରେ ସେମାନଙ୍କୁ ଡାକିବାକୁ ପଡୁନଥିଲା । ପର୍ବପର୍ବାଣିମାନଙ୍କରେ ସେମାନେ ଭାତ, ଡାଲି, ତରକାରି ଓ ପିଠାପଣା ନେଉଥିଲେ । ହରିଜନମାନେ ଦୁଃସ୍ଥ ଥିବାରୁ ରଜ, କୁମାର ପୂର୍ଣ୍ଣିମା, ଦଶହରା, ଦୋଳ ପୂର୍ଣ୍ଣିମା ଆଦି ପର୍ବପର୍ବାଣିରେ ବୁଢ଼ାବୁଢ଼ୀମାନେ ଟୋକେଇ ଆଣି ତହିଁରେ ଭାତ ଓ ପିଠା ମାଗିନେଉଥିଲେ ।

ସାର୍ବଜନୀନ ଦଶହରା ଓ ଦୁର୍ଗାପୂଜା ଆଶ୍ୱିନ ମାସରେ ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ପାଳନ କରାଯାଉଥିଲା । ବିଦେଶରେ ଥିବା ଚାକିରିଆମାନେ ଦଶହରା ଛୁଟିରେ ଗ୍ରାମକୁ ଆସୁଥିଲେ । ଗ୍ରାମଦାଣ୍ଡରୁ ଘାସ ଚଞ୍ଛାଯାଇ ସଫାସୁତୁରା କରାଯାଉଥିଲା । ଘରଦ୍ୱାର ଗୋବର ମାଟିରେ ଲିପାପୋଛା କରାଯାଉଥିଲା ।

ମାଟିକାନ୍ଥରେ ପିଠୋଉ (ଚାଉଳବଟା ପାଣି)ରେ କନା ବା ଖରିପିଞ୍ଛାଦ୍ୱାରା କଳସମାନ ଅଙ୍କନ କରି ଡାଉରଙ୍ଗରେ ଚିତ୍ରଣ କରାଯାଉଥିଲା । ସମସ୍ତ ପରିବାର ବାସଗୃହରେ ପ୍ରତିଯୋଗିତା ଭି ିରେ ଚିତାଲେଖା କରାଉଥିଲେ ।

ଗ୍ରାମର ଗୋଟିଏ ସାହିର କୁଳପୁରୋହିତ ଥିଲେ ଇଶାଣୀବ୍ରହ୍ମପୁରର ଭଜନି ଆଚାର୍ଯ୍ୟ ଓ ତାଙ୍କ ଅନ୍ତେ ଆ ି ଆଚାର୍ଯ୍ୟ । ଅନ୍ୟ ସାହିର କୁଳପୁରୋହିତ ଥିଲେ ବନ୍ଧୁପୁରର ବାଲୁ ଦାଶ ଓ ତାଙ୍କ ଅନ୍ତେ ଭାସ୍କର ଦାଶ । ଭଜନି ଆଚାର୍ଯ୍ୟ ଭଗ୍ନ ଅ ାରେ ନଇଁ ନଇଁ ବାଡ଼ି ଧରି କଳସବସା ପୂର୍ବଦିନ ଅର୍ଥାତ୍ ଷଷ୍ଠୀ ତିଥିରେ ପହ ୍ଯାଉଥିଲେ । ସେ ବେତପେଡ଼ିରେ ମଠାଲୁଗା, ରୁଦ୍ରାକ୍ଷମାଳା, ଚଣ୍ଡିପୋଥି ଓ ପାତ୍ରୀ ଆଦି ଉପଚାରମାନ ସାଙ୍ଗରେ ଆଣୁଥିଲେ । ତାଙ୍କୁ ସାହାଯ୍ୟ କରିବା ପାଇଁ ତାଙ୍କ ସହ ଗୋପୀ ମିଶ୍ର ଓ ପରେ ପ ାନନ ମିଶ୍ର ଆସୁଥିଲେ । ସେହିପରି ଅନ୍ୟ ସାହିରେ ବାଲୁ ଦାସ ଯଥାସମୟରେ ପହ ୍ ନୈଷ୍ଠିକ ଭାବେ କଳସବସା କାର୍ଯ୍ୟ ସମ୍ପାଦନ କରୁଥିଲେ । ଶତାବ୍ଦୀର ପ୍ରାରମ୍ଭରେ ମାର୍କଣ୍ଡ ମହାନ୍ତିଙ୍କ ମେଲା ଓ ଅନ୍ୟ ସାହିର ନଦୀଆ ବିହାରୀ ମହାନ୍ତିଙ୍କ ମେଲାରେ କଳସ ବା ଘଟ ପୂଜା ବିଧିମୁତାବକ ଆରମ୍ଭ ହୋଇ ଚାରିଦଶକ ପର୍ଯ୍ୟନ୍ତ ଚାଲୁଥିଲା । ମାର୍କଣ୍ଡ ମହାନ୍ତିଙ୍କ ଅନ୍ତେ ତାଙ୍କ ଉ ରାଧିକାରୀମାନେ କଳସବସା ବା ଦୁର୍ଗାପୂଜା ନକରିବାରୁ ବଳରାମ ମହାନ୍ତିଙ୍କ ମେଲାରେ କଳସ ବସିଥିଲା । ନଦିଆ ବିହାରୀଙ୍କ ମେଲାରେ ସ୍ଥାପିତ କଳସର ପୂଜା ପାଳି କରି ନଟବର, ଯୁଧିଷ୍ଠିର ଓ ବିପ୍ରଙ୍କ ପରିବାର ଗୋଟିଏ ବର୍ଷ ଏବଂ ନଦିଆ ବିହାରୀଙ୍କ ପରିବାର ତା' ଆରବର୍ଷ ପାଳନ କରୁଥିଲେ । ସପ୍ତମୀ ତିଥିରେ ଘ , ମୃଦଙ୍ଗ, କରତାଳ, ଢୋଲ, ମହୁରି ବାଜା ବଜାଇ ଦୁର୍ଗା କଳସ ଓ ଗଣେଶ କଳସ ନଦୀରୁ ପାଣିତୋଳା କରିବାକୁ ଯାଏ । ପାଣିତୋଳା ପରେ ଘଟ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୁଏ । ଘଟ ସ୍ଥାପନ ସ୍ଥଳେ ସ୍ୱତନ୍ତ୍ର କାଠଚଉକିରେ ଲେଖନ, ଭୂଜପତ୍ର, ଖଣ୍ଡା ଓ ତରବାରି ଫୁଲଚନ୍ଦନ ଦିଆଯାଇ ପୂଜା ହୁଏ । କରଣମାନେ ଯେହେତୁ କ୍ଷତ୍ରିୟ ସମ୍ପ୍ରଦାୟର ଦାୟଦ, ତେଣୁ ଲେଖନ, ଭୂଜପତ୍ର ସହ କ୍ଷତ୍ରିୟମାନଙ୍କ ଖଣ୍ଡା ଓ ତଲୁଆର ମଧ୍ୟ ପୂଜାପାଏ । ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ତିନିଦିନ ଚଣ୍ଡୀପାଠ ଓ ପୂଜାର୍ଚ୍ଚନା ହୁଏ । ଅଷ୍ଟମୀ ତିଥିରେ ସନ୍ଧିପୂଜା, ହୋମ ହୋଇ ନାନା ପ୍ରକାର ପିଷ୍ଟକ ଓ ମିଷ୍ଟାନ୍ନ ଭୋଗ ଲଗାଯାଏ । ଦୁଇଟି ଅକ୍ଷତ ପାଣିକଖାରୁରେ ଚାରୋଟି ଲେଖାଏଁ ଗୋଡ଼ ଲଗାଇ ଦେବୀଙ୍କ ନିକଟରେ ବଳି ଦିଆଯାଏ । ଦଶମୀ ବା ଦଶହରା ଦିନ

ମଙ୍ଗଳାର୍ପଣ ହୁଏ । ଗ୍ରାମର ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ନୂତନ ବସ୍ତ୍ର ପରିଧାନ କରି ମଙ୍ଗଳାର୍ପଣ ପାଇଁ ଏକତ୍ରିତ ହୁଅନ୍ତି । ସ୍ତ୍ରୀଲୋକମାନେ ନବବସ୍ତ୍ର ପରିଧାନ କରି ବନ୍ଦାପନା କରନ୍ତି । ତା'ପରେ ପୁଷ୍ପାଞ୍ଜଳି ଦିଆଯାଇ ଘଟ ବିସର୍ଜନ ହୁଏ । ମଙ୍ଗଳାର୍ପଣ ସମୟରେ ଜ୍ୟୋତିଷ (ଅବଧାନ) ଆସି ପାଞ୍ଜି ଦେଇଥାନ୍ତି ଏବଂ ମୁକ୍ତେଶ୍ୱର ପଣ୍ଡା ଆସି ପାଦୂକ ଦେଇଥାନ୍ତି । ବିସର୍ଜନ ଦିନ ବିବିଧ ବାଦ୍ୟ ବଜାଇ ଘଟାଟୋପ ବା ଆଡ଼ମ୍ବରରେ ନଦୀରେ ବିସର୍ଜନ କରାଯାଏ । ସମସ୍ତେ ଚୁଡ଼ାଦହି ଭୋଗ ଖାଇ ଲେଖନପତ୍ର ଧରି ବିଦାୟ ନେଇଥାନ୍ତି ।

ଦୁର୍ଗାପୂଜାର ୧୬ ଦିନ ପୂର୍ବରୁ ଅଷ୍ଟମୀ ତିଥିରେ ଦୁତୀବାହନଙ୍କ ଓଷା ପାଳନ ହୁଏ । ସ୍ତ୍ରୀଲୋକମାନେ ଏହି ଓଷା ପାଳନ କରିଥାନ୍ତି । ସେମାନେ ପୂଜା ପୂର୍ବଦିନ ଏକବାରରେ ଓଳିଏ ଅରୁଆ ଖାଇ ନଦୀକୂଳରେ ଚିଲ, ଶିଆଳଙ୍କ ପ୍ରୀତ୍ୟର୍ଥେ କାକୁଡ଼ିପତ୍ରରେ ଗଜାବୁଟ, ଗଜାମୁଗ ଓ ଫଳସାମଗ୍ରୀ ଭୋଗ ଦେଇଥାନ୍ତି । ପୂଜାଦିନ ପନ୍ଥେଇ ଖୋଳାଯାଇ ତହିଁରେ ଚେଙ୍ଗମାଛ ଛଡ଼ାଯାଏ । ତା' ମଝିରେ କଦଳୀଗଛ ଓ ବାଉଁଶପତ୍ର ଥାଏ । ପ୍ରତ୍ୟେକ ଘରୁ ବେତଟୋକେଇରେ କଖାରୁ, କାକୁଡ଼ି, ଜହ୍ନି, ପାଣିକଖାରୁ ଆଦି ପରିବା ଓ ଗଜାବୁଟ, ଗଜାମୁଗ ଆଦି ଆଣି ପନ୍ଥେଇ ଚତୁଃପାର୍ଶ୍ୱରେ ରଖି ପୂଜା କରନ୍ତି । ବ୍ରାହ୍ମଣ ଆସି ଦୁତୀବାହନ ବହି ପାଠ କରନ୍ତି । ବ୍ରତଧାରୀ ସ୍ତ୍ରୀ ଓ ପୁରୁଷ ବସି ଏହା ଶୁଣନ୍ତି । ତା' ପରଦିନ ଘା  ତରକାରି ହୁଏ । ସ୍ୱାଦିଷ୍ଟ ତରକାରି ପରସ୍ପର ଘରେ ଦିଆନିଆ ହୁଏ । କେହି କେହି ତାହା ବା ିଥାନ୍ତି । ଦୁଇସାହିର ଦୁଇଟି ଜାଗାରେ ଦୁତୀବାହନ ପୂଜା ଅର୍ଦ୍ଧଶତାବ୍ଦୀ ପର୍ଯ୍ୟନ୍ତ ଚଳିଆସୁଥିଲା । ହରିଜନମାନେ ମଧ୍ୟ ଏହି ପୂଜା ପାଳନ କରୁଥିଲେ ।

ବାଳିକାମାନଙ୍କ ଓଷା ଖୁଦୁରୁକୁଣୀ ଭାଦ୍ରବ ମାସର ପ୍ରତ୍ୟେକ ରବିବାର ପାଳିତ ହୁଏ । ବାଳକବାଳିକାମାନେ ପ୍ରତ୍ୟୁଷରୁ ଉଠି ଚାଙ୍ଗୁଡ଼ି ଧରି ବୁଲି ବୁଲି କରି ଫୁଲ ତୋଳନ୍ତି । ଗାଈଆଳ ପିଲାମାନେ ପୋଖରୀରେ ପସି କଇଁଫୁଲ ତୋଳି ଯୋଗାନ୍ତି । ଏହି ପୂଜା ଢିଙ୍କିଶାଳରେ ହୁଏ । ବାଳିକାମାନେ ଭାଲୁକୁଣୀଙ୍କ ମାଟିନିର୍ମିତ ମୂ ି ନପୂଜି ସାରୁପତ୍ରକୁ ଗୁଡ଼ାଇ ତୋଡ଼ କରି ମ  ଉପରେ ସ୍ଥାପନ କରି ସନ୍ଧ୍ୟାରେ ପୂଜା କରନ୍ତି । ସେମାନେ ଏହାକୁ ବିଭିନ୍ନ ଫୁଲଦ୍ୱାରା ମଣ୍ଡିତ କରିଥାନ୍ତି । ଝିଅମାନେ ତେଲହଳଦୀ ଲଗାଇ ଗାଧୋଇ ଶୁଦ୍ଧପୂତ ହୋଇ ପୂଜାରେ ବସନ୍ତି । ଓଷା ବହି ପାଠ କରାଯାଏ । ପୂଜାରେ ପାଳି କରି ମୁଢ଼ି, ଚୁଡ଼ାଭଜା,

ଉଖୁଡ଼ା ଓ ଖଜା ଆଦି ୪ପାଳିରେ ଭୋଗ ହୁଏ । ପୂଜାନ୍ତେ ଉପସ୍ଥିତ ପିଲାମାନଙ୍କ ମଧ୍ୟରେ ଭୋଗ ବ ।ଯାଏ । ହରିଜନ ପିଲାମାନେ ମଧ୍ୟ ଭୋଗ ପାଇଁ ଆସିଥାନ୍ତି । ସେମାନଙ୍କୁ ଭୋଗ ଦେଇ ଆପ୍ୟାୟିତ କରାଯାଏ । (ପରେ ଅର୍ଥାତ୍ ପା ଦଶକରେ ଖୁଦୁରୁକୁଣୀ ମେଢ଼ ଆରମ୍ଭ କରାଯାଇଥିଲା । ତାହା ଖୁବ୍ ଜାକଜମକରେ ହୋଇ ଆସୁଥିଲା ।) ସୋମବାର ସକାଳୁ ଉଠି ବାଳିକାମାନେ ମାଳଚୂଳ (ସାରୁପତ୍ର ମୂ ି)କୁ ଘ , ଶଙ୍ଖ ଆଦି ବାଦ୍ୟ ବଜାଇ ନଦୀରେ ବିସର୍ଜନ କରୁଥିଲେ । ତା'ପରେ ତେଲହଳଦୀ ଲଗାଇ ମୁଣ୍ଡରେ ମଥାଘଷା ମାରି ସ୍ନାନ କରି ଆସି ଅଲଣା ପଖାଳ ଖାଉଥିଲେ ।

କୁମାର ପୂର୍ଣ୍ଣିମା ଉତ୍ସବ ଗ୍ରାମର କେବଳ ଅବିବାହିତା କିଶୋରୀ ଓ ବାଳିକାମାନେ ଆନନ୍ଦଉଲ୍ଲାସ ସହ ପାଳନ କରୁଥିଲେ । ଉତ୍ସବର ଏକମାସ ଆଗରୁ ଅର୍ଥାତ୍ ଇନ୍ଦୁ ପୂର୍ଣ୍ଣିମାଠାରୁ ଝିଅମାନେ ପ୍ରତ୍ୟହ ରାତ୍ରିରେ ଏକତ୍ରିତ ହୋଇ ଗ୍ରାମର ଚଉରାମଣ୍ଡଳ ବା କାହାରି ଦୀର୍ଘପିଣ୍ଡା ବା କୋଠା ଉପରେ ବସି କୁମାର ପୂର୍ଣ୍ଣିମା ଗୀତ ସୁଲଳିତ ସ୍ୱରରେ ଗାନ କରି ଗ୍ରାମବାସୀଙ୍କୁ ମୁଗ୍ଧ କରାଉଥିଲେ । ପୁରାଣଗୁଡ଼ିକରୁ ଚରିତମାନ ଲେଖି ପାଠ କରି ମଧ୍ୟ ଶୁଣାଉଥିଲେ । ନିର୍ମଳ ଜ୍ୟୋସ୍ନା କିରଣ ଓ ମୁକ୍ତ ବାୟୁ ବଡ଼ ଉପଭୋଗ୍ୟ ଥିଲା । ଦଶହରା ପରଠାରୁ ଚଉରାମୂଳେ ଏକତ୍ରିତ ହୋଇ ପିଢ଼ାରେ ଚାଉଳ ସାତଜାଗା ରଖି ଜହ୍ନିଫୁଲରେ ସଜ୍ଜିତ କରି ଧୂପଦୀପ ଦେଇ ପୂଜା କରୁଥିଲେ । ଚାଉଳ ଉପରେ ଖଣ୍ଡ ହଳଦୀ ମଧ୍ୟ ରଖୁଥିଲେ । ଏହା କୁମାର ପୂର୍ଣ୍ଣିମା ଦିନ ଭଙ୍ଗା ଯାଉଥିଲା । କୋଠି ଚାଉଳକୁ ନେଇ ଭୋଜି କରି ଖାଉଥିଲେ । କୁମାର ପୂର୍ଣ୍ଣିମା ଦିନ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ ସାରି ନୂଆଲୁଗା ପିନ୍ଧି ଚଉରା ନିକଟରେ ଏକତ୍ରିତ ହୋଇ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ବା ଆଞ୍ଜୁଳି ଦେଉଥିଲେ । ପ୍ରତ୍ୟେକ ଥର ଖଇ ସହ କାକୁଡ଼ି କଷି, ଜହ୍ନି କଷି, ହଳଦୀ, ଗୁଆ ଆଦି ଅର୍ଘ୍ୟ ଦେଉଥିଲେ । ସନ୍ଧ୍ୟାରେ କଳସ ସ୍ଥାପନ କରାଯାଇଥାଏ ଏବଂ ଧୂପଦୀପ ମଧ୍ୟ ଦିଆଯାଇଥାଏ । ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନ ପରେ ସୂର୍ଯ୍ୟଙ୍କୁ ଅର୍ପିତ ଖଇ, ଛେନା, କଦଳୀ ଆଦି ଚକଟାଯାଇ ତହିଁରେ ଚନ୍ଦ୍ରଙ୍କ ଚିତ୍ର କରାଯାଏ ଓ ଭୋଗ ଲଗାଯାଏ । ଘ ଓ ଶଙ୍ଖ ନାଦ କରି ନଦୀକୁ ନେଇ ତାହା ବିସର୍ଜନ କରିଥାନ୍ତି । ସାରାରାତି କୁମାର ପୂର୍ଣ୍ଣିମା ଗୀତ କାନ୍ଧରେ ହାତକୁ ଛନ୍ଦି କରି ଗାଇ ସାହିଯାକ ବୁଲିଥାନ୍ତି । ହରିଜନ ପିଲାମାନେ ପାଳରେ ଭୂତ ସାଜି ଅର୍ଥାତ୍ ପାଳଭୂତ

ହୋଇ ସାହିରେ ଘର ଘର ବୁଲି ପଇସା ଆଦାୟ କରିଥାନ୍ତି । ଏହିପରି ଚାରିଦଶନ୍ଧି ପର୍ଯ୍ୟନ୍ତ କୁମାର ପୂର୍ଣ୍ଣିମା ଉତ୍ସବ ମହାଆଡ଼ମ୍ବରରେ ପାଳନ କରାଯାଉଥିଲା ।

ରଜପର୍ବ ୩ଦିନଧରି ପାଳନ କରାଯାଇଥାଏ । ପହିଲି ରଜ, ରଜ ସଂକ୍ରାନ୍ତି ଓ ଭୂ-ଦହନ । ପହିଲି ରଜ ପୂର୍ବଦିନ ସଜବାଜ । ଗ୍ରୀଷ୍ମ ଋତୁ ଅବସାନେ ବର୍ଷା ଋତୁର ଆଗମନେ ଭୂମି ରଜସ୍ୱଳା ହୋଇଥାଏ । ଏଣୁ ୩ଦିନଧରି ଭୂମି କର୍ଷଣ, କାଷ୍ଠତୃଣ ଛେଦନ ଆଦି କାର୍ଯ୍ୟ ନିଷିଦ୍ଧ ଥାଏ । ଚାଷୀମାନେ ଏହି ୩ଦିନ ବିଶ୍ରାମ ନେଇ ପିଠାପଣା ଖାଇ ଆମୋଦପ୍ରମୋଦରେ କଟାଇଥାନ୍ତି । ରଜକୁ ଚାକିରିଆମାନେ ବିଦେଶରୁ ଆସି ପହ ନ୍ତି ଓ ପର୍ବ ପାଳନ କରନ୍ତି । ବାଳିକାମାନଙ୍କ ପାଇଁ ଏହି ପର୍ବ ପାଳନ ତାତ୍ପର୍ଯ୍ୟପୂର୍ଣ୍ଣ । ସଜବାଜ ଦିନ ସେମାନେ ସୁଗନ୍ଧ ଦ୍ରବ୍ୟ ଯଥା – ହଳଦୀ, ମଥାଘଷା, ତେଲ ଲଗାଇ ମହାନଦୀରେ ସ୍ନାନ କରି ଚନ୍ଦନ ଟିପାରେ ମଣ୍ଡିତ ହୋଇଥାନ୍ତି । ପହିଲି ରଜଠାରୁ ଭୂ-ଦହନ ପର୍ଯ୍ୟନ୍ତ କିନ୍ତୁ ଅଗାଧୁଆ ରହନ୍ତି । ବଉଳଫୁଲ ସଂଗ୍ରହ କରି ମୁଣ୍ଡରେ ମାଳ କରି ବାନ୍ଧନ୍ତି । ଭୂମିରେ ଖାଲିପାଦରେ ଚାଲନ୍ତି ନାହିଁ । ଗୁଆଖୋଳ, ତାଳବାହୁଙ୍ଗାରେ ଜୋତା ପ୍ରସ୍ତୁତ କରି ପିନ୍ଧିଥାନ୍ତି । ଚମଡ଼ା ବା ପ୍ଲାଷ୍ଟିକର ପ୍ରଚଳନ ନଥିଲା । ଦୁଇସାହିରେ ପୃଥକ ଭାବେ ରଜଘର ଥିଲା । ସେଠାରେ ଏକତ୍ରିତ ହୋଇ ୩ଦିନଯାକ କଉଡ଼ି, ତାସ, କାଞ୍ଚିଓଳା, ଲୁଡୁ ଆଦି ଖେଳୁଥିଲେ । ସନ୍ଧ୍ୟା ପୂର୍ବରୁ ଭୋଜନ କରି ସେହି ରଜଘରେ ଏକତ୍ର ଶୟନ କରୁଥିଲେ । ସ୍ତ୍ରୀଲୋକ, ବୋହୂଭୁଆସୁଣୀ ମଧ୍ୟ ଭାଗ ନେଉଥିଲେ । ଛୋଟ ଝିଅମାନେ ପହିଲି ରଜରେ ଚନ୍ଦନଟୋପା ଲଗାଇ ନୂଆଲୁଗା ଓ କାଚ ଆଦି ଗହଣା ପିନ୍ଧୁଥିଲେ । ପୋଡ଼ପିଠା ରଜପର୍ବର ଆକର୍ଷଣୀୟ ଖାଦ୍ୟସାମଗ୍ରୀ ଥିଲା । ପ୍ରତ୍ୟେକ ପରିବାର ପହିଲି ରଜ ପୂର୍ବଦିନ ମାଟିପଲମରେ ପୋଡ଼ପିଠା ତଳଉପର ନିଆଁ ଦେଇ ପ୍ରସ୍ତୁତ କରୁଥିଲେ ।

ଡୁଡୁ ବା ବାଗୁଡ଼ି ଖେଳ ୩ଦିନଧରି ହାଡ଼ିଆବାରି ତୋଟା ଓ ଦୀନବନ୍ଧୁ ତୋଟାରେ ଚାଲେ । ସୂର୍ଯ୍ୟତାପ କମିଗଲେ ସନ୍ଧ୍ୟାରେ ନଦୀବାଲିରେ ଏହି ଖେଳ ହୁଏ । ପିଲାଙ୍କଠାରୁ ୬୦ ବର୍ଷ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ବିଭିନ୍ନ ଦଳରେ ବିଭକ୍ତ ହୋଇ ବାଗୁଡ଼ି ଖେଳନ୍ତି । ବୋହୂଚୋରି, ଲବଣିଚୋରି ଖେଳ ମଧ୍ୟ ହୋଇଥାଏ । ପାଟଣାରୁ ଡେଙ୍ଗୁରାବାଲା ଆସି ଖେଳ ମଧ୍ୟରେ ଡେଙ୍ଗୁରା ପିଟି ଉତ୍ସାହିତ କରିଥାନ୍ତି । ପୋଡ଼ପିଠା ସାଙ୍ଗକୁ ରଜ ପର୍ବରେ ସଂକ୍ରାନ୍ତି ଦିନ ଛାଡ଼ି ବାକି

ଦୁଇଦିନ ଖାସିମାଂସ ରନ୍ଧାଯାଏ । ମାଂସ ସେର ତିନିଦଶନ୍ଧି ପର୍ଯ୍ୟନ୍ତ ଆଠଅଣାରୁ ଅଧିକ ନଥିଲା । ସେର ଓଜନରେ ବିକ୍ରି ଛଡ଼ା ଖାସି କିଣି ତା'ର ଦାମ୍ ଅନୁସାରେ ଟଙ୍କାଏ ବା ଆଠଣାରେ ଭାଗ ଲଗାଇ ମଧ୍ୟ ବିକ୍ରି କରାଯାଉଥିଲା । ବିଶ୍ୱଯୁଦ୍ଧ ପରଠାରୁ ଜିନିଷପତ୍ରର ଦର ବୃଦ୍ଧି ଘଟିଥିଲା । ମାଂସ ଦର ମଧ୍ୟ ବୃଦ୍ଧି ପାଇଥିଲା ।

ରଜପର୍ବରେ ଝିଅବୋହୂମାନେ ତାସ, ଲୁଡୁ ଆଦି ଖେଳରେ ମାତିଯାଉଥିଲେ । ଗାଁରେ ପଶାଖେଳ ମଧ୍ୟ ପ୍ରସିଦ୍ଧି ଲାଭ କରିଥିଲା । ବିଶେଷତଃ ବଳରାମ ମହାନ୍ତିଙ୍କ ମେଲା ଓ ଠାକୁରାଣୀ ତୋଟାରେ ଏହି ଖେଳ ଜମୁଥିଲା । ଝିଅମାନେ ଲବଙ୍ଗ ଓ ଅନ୍ୟାନ୍ୟ ମସଲା ଦେଇ ପାନ ଭାଙ୍ଗି ଘର ଘର ବୁଲି ବା ୍ଥିଲେ । ରେଡ଼ିଓ ଅର୍ଦ୍ଧଶତାବ୍ଦୀ ପର୍ଯ୍ୟନ୍ତ ଗାଁଗଣ୍ଡାକୁ ଆସିନଥିଲା । ରଜରେ ପାଖ ଗାଁମାନଙ୍କରେ ବାଦୀପାଲା ହେଉଥିଲା । କାମଧନ୍ଦା ବନ୍ଦ ଥିବାରୁ ପାଲା ଦେଖିବାକୁ ବେଶ୍ ଜନସମାଗମ ହେଉଥିଲା । ପାଲାରେ ପୌରାଣିକ ଆଖ୍ୟାନ ଓ ସାହିତ୍ୟ ଚର୍ଚ୍ଚାର ଆସର ଜମୁଥିଲା ।

ଭୂ-ଦହନ ପରେ ବସୁମତୀ ଗାଧୁଆ ହେଉଥିଲା । ପ୍ରତ୍ୟୁଷରୁ ସ୍ତ୍ରୀଲୋକମାନେ ଦୁଆରେ ପିଢ଼ା ରଖି ଲଙ୍ଗଳଲୁହା ଓ ଶିଳପଟାକୁ ଦୁବ, ବରକୋଳିପତ୍ର, ଫୁଲ, ଚନ୍ଦନ ଦେଇ ପୂଜା କରୁଥିଲେ । ଝିଅମାନେ ୩ଦିନଧରି ଅଗାଧୁଆ ରହିବା ପରେ ଉକ୍ତ ଦିନ ତେଲହଳଦୀ ଲଗାଇ ନଦୀରେ ସ୍ନାନ କରୁଥିଲେ । ତା' ପରେ ବରେଇ ଗୋସାଇଁଙ୍କ ପୀଠକୁ ଯାଇ ନଡ଼ିଆ ବାଢ଼େଇ ଭୋଗ ଲଗାଉଥିଲେ । ରଜପର୍ବ ଗାଁରେ କିଶୋରକିଶୋରୀ ଓ ଯୁବକ-ଯୁବତୀମାନଙ୍କ ମଧ୍ୟରେ ଏକତା ସ୍ଥାପନ କରିବାର ଏକ ମାଧ୍ୟମ ଥିଲା । ସରଳ, ନିଷ୍ପାପ ଜୀବନଯାପନରେ ଏହା ସହାୟକ ହେଉଥିଲା ।

କାର୍ତ୍ତିକ ମାସ ଧର୍ମର ମାସ ରୂପେ ବିବେଚିତ ହେଉଥିଲା । ଏହି ମାସରେ ଆମିଷ ଭୋଜନ ବର୍ଜନ କରାଯାଉଥିଲା । ବିଧବାମାନେ ଶୀତ ପ୍ରକୋପ ସ୍ତ୍ୱେ ପ୍ରତ୍ୟୁଷରୁ ନଦୀରେ ସ୍ନାନ କରି ବାଲୁଙ୍କା ପୂଜା କରୁଥିଲେ । ବୟସ୍କା ସଧବାମାନେ ମଧ୍ୟ ସେମାନଙ୍କ ସହ ବାଲୁଙ୍କା ପୂଜାରେ ଭାଗ ନେଉଥିଲେ । ବାଲୁଙ୍କା ପୂଜା ସ୍ଥାନରେ କାର୍ତ୍ତିକ ପୁରାଣ, ଟୀକା ଭାଗବତ ଆଦି ପାଠ କରାଯାଉଥିଲା । ଗଜାମୁଗ, ଭିଜା ଅରୁଆଚାଉଳ, ନଡ଼ିଆ, କଦଳୀ, ଛେନା, ଗୁଡ଼ ଭୋଗ ଲଗାଯାଉଥିଲା । ପିଲାମାନେ ଭୋଗ ଖାଇବାକୁ ରୁଣ୍ଡ ହେଉଥିଲେ । ସକାଳ

ନଅଟାରୁ ଦଶଟା ପର୍ଯ୍ୟନ୍ତ ଏହି ପୂଜା ଚାଲୁଥିଲା । ଅପରାହ୍ନ ୪ଟାରୁ ହବିଷ ଅନ୍ନ ରନ୍ଧାଯାଉଥିଲା ଏବଂ ସନ୍ଧ୍ୟା ପୂର୍ବରୁ ଗୋଟିଏ ବକ୍ତ ମାତ୍ର ଭୋଜନ ହେଉଥିଲା ।

ପ ୁକ ପା ଦିନ ଦଶମୀଠାରୁ କା ିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ବିଧବାମାନେ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ ସାରି ଧଳାଲୁଗା ପିନ୍ଧି ବୟସ୍କା ସଧବାମାନଙ୍କ ସହ ବହୁତ ସମୟ ଧରି ବାଲୁଙ୍କା ପୂଜା କରୁଥିଲେ । ପୁରାଣ ପାଠ ପରେ ଉଭୟ ଭୋଇ ସାହି ଓ କରଣ ସାହିର ପିଲା ଓ ବୟସ୍କ ବ୍ୟକ୍ତିମାନେ ଏକତ୍ରିତ ହୋଇ ଖୋଳକରତାଳ ଧରି ବାଲୁଙ୍କା ଚତୁଃପାର୍ଶ୍ୱରେ ବୁଲି ସଂକୀ ିନ କରୁଥିଲେ । ଏହି ପା ଦିନ ହବିଷଧାରୀ ସ୍ତ୍ରୀଲୋକମାନେ ହବିଷ ଅନ୍ନ ସହ ନବାତ, କଦଳୀ, ଦହି ଆଦି ସୁସ୍ୱାଦୁ ବ୍ୟଞ୍ଜନ ଭୋଗ ଲଗାଇ ଭୋଜନ କରୁଥିଲେ । ପିଲାମାନଙ୍କୁ ଡାକି ଖାଇବାକୁ ଦେଉଥିଲେ । କା ିକ ପୂର୍ଣ୍ଣିମା ଦିନ ରୋଗୀମାନଙ୍କୁ ବାଦ୍‌ଦେଇ ଆବାଳବୃଦ୍ଧବନିତା ପ୍ରତ୍ୟୁଷରୁ ନଦୀରେ ସ୍ନାନ କରି କଦଳୀ ଖୋଳପାରେ ନିର୍ମିତ ଡଙ୍ଗା ନଦୀରେ ଭସାଉଥିଲେ । ସେମାନେ ତହିଁରେ ଘିଅବତିକୁ ଖଡ଼ିକା ସାହାଯ୍ୟରେ ଗୁଂଜି ସାଧା ପାନଗୁଆ ଦେଇ 'ଆକାମାବୈ' କହି ଭସାଉଥିଲେ । ପିଲାମାନେ ତାଳ ଫୋଟକା, ଝରଝରି ବାଣ ଆଦି ଫୁଟାଇ ଉପଭୋଗ କରୁଥିଲେ । ସଂକୀ ିନ ନଦୀକୂଳ ବାଲୁଙ୍କା ପୂଜାସ୍ଥଳୀରେ ତଥା ଗାଁଯାକ ବୁଲି କରାଯାଉଥିଲା । ଅରୁଆଅନ୍ନ ଓ ଓଉପକା ଡାଲମା ଭୋଗ ଲଗାଇ ସେବନ କରାଯାଉଥିଲା । ଡାଲମାରେ କେବଳ କଦଳୀ, ସାରୁ ଓ କନ୍ଦମୂଳ ପରିବା ପଡୁଥିଲା ।

ପୂର୍ଣ୍ଣିମା ପରଦିନ ଛାଡ଼ଖାଇ । ମାସଯାକ ଆମିଷ ଭୋଜନ କରିନଥିବା ଆମିଷାଶୀ ସ୍ତ୍ରୀ ଓ ପୁରୁଷମାନେ ମାଛ ରାନ୍ଧି ଭୋଜନ କରୁଥିଲେ । ଖାଲ ଓ ପୋଖରୀରୁ ମାଛ ଧରାଯାଉଥିଲା । ଗାଁରେ ଅନ୍ତତଃ ଗୋଟିଏ ବା ଦୁଇଟି ଖାସି ମଧ୍ୟ କଟାଯାଉଥିଲା । ନିରାମିଷାଶୀମାନେ ଛାଡ଼-ପରିବା ଯଥା - ପୋଇ, ମୂଳା, ଆଳୁ, ବାଇଗଣ ତରକାରି କରି ଖାଉଥିଲେ ।

କା ିକ ମାସର ପ୍ରତ୍ୟେକ ସୋମବାର ନିଷ୍ଠାର ସହ ପାଳନ କରାଯାଉଥିଲା । ବୟସ୍କା ସ୍ତ୍ରୀଲୋକମାନେ ଗାଧୋଇ ଶୁଦ୍ଧପୂତ ହୋଇ ନିକଟସ୍ଥ ମୁକ୍ତେଶ୍ୱର ମହାଦେବ ମନ୍ଦିରକୁ ହରିଦ୍ରବର୍ଣ୍ଣ ଧାନକ୍ଷେତ୍ର ମଧ୍ୟରେ ବଙ୍କାଟଙ୍କା ହିଡ଼ ଦେଇ ଯାଉଥିଲେ । ସେଠାରେ ସେମାନେ ପସରା ମେଲିଥିବା ପଦନ ସାହୁଠାରୁ

ଉଖୁଡ଼ା, ଲଡ୍ଡୁ, ଗଜା, ଜିଲାପି, ବୁଟଉଖୁଡ଼ା, ଡାଳିଗଜା କିଣି ଭୋଗ ଲଗାଉଥିଲେ । ସେମାନଙ୍କ ସହ ପିଲାମାନେ ମଧ୍ୟ ଯାଉଥିଲେ । ପିଲାମାନେ ମିଷ୍ଟାନ୍ନ ଖାଇବାକୁ ଅଳି କରୁଥିଲେ । ବରା, ପକୁଡ଼ି ମଧ୍ୟ ଅନ୍ୟ ପସରାରେ ବିକ୍ରି ପାଇଁ ରଖାଯାଉଥିଲା । ମନ୍ଦିରରେ ଭୋଗ ଲଗାଇ, ନଡ଼ିଆ ଭାଙ୍ଗି ଘରକୁ ଫେରି ସ୍ତ୍ରୀଲୋକମାନେ ଖଇଉଖୁଡ଼ା ଭୋଗ ପାଉଥିଲେ । ତିନିଟାରୁ ଅରୁଆଭାତ, ଡାଲମା ଓ ଖଟା ବ୍ୟ ନ ପ୍ରସ୍ତୁତ କରି ଭୋଗ ଲଗାଇ ଭୋଜନ କରୁଥିଲେ । ସେମାନେ ଉସୁନାଭାତ ନଖାଇ ଓଳିଏ ଉପାସ ରହି ଏହା କରୁଥିଲେ । ମାନସିକଧାରୀ କେହି କେହି ବ୍ୟକ୍ତି ସୋମବାର ଦିନମାନଙ୍କରେ ମୁକ୍ତେଶ୍ୱରଠାରେ କ୍ଷୀରି, ଖେଚେଡ଼ି କରି ଗାଁର ଲୋକଙ୍କୁ ଡାକି ବ ନ କରୁଥିଲେ । ହରିଜନମାନେ ମଧ୍ୟ କାର୍ିକ ମାସ ସୋମବାର ପାଳନ କରୁଥିଲେ ।

ଦିପାବଳୀ ଅମାବାସ୍ୟା ଏହି କାର୍ିକ ମାସରେ ପଡ଼େ । ଉଭୟ ସବର୍ଣ୍ଣ ଓ ହରିଜନ ଏହି ଦିନ ଘରଦ୍ୱାର ଗୋବର ପାଣିରେ ଲିପାପୋଛା କରି ରୋଷାଇ ଘର ଐଶାନ୍ୟ କୋଣରେ ସ୍ଥାପିତ ବଡ଼ବଡୁଆଙ୍କଠାରେ ସୁସ୍ୱାଦୁ ପିଠାପଣା କରି ଭୋଗ ଲଗାନ୍ତି । ସନ୍ଧ୍ୟାରେ ଘର ଅଗଣା ଚଉରା ଚତୁଃପାର୍ଶ୍ୱରେ ଦୀପ ଜଳାନ୍ତି । ରାତ୍ରିର ପ୍ରଥମ ପ୍ରହରରେ କାଉଁରିଆକାଠି ବିଡ଼ାରେ ଅଗ୍ନି ସଂଯୋଗ କରି ବଡ଼ବଡୁଆ ଡାକନ୍ତି । "ବଡ଼ବଡୁଆ ହୋ ! ଅନ୍ଧାରରେ ଆସି ଆଲୁଅରେ ଯାଅ; ବାଇଶପାହାଚରେ ଗଡ଼ଗଡ଼ଉଥାଅ ।" ଏହି ଡାକରେ ସାହି ମୁଖରିତ ହୋଇଉଠେ । ପିଲାମାନେ ତାଳ ଫୋଟକା, ଝରଝରି ଆଦି ବାଣ ଫୁଟାଇ ଆନନ୍ଦ ଅନୁଭବ କରନ୍ତି । ମୁକ୍ତେଶ୍ୱର ମହାଦେବ ପୀଠରେ ଯାତ୍ରା ହୁଏ । ହରି ସାହୁ ଆସି ଗ୍ରାମବାସୀଙ୍କ ଘରୁ ପଇସା ନେଇ ସେଠାର ବଉଳମୂଳରେ ଦୀପ ଜାଳି ଶ୍ରଦ୍ଧାଳୁ ବ୍ୟକ୍ତିଙ୍କ ଶୁଭକାମନା କରେ । ସ୍ତ୍ରୀ, ପୁରୁଷ, ପିଲା ସମସ୍ତେ ଯାତ୍ରା ଦେଖିବାକୁଯାଆନ୍ତି । ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଅଙ୍କାବଙ୍କା ହିଡ଼ ରାସ୍ତାରେ ନିରାପଦ ମଣି ଆସନ୍ତି । ବୟସ୍କ ବ୍ୟକ୍ତିମାନେ ରାତିସାରା ଅନିଦ୍ରା ହୋଇ ୪ର୍ଥ ପହର ପର୍ଯ୍ୟନ୍ତ ରହିଥାନ୍ତି ।

ଚକୁଳିଆପଣ୍ଡାମାନେ ସତ୍ୟବାଦୀ ଆଦି ସ୍ଥାନରୁ ଆସି କାର୍ିକ ମାସରେ ତାଳପତ୍ର ଛତା ଓ ପିତଳ ପାତ୍ର ଧରି ଗୀତ ଗାଇ ବୁଲନ୍ତି । ସ୍ତ୍ରୀଲୋକମାନେ ଚାଉଳ, ପରିବା, ଡାଲି ଶକ୍ତି ମୁତାବକ ଆଣି ତାଙ୍କ ପାତ୍ରରେ ଅର୍ପଣ କରନ୍ତି ।

ଦୁଇସାହିର ଦୁଇଟି ସ୍ଥାନରେ ପୁରୋହିତ ଆସି କାର୍ତ୍ତିକମାହାତ୍ମ୍ୟ ଓ ଅନ୍ୟ ପୁରାଣ ପଢ଼ି ଶୁଣାନ୍ତି । ବ୍ରତଧାରୀ ସ୍ତ୍ରୀଲୋକ ଓ ଶ୍ରଦ୍ଧାଳୁ ବ୍ୟକ୍ତିମାନେ ପୁରାଣ ଶୁଣିବାକୁ ଏକତ୍ରିତ ହୁଅନ୍ତି ।

ଏହି ମାସରେ ବଡ଼ଓଷା ପଡ଼େ । ଶିବ ଚତୁର୍ଦ୍ଦଶୀ ତିଥିରେ ଏହି ଓଷା ପଡ଼େ । ତତ୍‌କାଳରେ ସିରିବୋଉ, କୁନ୍ଦିବୋଉ, ହଲିବୋଉ ଓ ଧରିଆବୋଉ– ଏହି ୪ଟି ପରିବାରରେ ବଡ଼ଓଷା ହେଉଥିଲା । ଏହା ଶିବଙ୍କର ଓଷା ହୋଇଥିବାରୁ ଏହାକୁ ନିଷ୍ଠାପର ଭାବେ ପାଳନ କରାଯାଉଥିଲା । ଏହି ଓଷାରେ ଉପବାସ ରହିବାକୁ ପଡୁଥିଲା । ଢିଙ୍କିରେ ଓଷା ଧାନ ଓ ଚାଉଳ କୁଟାଯାଉଥିଲା । ସଂଧ୍ୟାରେ ପିଠାପଣା ହେଉଥିଲା । ବଡ଼ଗଜରେ ସବୁପ୍ରକାର ପୁର ଯଥା – ନଡ଼ିଆ, ଛେନା, ମୁଗସିଝା, ବୁଟ ବା କେସାରୀ ପୁର ଦିଆଯାଉଥିଲା । ବଡ଼ଗଜ ଗୋଟିଏ ଅଥାରରେ ଫୁଲ, ଚନ୍ଦନ ଓ ସିନ୍ଦୁର ଦେଇ ଘ ଓ ଶଙ୍ଖଧ୍ୱନି ମଧ୍ୟରେ ବସାଯାଉଥିଲା । ବଡ଼ଗଜ ଉତୁରିଲା ପରେ ଛୋଟ ଛୋଟ ଗଜ ଅଥାରରେ ବସାଯାଉଥିଲା । ମଲୁଖ, ଅଦା, ନଡ଼ିଆ ଓଗେର ପକାଇ ଅଟକାଳି ରନ୍ଧାଯାଉଥିଲା । ରାତ୍ରିର ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ଏହି ଓଷା ପାଳନ କରାଯାଉଥିଲା । ସକାଳେ କାର୍ତ୍ତିକ ସ୍ନାନ ପରେ ବୟସ୍କ ଓ ପିଲାମାନେ ସେମାନଙ୍କ ଘରେ ଏକତ୍ରିତ ହୋଇ ଭୋଗ ପାଉଥିଲେ । ସମସ୍ତଙ୍କ ଘରେ ଗଜପିଠା, ଅଟକାଳି ବ ।ଯାଉଥିଲା । ଏହାଛଡ଼ା ମୁକ୍ତେଶ୍ୱର ପଣ୍ଡା ବଡ଼ଓଷା ପୂର୍ବରୁ ଘର ଘର ବୁଲି ଧାନ ଓ ପଇସା ନିଅନ୍ତି । ମହାଦେବଙ୍କ ନିକଟରେ ଦାତାଙ୍କ ନାମରେ ଗଜ ବସାନ୍ତି । ତା' ପରଦିନ ଭୋଗ ଆଣି ଦିଅନ୍ତି ।

ଅକ୍ଷୟ ତୃତୀୟା ଚାଷୀମାନଙ୍କର ଅନିନ୍ଦ୍ୟ ପର୍ବ । ନଦିଆ ବିହାରୀ, ଦୁର୍ଯ୍ୟୋଧନ, ବଳରାମ, କୃତ୍ତିବାସ ଆଦି ବିଲରେ ଅଖିମୁଠି ବା ବିହନ ପକାଇ ଅନୁକୂଳ କରନ୍ତି । ପିଠଉରେ ଚିତ୍ରିତ ହୋଇଥିବା ଗଉଣୀରେ ଧାନ ପା ପା' ନେଇ ବେତଟୋକେଇରେ ରଖାଯାଏ । ତହିଁରେ ଚନ୍ଦନ, ସିନ୍ଦୁର ଦେଇ ଉପରେ ନୂଆବସ୍ତ୍ର ରଖି ଶଙ୍ଖ ବଜାଇ ବିଲକୁ ନିଆଯାଏ । ଖତ ଦିଆଯାଇ ବିଲର ଗୋଟିଏ କୋଣରେ ଅଖିମୁଠି ପଡ଼ି ମାଟି ଘେରାଯାଏ । ଫୁଲ, ଚନ୍ଦନ, ଧୂପ ଦିଆଯାଇ ଭୋଗ ଲଗାଯାଏ ।

ବାଟଓଷା ଅନ୍ୟ ଏକ ବଡ଼ ପର୍ବ । ଏହା ମାର୍ଗଶୀର ମାସ ଦ୍ୱିତୀୟା ଦିନ ପଡ଼େ । ଏହା ଯମ ଦେବତାଙ୍କ ଓଷା । ବାଟଓଷାରେ ପଂଥେଇ ଖୋଳାଯାଇ

ତହିଁରେ ଚେଂଗମାଛ ଛଡ଼ାଯାଏ । ମଝିରେ କଦଳୀ, ବାଉଁଶ ଓ ସାରୁଗଛ ପୋତାଯାଏ । ସଂଧ୍ୟାରେ ନାନା ପ୍ରକାର ପିଠାପଣା, କଦଳୀଚକଟା, ଛେନାଗୁଡ଼ ଭୋଗ ଲାଗେ । ଦୁଇଟି କରଣ ସାହି ଓ ଭୋଇ ସାହିରେ ପୃଥକ ପୃଥକ ଭାବେ ଏହି ପୂଜା ସମ୍ପନ୍ନ ହୁଏ । ବଜ୍ରମୂଳି ଗଛ ମଧ୍ୟ ପୂଜାପାଏ । ବ୍ରତଧାରୀ ସ୍ତ୍ରୀଲୋକମାନେ ଉପାସ ରହିଥାନ୍ତି ଏବଂ ଭୋଗ ହେବା ପରେ ପିଠାପଣା ଖାଇଥାନ୍ତି । ପୂଜା ଅନ୍ତେ ବଜ୍ରମୂଳି ପରିବାରର ସଦସ୍ୟମାନଙ୍କ ମୁଣ୍ଡରେ ବାଡ଼େଇ ଦୀର୍ଘାୟୁ କାମନା କରିଥାନ୍ତି ।

ସ୍ଥୁଳତଃ ଶତାବ୍ଦୀର ଅର୍ଦ୍ଧଭାଗ ପର୍ଯ୍ୟନ୍ତ ଗ୍ରାମଜୀବନ ସରଳ ଥିଲା । ଓଷା, ବ୍ରତ ପାଳନ କରି ଉପବାସ ରହୁଥିବାରୁ ସାଧାରଣ ରୋଗପ୍ରତିରୋଧକ ଶକ୍ତି ଅଧିକ ଥିଲା । ସ୍ତ୍ରୀଲୋକମାନେ ଗାଧୋଇ କୋଥଳିସେବା କରି ନିର୍ମାଲ୍ୟ ପାଇ ବୃନ୍ଦାବତୀ ଚଉରାରେ ପାଣି ଦେଉଥିଲେ । ତା'ପରେ କେହି କେହି ଗାଈମାନଙ୍କୁ ଦୁବ ଓ ଅରୁଆଚାଉଳ ଖାଇବାକୁ ଦେଉଥିଲେ । ଏସବୁ ନିତ୍ୟକର୍ମ ସାରି ଶାଗ କିମ୍ବା ଅନ୍ୟ ଭଜା ପ୍ରସ୍ତୁତ କରି ପ୍ରାୟତଃ ପଖାଳ ଖାଉଥିଲେ । ପୁରୁଷ ଓ ପିଲାମାନେ ମଧ୍ୟ ପଖାଳ ଖାଉଥିଲେ । ଦୁର୍ନୀତି ବା ଅସତ୍ ଉପାୟରେ ଧନ ଉପାର୍ଜନକୁ ଅଧିକାଂଶ ଲୋକ ଘୃଣା କରୁଥିଲେ । ଶତକଡ଼ା ୯୦ ଭାଗ ଲୋକ ଚୋରି ଆଦି ପାପାଚାରୀ ବୃ ିଠାରୁ ଦୂରେଇ ରହୁଥିଲେ । ସରଳ ଜୀବନଯାପନ ହିଁ ସେକାଳର ବିଶେଷତ୍ୱ ଥିଲା । ଜୀବନଧାରଣର ମାନବୃଦ୍ଧି କରିବା ଅବଶ୍ୟ ମନୁଷ୍ୟର ପ୍ରବୃ ି । କିନ୍ତୁ ପ୍ରବୃ ିକୁ ସୀମାବଦ୍ଧ କରି ସରଳ ଭାବେ ଶାଗଭାତ ଖାଇ ନିଷ୍ପାପ ଜୀବନ କଟାଇବାକୁ ଉଚିତ ମନେ କରାଯାଇଥିଲା । ବ ୍ବାର ମାନ ଅର୍ଥାତ୍ ବ ୍ ରହିବାକୁ ଯାହା ଦରକାର, ସେହି ଲକ୍ଷ୍ୟ ନେଇ ଜୀବନ ଓ ଜୀବିକା ଚାଲୁଥିଲା । ଗାଁରେ ପରସ୍ପର ମଧ୍ୟରେ ଠକାମୀ ଓ ଭଣ୍ଡାମୀ ଆଦୌ ନଥିଲା ।

## ସ୍ୱାସ୍ଥ୍ୟ ଓ ପରିମଳ

ଗ୍ରାମ ନିକଟସ୍ଥ ସରକାରୀ ଡାକ୍ତରଖାନା ରଘୁନାଥପୁରରେ ଥିଲା । ସେଠାକୁ ରାସ୍ତାଘାଟ ନଥିଲା । ଆଠମାଇଲ ରାସ୍ତା ଚାଲି କରି ଯିବାକୁ ପଡୁଥିଲା । ସାଂଘାତିକ ରୋଗୀ ଯଥା ହଇଜା ବା ଝାଡ଼ାବାନ୍ତିରେ ଆକ୍ରାନ୍ତ ବ୍ୟକ୍ତି ଓ ପ୍ରସୂତିମାନଙ୍କୁ ଶଗଡ଼ରେ ସିର୍ଲୋ ବଗିବନ୍ଧ ଦେଇ ପାଇକା କୂଳ ପର୍ଯ୍ୟନ୍ତ ନିଆଯାଉଥିଲା । ସେଠାରୁ ଡଙ୍ଗାରେ ନଦୀ ପାର ହୋଇ ରଘୁନାଥପୁର ଯିବାକୁ

ପଡୁଥିଲା । ପାଇକାରେ ପୋଲ ନଥିଲା । ୧୯୫୫ ମସିହା ବନ୍ୟା ପରେ କାଠପୋଲ ନିର୍ମିତ ହେଲା । ପ୍ରହରାଜପୁର ଓ ଗଡ଼ମା ଦେଇ ରଘୁନାଥପୁର ଯିବା ମଧ୍ୟ କଷ୍ଟକର ଥିଲା । ୧୯୬୨ ମସିହାରେ କିଶୋରନଗରରେ ଡାକ୍ତରଖାନା ସ୍ଥାପିତ ହେଲା ।

ଗ୍ରାମବାସୀ ଚିକିତ୍ସାକ୍ଷେତ୍ରରେ ବୈଦ୍ୟ ବା କବିରାଜଙ୍କ ଉପରେ ନିର୍ଭର କରୁଥିଲେ । ସର୍ବରୋଗବ୍ୟାଧି ଉପଶମ କବିରାଜଙ୍କ ପାଚନ(କେତେକ ଚେରମୂଳ ଓ ପତ୍ର)କୁ ପାଣିରେ ସିଦ୍ଧ କରି ପିଇବାକୁ ହେଉଥିଲା । ନିଛକ ଗୋମୂତ୍ରରେ କୁଟା ସାହାଯ୍ୟରେ କେତେବିନ୍ଦୁ ଘଣାପେଡ଼ା ସୋରିଷତେଲ ପକାଇ ରୋଗ ନିରୂପଣ କରାଯାଉଥିଲା । ଥର୍ମୋମିଟର ନଥିଲା । ନାଡ଼ି ଦେଖି ଉ ।ପ ଓ ଶ୍ୱାସକ୍ରିୟା ନିର୍ଣ୍ଣୟ କରାଯାଉଥିଲା । ତଦନୁଯାୟୀ ପାଚନ, ବଟିକା (ଚେରମୂଳ ଗୁଣ୍ଡରେ ନିର୍ମିତ) ଓ ମୋଦକ ଦିଆଯାଉଥିଲା । ମହୁ ଓ ଅଦାରସରେ ବଟିକାକୁ ଘୋରି ଖାଇବାକୁ ପଡୁଥିଲା । ମ୍ୟାଲେରିଆ ବା ପାଳିଜ୍ୱର ବ୍ୟାପକ ଥିଲା । ତା'ର ଉପଶମ ପାଇଁ ସିଙ୍ଗଡ଼ାହାର ପତ୍ରର ରସ ଓ ଗୋଲମରିଚ ଅବ୍ୟର୍ଥ ଔଷଧ ଥିଲା । ପ୍ଲିହା ଛୋଟ ଛୋଟ ପିଲାଙ୍କର ବାହାରି ପେଟ ଫୁଲୁଥିଲା । ମ୍ୟାଲେରିଆ ଯୋଗୁଁ ଏହା ବୃଦ୍ଧି ପାଉଥିଲା । ପାଚନ ଓ ବଟିକା ଚୂର୍ଣ୍ଣରେ ଏହାର ଉପଶମ କରାଯାଉଥିଲା ।

କବିରାଜ ପ୍ରହରାଜପୁରର ହାଡୁ ବଣିଆ ଓ ସିର୍ଲୋ ନବଗ୍ରାମର ଭଗି ଆଚାର୍ଯ୍ୟ ଗ୍ରାମକୁ ଆସି ଚିକିତ୍ସା କରୁଥିଲେ । ଏହା ବ୍ୟତୀତ ମୂଷା ମିଆଁ ସିର୍ଲୋରୁ ଆସି କରଣ ଓ ହରିଜନ ସାହି ବୁଲି ଉପରୋକ୍ତ ପ୍ରଣାଳୀରେ ଚିକିତ୍ସା କରୁଥିଲେ ।

ହଇଜା ଓ ବସନ୍ତ ରୋଗର ପ୍ରାଦୁର୍ଭାବ ବିଶେଷ ଭାବରେ ରହିଥିଲା । ହଇଜାକୁ ମହାମାରୀ ଓ ବସନ୍ତକୁ ଠାକୁରାଣୀ ବୋଲି ଅଭିହିତ କରାଯାଉଥିଲା । ପ୍ରତିଷେଧକ ଇଞ୍ଜେକସନ୍ ବା ଟିକା ୧୯୪୨ ମସିହାବେଳକୁ ପ୍ରଚଳନ ହେଲା । ଟିକାଦାର ବା ଟିକାଦିଆମାନେ ଗାଁଗଣ୍ଡାରେ ବୁଲି ହାତକୁ ଟିକାଦିଆଯନ୍ତ୍ର ସାହାଯ୍ୟରେ ଆ ୁଡ଼ି ଟିକା ଦେଉଥିଲେ । ସାତଦିନ ପର୍ଯ୍ୟନ୍ତ ଟିକା ଦେବା ସ୍ଥାନ ଫୁଲି ରହୁଥିଲା ଓ ତହିଁରେ ପୂଜ ମଧ୍ୟ ଦେଖାଦେଉଥିଲା । ତାହା ଆସ୍ତେ ଆସ୍ତେ ଶୁଖିଯାଉଥିଲା; କିନ୍ତୁ ଚିହ୍ନ ବହୁବର୍ଷ ପର୍ଯ୍ୟନ୍ତ ରହିଯାଉଥିଲା । ଯେଉଁମାନଙ୍କ ଦେହରେ ବସନ୍ତ ବା ଠାକୁରାଣୀ ଜୀବାଣୁ ନଥିଲା, ସେମାନଙ୍କ ଟିକା ନପାଚି ଶୀଘ୍ର

ଶୁଖିଯାଉଥିଲା । ବସନ୍ତରେ ଆକ୍ରାନ୍ତ ବ୍ୟକ୍ତିର ଦେହଯାକ, ଏପରିକି ମୁହଁରେ ମଧ୍ୟ ଛୋଟ ଫୋଟକାସବୁ ଉଠି ପାଚିଯାଉଥିଲା । ରୋଗୀକୁ ମୁକ୍ତ ବାୟୁ ଓ ନିମପତ୍ର ପକା ଶଯ୍ୟାରେ ଶୁଆଇ ଦିଆଯାଉଥିଲା । ରୋଗରୁ ଉପଶମ ପରେ ଅର୍ଥାତ୍ ଫୋଟକାରୁ ପୂଜ ଶୁଖିଯିବା ପରେ ଚିହ୍ନ କିନ୍ତୁ ମୃତ୍ୟୁ ପର୍ଯ୍ୟନ୍ତ ରହିଯାଉଥିଲା । ବସନ୍ତ ରୋଗର ଉପଶମ ପାଇଁ ମଙ୍ଗଦେଇପୁରର ବାଳା କାଳସୀ (ବାଳକୃଷ୍ଣ ପ୍ରଧାନ) ଆସି କଳସ ସ୍ଥାପନ କରି ଦୁର୍ଗାଙ୍କ ପୂଜା, ରୋଗୀର ଶଯ୍ୟା ପାଖରେ ଝୁଣା, ଦୀପ ଆଦି ଦେଇ କରୁଥିଲେ । ବସନ୍ତରେ କ୍ୱଚିତ୍ ବ୍ୟକ୍ତି ମୃତ୍ୟୁମୁଖରେ ପଡୁଥିଲେ । ବସନ୍ତ ବା ମିଳିମିଳା ରୋଗରେ ନିମ୍ବପତ୍ର ବାଟି ଲେପ ମଧ୍ୟ ଦିଆଯାଉଥିଲା । ମିଳିମିଳାରେ ଲହୁଣୀ ମଧ୍ୟ ପ୍ରଲେପ ଦିଆଯାଉଥିଲା । ବସନ୍ତ ଏକ ସଂକ୍ରମକ ରୋଗ ବୋଲି ସଚେତନତା ନଥିବାରୁ ଏହା ବିଶେଷ ଭାବେ ବ୍ୟାପୀଯାଉଥିଲା ।

ହଇଜା ଓ ମହାମାରୀ ବ୍ୟାପକ ଥିଲା । ହଇଜାରେ ମୃତ ବ୍ୟକ୍ତିକୁ ନଦୀରେ ଭସାଇ ଦିଆଯାଇଥିଲା । ଏହାଦ୍ୱାରା ପାଣି ସଂକ୍ରମିତ ହୋଇ ରୋଗ ଅଧିକ ବ୍ୟାପୁଥିଲା । ହଇଜାର କୌଣସି ଚିକିତ୍ସା ନଥିଲା । କେବଳ ଠାକୁରାଣୀଙ୍କ ନିକଟରେ ଆରୋଗ୍ୟ ମନାସି ପଣାପାଣି ଦିଆଯାଉଥିଲା । ଗ୍ରାମରେ ସଂକୀର୍ତ୍ତନ କରାଯାଇ ଗ୍ରାମଦେବତୀଙ୍କ ନିକଟରେ ପଣା ଦିଆଯାଉଥିଲା । ଛକଯାଗାରେ ମଧ୍ୟ ପଣାହାଣ୍ଡି ରଖାଯାଉଥିଲା । କଦଳୀ, ନବାତ, ଘୃତ, ଦୁଗ୍ଧ, ଛେନା ଦେଇ ପଣା ପ୍ରସ୍ତୁତ କରାଯାଉଥିଲା । ହଇଜାରେ ୧୯୪୧ ସାଲରେ କୃତ୍ତିବାସ ମହାନ୍ତିଙ୍କ ସ୍ତ୍ରୀ ପଦ୍ମବୋଉ, ଝିଅ ଢୋଲି ଓ ଭାଇ ଶ୍ରୀନିବାସ ୧୫ ଦିନ ମଧ୍ୟରେ ମୃତ୍ୟୁମୁଖରେ ପଡ଼ିଥିଲେ । ହରିଜନ ସାହିରେ ଶିଶୁମୃତ୍ୟୁ ସହ ଆର୍ତ୍ତ ଭୋଇଙ୍କର ଏହି ରୋଗରେ ମୃତ୍ୟୁ ଘଟିଥିଲା । ବଞ୍ଚିବାର ଆଶା କେବଳ ଈଶ୍ୱରଙ୍କଠାରେ ନ୍ୟସ୍ତ କରାଯାଉଥିଲା । କାରଣ ମହାମାରୀର ଚିକିତ୍ସା ଏ ଅଞ୍ଚଳରେ କୌଣସି ଚିକିତ୍ସକଙ୍କୁ ଜଣାନଥିଲା ।

ଗାଁରେ ପ୍ରସବ ପାଇଁ ଶୋବି ବାଉରାଣୀ, ଭ୍ରମରାମା’ ପାଲୁଣୀ ଆଦି ୩/୪ଜଣ ଅଭିଜ୍ଞ ଧାଇ ଥିଲେ । ସେମାନଙ୍କୁ ଡାକିଆଣି ପ୍ରସୂତି ନିକଟରେ ରଖାଯାଉଥିଲା । ସେମାନେ ପ୍ରସବ କରାଇ ପିଲାର ନାହି କାଟି ୧୦ ଦିନ ପର୍ଯ୍ୟନ୍ତ ଖାଇ ଘଣାପେଡ଼ା ସୋରିଷତେଲ ମାଲିସ କରି ଉହ୍ନେଇରେ କାଠନିଆଁ

କରି ସେକୁଥିଲେ । ପ୍ରସୂତିର ଲୁଗାପଟା କାଚି ଶୁଖାଉଥିଲେ । ପିଲାକୁ ଗାଧୋଇ ଦେଉଥିଲେ । ଦଶଦିନ ପରେ ଉଠିଆରି ସେକ ପାଉଁଶକୁ ହାଣ୍ଡିରେ ପୂରାଇ ଭେଡ଼ାରେ ରଖୁଥିଲେ । ଏଣୁ ସେହି ଭେଡ଼ାକୁ ଦଶହାଣ୍ଡିଭେଡ଼ା କୁହାଯାଉଥିଲା । ମୃତିକିଆରେ ଦଶଦିନ ପର୍ଯ୍ୟନ୍ତ ସେହି ଭେଡ଼ାରେ ପ୍ରତ୍ୟହ ନୂଆହାଣ୍ଡି ବଳକା ଭାତତରକାରି ସହ ଦିଆଯାଉଥିଲା । ସେହିପରି ଅଗିବଣଛକ ଭେଡ଼ା ଓ ଭୋଇସାହିର ଗୋଳାପୋଖରୀ ହୁଡ଼ାରେ ଦଶହାଣ୍ଡି ଓ ଅନ୍ତୁଡ଼ିହାଣ୍ଡି ପାଉଁଶ ଦିଆଯାଉଥିଲା । ପ୍ରସୂତି ରୋଗରେ ଶତାବ୍ଦୀର ଚାରିଦଶକ ପର୍ଯ୍ୟନ୍ତ ଅନେକ ସ୍ତ୍ରୀଲୋକଙ୍କର ମୃତ୍ୟୁ ଘଟୁଥିଲା । ପ୍ରାୟ ଦଶ ପ୍ରତିଶତ ସ୍ତ୍ରୀଲୋକ ଏଥିରେ ମୃତ୍ୟୁବରଣ କରୁଥିଲେ ।

ପିଲାଙ୍କଠାରୁ ବୃଦ୍ଧଙ୍କ ପର୍ଯ୍ୟନ୍ତ ଅଧିକାଂଶ କାଛୁକୁଣ୍ଡିଆ ରୋଗ ଭୋଗୁଥିଲେ । ଏହା କେବଳ ଅପରିଷ୍କାର ଅପରିଛନ୍ନତା ଯୋଗୁଁ ଉପଲବ୍ଧି ହେଉଥିଲା । ଶୀତଦିନେ ଏହି ରୋଗ ବିଶେଷ ଭାବେ ପରିଲକ୍ଷିତ ହେଉଥିଲା । ଅର୍ଦ୍ଧଶତାବ୍ଦୀ ପର୍ଯ୍ୟନ୍ତ କରଣ ସାହିରେ କୁଷ୍ଠରୋଗୀ ନଥିଲେ ବି ଭୋଇ ସାହିରେ ଏହି ରୋଗ ସଂକ୍ରମିତ ହୋଇଥିଲା । ଏ ରୋଗ ପାଇଁ କୌଣସି ଔଷଧ ନଥିଲା । ଫକିରା ଭୋଇ, କିଣା ଭୋଇ ଓ ନିତିଆ ଭୋଇ କୁଷ୍ଠରୋଗରେ ପଡ଼ି ବିକଳାଙ୍ଗ ହୋଇଯାଇଥିଲେ । ସେମାନଙ୍କ ହସ୍ତ, ପଦ ଆଦି ଛିଡ଼ି ପୂଜ ଦେଉଥିଲା । ଧଡ଼ି ଭୋଇ ଓ ଅନ୍ୟ ଜଣଙ୍କୁ ଏହି ରୋଗ ଆକ୍ରମଣ କରି ବିକଳାଙ୍ଗ କରିବାକୁ ବସିଥିଲାବେଳେ ସେମାନେ ସୌଭାଗ୍ୟକୁ ସାଧୁ ମହାନ୍ତିଙ୍କଠାରୁ ଭ୍ରମରମାରୀଗଛର ଗଣ୍ଡି ସିଝାଇ ସେପାଣି ପିଇବାରୁ ରୋଗ ଅଧିକ ବ୍ୟାପୀନଥିଲା । କୁଷ୍ଠରୋଗକୁ ବଡ଼ରୋଗ କୁହାଯାଉଥିଲା ଏବଂ ରୋଗୀକୁ ଘୃଣା କରି ଘର ବାହାରେ ରଖାଯାଉଥିଲା ।

ସର୍ପାଘାତ ହେଲେ ଗିରିଧାରୀ ଭୋଇ, ନବ ମହାନ୍ତି ଓ ସୁରେନ୍ଦ୍ର ମହାନ୍ତି ଝଡ଼ାଫୁଙ୍କା କରି ଭଲ କରାଇପାରୁଥିଲେ । ଏମାନେ ପିହୁଳା, ଡାହାଣୀଲାଗିବା ଆଦି ରୋଗକୁ ମଧ୍ୟ ଝଡ଼ାଫୁଙ୍କା କରି ଉପଶମ କରାଇପାରୁଥିଲେ ।

ନଦୀକୂଳରେ ଗ୍ରାମଟି ଅବସ୍ଥିତ ଥିବାରୁ ପରିମଳ ବା ପରିବେଶ ବେଶ୍ ମନୋମୁଗ୍ଧକର ଥିଲା । ନଦୀକୂଳରେ ବନ୍ଧବାଡ଼ ନଥିବାରୁ ଗ୍ରାମର ଆବର୍ଜନା ତଥା ପୋଖରୀର ଦଳ ବଢ଼ିପାଣିରେ ଧୋଇ ହୋଇ ବାହାରକୁ ଚାଲିଯାଉଥିଲା ।

ବଡ଼ଦଣ୍ଡା, ହାଡୁଆଳୀ, ଭୋଇପଡ଼ା ଆଦି ଜଙ୍ଗଲ ଥିବାରୁ ବର୍ଷା ଠିକ୍ ସମୟରେ ହେଉଥିଲା । ସୁଶୀତଳ ପବନ ପ୍ରବାହିତ ହେଉଥିଲା । ଗ୍ରୀଷ୍ମକାଳ ସନ୍ଧ୍ୟାରେ ନଦୀବାଲିରେ ବସି ଶୀତଳ ପବନକୁ ଉପଭୋଗ କରାଯାଉଥିଲା । ଶୀତକାଳୀନ ନଦୀର ଦୃଶ୍ୟ ଓ ନଦୀପଠାରେ କାଶତଣ୍ଡି ଫୁଲର ଶୋଭା ବଡ଼ ମନୋମୁଗ୍ଧକର ଥିଲା । ଏହି ବର୍ଣ୍ଣନାତୀତ ପ୍ରାକୃତିକ ଶୋଭା ବେଶ୍ ଉପଭୋଗ୍ୟ ଥିଲା । ନଦୀଗର୍ଭରେ ବଡ଼ ବଡ଼ ଡଙ୍ଗା ମାଲପତ୍ର ନେବାଆଣିବା କରୁଥିଲେ । କୁଜଙ୍ଗ ଅ ଳରୁ ଡଙ୍ଗାରେ ମାଟିଆ ଲୁଣ ଓ ଶୁଖୁଆ ଆସୁଥିଲା । ଏହି ଡଙ୍ଗା ଲଙ୍ଗର ପକାଇ ରହି ଧାନ, ଚାଉଳ ଓ ରବିଫସଲ ବଦଳରେ ଲୁଣ ଓ ଶୁଖୁଆ ଦେଉଥିଲେ ।

ଗ୍ରାମରେ ତେଣ୍ଡା ଗାଡ଼ିଆ, ଯେଉଟ ଗାଡ଼ିଆ, ଖଳା ଗାଡ଼ିଆ, ଠାକୁରାଣୀ ଗାଡ଼ିଆ ଆଦି ପୋଖରୀ ଥିଲା । ଏହା ବ୍ୟତୀତ ୩/୪ଟି ସ୍ଥାନରେ ଖାଲଖମା ଥିଲା । ନଦୀବଢ଼ି ହେଲେ ଏଥିରେ ପାଣି ପଶିଯାଉଥିଲା । ବିସ୍ତର ମାଛଜାଆଁଳ ରହି ବଢୁଥିଲେ । ତହିଁରୁ ଚୂନାମାଛ ମଧ୍ୟ ମିଳୁଥିଲା । ତେଣ୍ଡା ଗାଡ଼ିଆ ଓ ଯେଉଟ ଗାଡ଼ିଆ କୋଠରେ ଥିଲା । ଖରାଦିନେ ତହିଁରୁ ମାଛ ଧରାଯାଇ ଭାଗବ । ହେଉଥିଲା । ଠାକୁରାଣୀ ଗାଡ଼ିଆର ମାଛ ଗ୍ରାମବାସୀମାନେ ଘରପିଛା ବା ି କରି ନେଉଥିଲେ । ଖଳା ଗାଡ଼ିଆ ଓ ଅନ୍ୟ ଛୋଟ ଖାଲଖମା ବ୍ୟକ୍ତିଗତ ମାଲିକାନାରେ ଥିଲା । ଶତାବ୍ଦୀର ଚାରିଦଶକରେ ନଦିଆ ବିହାରୀ ମହାନ୍ତି ଏକ ପୋଖରୀ ଖୋଳାଇଥିଲେ । ବର୍ଷାଦିନେ ନଦୀଜଳ କର୍ଦ୍ଦମାକ୍ତ ଥିବାରୁ ଗ୍ରାମବାସୀ ସେହି ପୁଷ୍କରିଣୀରେ ସ୍ନାନ କରୁଥିଲେ । ପିଲାମାନେ ତହିଁରେ ସନ୍ତରଣ ଶିକ୍ଷା କରୁଥିଲେ । ମାଛଧରା ଦୃଶ୍ୟ ବଡ଼ ମନୋରମ ଥିଲା । ଗାଡ଼ିଆ ବା ପୋଖରୀର ପାଣି ମାଛଧରାରେ ଗୋଳିଆ ହୋଇଯାଉଥିଲା । ବ ର୍ମାନ ବିଲୀନ ହୋଇଥିବା ଶଂଖଚିଲ ସେତେବେଳେ ବହୁତ ଥିଲେ । ମାଛଧରା ସମୟରେ ଶଂଖଚିଲ, ମାଟିଆଚିଲ, ମାଛରଙ୍କା ଆଦି ପକ୍ଷୀ ରାବଦେଇ ଉଡ଼ି ଉଡ଼ି ଆସି ମାଛ ଥ ରେ ଧରି ଗଛଡ଼ାଳକୁ ଚାଲିଯାଉଥିଲେ । ଗଛଡ଼ାଳରେ ବସି ତାହା ଖାଇସାରି ପୁଣି ଆସି ଚକର ଦେଉଥିଲେ । କାଠି ପୋଲୁହ, ଜାଲ ପୋଲୁହ, ବ'ଜାଲ ଓ କ୍ଷେପୀଜାଲରେ ନଦୀ ଓ ପୋଖରୀରୁ ମାଛ ଧରାଯାଉଥିଲା । ତା'ଛଡ଼ା ପିଲା ଓ ବଡ଼ଲୋକ, ବିଶେଷତଃ ହରିଜନ ସାହିର ପିଲା ଓ ସ୍ତ୍ରୀପୁରୁଷ ନଦୀ ଓ କଣ୍ଡିଆମାନଙ୍କରେ ଉଣ୍ଡାଳି ଚୂନା ଚିଙ୍ଗୁଡ଼ି, ବାଲିଗୁଡ଼ି ଆଦି ମାଛ ଏବଂ ପୋଖରୀରୁ

କରାଣ୍ଡି, କ ିଆ ଆଦି ମାଛ ଧରୁଥିଲେ । ଅଧିକାଂଶ ଦିନ ଭାତ ଓ ମାଛ ତରକାରି ଆହାର ହେଉଥିଲା ।

## ଖାଦ୍ୟ ଓ ପାନୀୟଜଳ

ପାନୀୟ ଜଳ ଭାବେ କେବଳ କୂଅପାଣି ବ୍ୟବହାର କରାଯାଉଥିଲା । କରଣ ସାହିରେ ପ୍ରତି ପରିବାରର କୂଅ ଥିଲା । ହରିଜନ ସାହିରେ ୩/୪ଟି କୂଅ ଥିଲା । ଲୋକମାନେ ସେଥିରୁ ପାଣି ନେଇ ବ୍ୟବହାର କରୁଥିଲେ । ଅର୍ଦ୍ଧଶତାବ୍ଦୀ ପର୍ଯ୍ୟନ୍ତ ନଳକୂଅ ବସିନଥିଲା । ମାଟିନନ୍ଦ ବସାଇ କୂଅ ଖୋଳି ଉପରକୁ ମାଟି ତିଆରି ଫନ୍ଦ ବସାଯାଉଥିଲା । କେହି କେହି ଖରାଦିନେ ନଦୀରୁ ମାଠିଆରେ ପାଣି ଆଣି ପାନ କରୁଥିଲେ । ପାଣି ବିଶୋଧନ କରି ପିଇବାର ସଚେତନତା ଆଦୌ ନଥିଲା ।

ପ୍ରତ୍ୟେକ ଘର ପାଖରେ ବାରି ଥିଲା । ଲୋକେ ବାଡ଼ିରେ ଅନ୍ତତଃ ସଜନା ଓ କଦଳୀ ପକାଉଥିଲେ । ଋତୁ ଅନୁସାରେ ବାରିରେ ଖଡ଼ା ଓ କୋଶଳା ଶାଗ, ଲଙ୍କାମରିଚ, ଜହ୍ନି, ଭେଣ୍ଡି, କାକୁଡ଼ି, ବୋଇତିକଖାରୁ, ପାଣିକଖାରୁ, ପୋଇ ଆଦି ଲଗାଉଥିଲେ । ଏଥିଯୋଗୁଁ ତରକାରି ଓ ଭଜା ସମସ୍ୟା ରହୁନଥିଲା । ଯେଉଁ ୨/୪ ଜଣଙ୍କର ପୋଖରୀ ନିକଟରେ ଜମି ଥିଲା, ସେମାନେ ଆଳୁ ଫସଲ କରି ପୋଖରୀରୁ ଟେଣ୍ଡାରେ ପାଣି ବୁହାଇ ଓ ସୋରିଷ ପିଡ଼ିଆ ଦେଇ ଅମଳ କରୁଥିଲେ । ଦେଶୀଆଳୁ ମଧ୍ୟ ବାଡ଼ କଡ଼ରେ ଲଗାଯାଉଥିଲା । ମୁଖ୍ୟଖାଦ୍ୟ ଥିଲା ଭାତ । ଧାନକୁ ମାଟିହାଣ୍ଡିରେ ଉଷେଇ, ତା'ପରେ ଶୁଖାଇ, ତା'ପରେ ଢିଙ୍କିରେ କୁଟି ଚାଉଳ ପ୍ରସ୍ତୁତ କରାଯାଉଥିଲା । ଅଧିକାଂଶ ଗ୍ରାମବାସୀଙ୍କର ଢିଙ୍କି ଥିଲା । ହରିଜନ ସାହିର ଲୋକେ ଢିଙ୍କିରେ ଧାନ କୁଟୁଥିଲେ । କୁଟା ମଜୁରୀ ବାବଦକୁ ୧୨ ସେରରେ ୧ ସେର ନେଉଥିଲେ । ରବିଫସଲ କହିଲେ କୋଳଥ, ବିଆଳି ପ୍ରଚୁର ଅମଳ ହେଉଥିଲା । କାରଣ ନଦୀବଢ଼ି ଯୋଗୁଁ ପଟୁ ପଡ଼ି ମାଟି ଉର୍ବର ଥିଲା । ତା' ଛଡ଼ା ଗହୀରରେ ବିଲ ଥିବା ୨/୩ ଜଣ ବ୍ୟକ୍ତି ଶାରଦଧାନ କଟା ପରେ ମୁଗ ଚାଷ କରୁଥିଲେ । ଜଗନ୍ନାଥପୁର ଗ୍ରାମର ପୁନେଇ ପୃଷ୍ଟି, ବାବନ ପୃଷ୍ଟି ଆଦି ନଦୀକୂଳ ବିଲରେ ଭାଗଚାଷ କରି ବିଆଳି, କୋଳଥ ଉପୁଯାଉଥିଲେ ।

ଗଛଛାଇ ଥିବା ବାରିରେ ହଳଦୀ ମଧ୍ୟ ଲଗାଯାଉଥିଲା । ଆମ୍ବ ତୋଟାସବୁ ଥିଲା । ଦୀନବନ୍ଧୁ, ଚିନ୍ତାମଣି, ମାର୍କଣ୍ଡ ଓ ନଦିଆ ବିହାରୀଙ୍କର ଗାଁରେ ୨/୩ଟି ତୋଟା କୋଠରେ ଥିଲା । ସେମାନେ ଆମ୍ବ ପାରି ଭାଗବାି ନେଉଥିଲେ । ପଣସଗଛ କମ୍ ସଂଖ୍ୟକ ଥିଲା । ନଡ଼ିଆଗଛ କେବଳ ଦେବାଧି ମହାନ୍ତିଙ୍କର ୭/୮ଟି ଥିଲା । ଗ୍ରାମବାସୀମାନେ ନଡ଼ିଆଗଛ ପକାଇବାକୁ ଡରୁଥିଲେ । ଅବ୍ରାହ୍ମଣମାନେ ନଡ଼ିଆଗଛ ଲଗାଇଲେ ତହିଁରୁ ଫଳ ଚଅଁର ବାହାରିରେ ପରିବାରର ଲୋକହାନୀ ହେବାର ଭୟ ଥିଲା । ତା' ସେ୍ ଚାରିଦଶକରେ ନଦିଆ ବିହାରୀ ବ୍ରାହ୍ମଣ(ବରଜା ନନା)ଙ୍କୁ ଡାକି ନଡ଼ିଆଗଛ ପକାଇବା ଆରମ୍ଭ କରିଥିଲେ । ତା'ପରେ କ୍ରମଶଃ ଅନ୍ୟମାନେ ନଡ଼ିଆଗଛ ଲଗାଇଥିଲେ ।

ମୁଖ୍ୟଖାଦ୍ୟ ଥିଲା ଭାତ । ବେଳାଏ ରାନ୍ଧି ରାତିରେ ତବତ ଖାଉଥିଲେ । ଦିନରେ ପଖାଳ ଭାତ ଓ ତା' ସହ ଶାଗ ଭଜା, କୋଳଥ ଡାଲି ଆଦି ସକାଳେ ଓ ଦ୍ୱିପ୍ରହରରେ ଖାଉଥିଲେ । ଅବଶ୍ୟ ୨/୩ ଘର ଦୁଇବେଳା ରାନ୍ଧୁଥିଲେ । ଭୋଇ ସାହିରେ ମଧ୍ୟ ସମସ୍ତେ ଦିନବେଳା ପଖାଳ ଭାତ ଓ ତା' ସହ ଶାଗ ଭଜା, ପରିବା ଭଜା, ମାଛ ଭଜା ଓ ତରକାରି ଖାଉଥିଲେ । ନଦୀପୋଖରୀରୁ ପ୍ରଚୁର ଚୂନାମାଛ ମିଳୁଥିଲା । ତା'ଛଡ଼ା କେଉଟମାନେ ଗାଁରେ ମାଛ ବିକ୍ରି କରିବାକୁ ଆସୁଥିଲେ । କେବଳ ଚାକିରିଆ ଶ୍ରେଣୀର ବ୍ୟକ୍ତି ମାଛ କିଣିବାକୁ ସକ୍ଷମ ହେଉଥିଲେ । ଶୁଖୁଆ ବିକାଳି ମଧ୍ୟ ଆସୁଥିଲେ । ଭୋଇ ସାହିର ଲୋକେ ଧାନ, ଚାଉଳ, ମୁଗ, କୋଳଥ ବଦଳରେ ଏହା କିଣୁଥିଲେ । କେବଳ ସେମାନେ ଛେଳି ରଖୁଥିଲେ । ପିଲାମାନେ ବଣରେ ଛେଳି ଚରାଉଥିଲେ । ଅବଶ୍ୟ କରଣ ସାହିର ଭଗବାନ ଓ ବରଜୁ ମଧ୍ୟ ଛେଳି ରଖିଥିଲେ । ରଜ ଆଦି ପର୍ବପର୍ବାଣିରେ ଖାସି ମରାଯାଉଥିଲା । ବର୍ଷାଦିନେ ବଣରେ ପାଣି ଜମିବାରୁ ଓ ନଦୀବଢ଼ି ସମୟରେ ବହୁସଂଖ୍ୟାରେ ଠେକୁଆ ବାହାରୁଥିଲେ । ଭୋଇ ସାହିର ଲୋକେ ଠେକୁଆ ମାରି ମାଂସ ଖାଉଥିଲେ ।

ବୋହୂମାନେ ସକାଳୁ ଉଠି ଗାଧୋଇପାଧୋଇ ଚୁଲି ଲଗାଇ ଶାଗ ଓ ଭଜା ପ୍ରସ୍ତୁତ କରି ଶାଶୁ, ଶ୍ୱଶୁର, ଦେଢ଼ଶୁର, ଯାଆମାନଙ୍କୁ ପଖାଳ ସହ ଖାଇବାକୁ ଦେଉଥିଲେ । ବୁଢ଼ାବୁଢ଼ୀ ଓ ରୋଗୀମାନେ ମୁଢ଼ି, ଚୁଡ଼ା, ଚାଉଳଭଜା ଖାଉଥିଲେ । ଛୋଟ ପିଲାମାନେ ସକାଳୁ ପଖାଳ ବା ଚୁଡ଼ାଭଜା ଖାଇ ସ୍କୁଲକୁ

ଯାଉଥିଲେ । ଅର୍ଦ୍ଧଶତାବ୍ଦୀ ପର୍ଯ୍ୟନ୍ତ ଗାଁ ପିଲାଙ୍କ ମଧ୍ୟରୁ ୭/୮ ଜଣ ସାମନ୍ତରାପୁର ମାଇନର ସ୍କୁଲକୁ ଯାଉଥିଲେ । ନଅଟାରେ ଶାଗପଖାଳ ଖାଇ ସ୍କୁଲକୁ ଯାଉଥିଲେ ଓ ଚାରିଟାରେ ଘରକୁ ଫେରି ଗରମ ଭାତ ଖାଉଥିଲେ । ଶିଶୁଖାଦ୍ୟ କେବଳ ମା'କ୍ଷୀର ବା ଗାଇକ୍ଷୀର ଥିଲା । ପିଲା ବର୍ଷକର ହେଲେ ତାକୁ ବଢ଼ାଭାତ ଚକଟି କରି ଦିଆଯାଉଥିଲା । ସକାଳୁ ଛୋଟ ଘଡ଼ିରେ ଚାଉଳ, କଦଳୀ, ହରଡ଼ଡାଲି ଆଦି ସିଦ୍ଧ କରି ଶିଶୁକୁ ଖୁଆଯାଉଥିଲା । ବୈଦ୍ୟମାନେ ପିଲାଙ୍କ ପାଇଁ ବୁଟି ଔଷଧ ଦେଉଥିଲେ । ଗ୍ରାଇପ୍ ମିକ୍ଶ୍ଚର ୧୯୩୦ ସାଲରୁ ବଜାରରେ ମିଳିଲା ।

## ଜୀବିକା

ଗ୍ରାମର ୪/୫ଟି ଚାକିରିଆ ପରିବାର ବ୍ୟତୀତ ଅନ୍ୟ ପରିବାରଗୁଡ଼ିକ ଚାଷକାମରେ ଲିପ୍ତ ଥିଲେ । ଯେଉଁ ପରିବାରର ଲୋକ ଚାକିରି କରୁଥିଲେ, ସେମାନେ ରାଜା, ଜମିଦାରଙ୍କ ଦପ୍ତରରେ ଚାକିରି କରୁଥିଲେ । ତିନିଦଶନ୍ଧି ପର୍ଯ୍ୟନ୍ତ ମାଟ୍ରିକ୍ ପାସ କରିଥିବା ଲୋକ ଗ୍ରାମରେ ନଥିଲେ । କରଣ ସାହିର କୃ ିବାସ, ବରଜୁ, କୁଳମଣି ହଳ ରଖି ନିଜେ ଚାଷ କରୁଥିଲେ । ନଦିଆ ବିହାରୀ, ଚିନ୍ତାମଣି, ଦୁର୍ଯ୍ୟୋଧନ ହଳ ରଖି ଚାକିରିଆ ଓ କୋଠିଆଙ୍କଦ୍ୱାରା ଚାଷକାମ କରାଉଥିଲେ । ଭୋଇ ସାହିରେ କାହାର ନିଜସ୍ୱ ଜମି ନଥିଲା । ଏଣୁ ସେମାନେ ଚାକର, କୋଠିଆ ଭାବେ ସାମନ୍ତମାନଙ୍କ ଚାଷକାମ ଚଳାଉଥିଲେ । ଭୋଇ ସାହିର ସ୍ତ୍ରୀଲୋକମାନେ ମୂଲରେ ଚାଷକାମ କରୁଥିଲେ । ସେମାନେ ଢିଙ୍କିରେ ଧାନ କୁଟି ମଜୁରି ଚାଉଳ ଆକାରରେ ନେଉଥିଲେ । ତିନିଦଶନ୍ଧି ଯାଏ ଦୈନିକ ମୂଲ ଦି'ଅଣାରୁ ଦି'ଅଣା ଛଅପାହୁଲା ପର୍ଯ୍ୟନ୍ତ ଥିଲା । ଚାଷ ବ୍ୟତୀତ ଅଧିକାଂଶ କାମରେ ଧାନ ମୂଲ ଭାବେ ଦିଆଯାଉଥିଲା । ତା'ପୁଣି ୬ ସେରିଆ ୧ ଗୌଣୀକୁ ପୁରୁଷ ୩ଟା ଓ ସ୍ତ୍ରୀଲୋକ ୪ଟା ମୂଲ ଆକାରାରେ ମଜୁରା କରୁଥିଲେ । ଚାକିରିଆମାନେ ବର୍ଷକୁ ୧୨ ଟଙ୍କାରୁ ୧୫ ଟଙ୍କା ପର୍ଯ୍ୟନ୍ତ ଏବଂ ଲୁଗା, ଶୀତଚାଦର ଓ ଗାମୁଛା ପାଉଥିଲେ । ଗାଈ ଚରାଇବା ପାଇଁ ଗାଇଆଳ ପିଲା ବାର୍ଷିକ ୮ ଟଙ୍କାରୁ ୧୦ ଟଙ୍କା ପର୍ଯ୍ୟନ୍ତ ନେଉଥିଲେ । କେବଳ ଧନୀ ସାମନ୍ତମାନେ ଏମାନଙ୍କୁ ନିଯୁକ୍ତି ଦେଉଥିଲେ । ଯେଉଁମାନଙ୍କର ଚାଷ ନଥିଲା ସେମାନଙ୍କ ମଧ୍ୟରୁ ଶତକଡ଼ା ନବେଭାଗ ଗାଈ ପାଳୁଥିଲେ । ସେମାନେ

ଗାଈଆଳକୁ ଗାଈପିଛା ମାସିକ ଆଠଅଣାରୁ ଏକଟଙ୍କା ପର୍ଯ୍ୟନ୍ତ ଦେଇ ଗାଈ ଚରାଉଥିଲେ । ଭୋଇମାନେ ଗାଈ ସହ ଛେଳି ଓ କୁକୁଡ଼ା ପାଳି ଜୀବିକା ମେ ।ଉଥିଲେ । କୋଠିଆ ଓ କୋଠିଆଣୀ ଜମିମାଲିକଙ୍କର ବର୍ଷକଯାକର ଚାଷ ଓ ଅନ୍ୟାନ୍ୟ କାମ କରିବାକୁ ଚୁକ୍ତି କରି ରହୁଥିଲେ । ଧାନକଟାରେ ସେମାନେ ଧାନ ୧୦ଟି ହଳାରେ ୧ଟି ହଳା ନେଉଥିଲେ; ଅନ୍ୟମାନେ ୧୨ଟି ହଳାରେ ୧ଟି ହଳା ନେଉଥିଲେ । ମୁଗ, ବିରି ଓ କୋଳଥ ଓପଡ଼ାରେ ଭାଗ କରି ୬ ଭାଗରେ ୧ ଭାଗ ନେଉଥିଲେ । ହଳ ଚାକର ଓ ଗାଈଆଳ ପିଲା ସକାଳୁ ପଖାଳ ଭାତ, ପେଷା କୋଳଥଡାଲି ଖାଇ କାମ କରିବାକୁ ଯାଉଥିଲେ । ସେମାନେ ଦିପହର ଓ ରାତିରେ ଭାତ, ତରକାରି ଖାଉଥିଲେ । ତିନିଦଶନ୍ଧି ପରେ ଚାହା ପ୍ରଚଳନ ହୋଇଥିଲା । ସେମାନଙ୍କୁ ମୁଢ଼ି ଓ ଚୁଡ଼ା ମଧ୍ୟ ଖାଇବାକୁ ଦିଆଯାଉଥିଲା । ସମସ୍ତଙ୍କର ବାରିବଗିଚାରେ ଶାଗ ଓ ପନିପରିବା ହେଉଥିଲା । ସଜନାଗଛ ମଧ୍ୟ ଥିଲା । ତେଣୁ କାହାରିକୁ ପରିବା କିଣିବା ପାଇଁ ପଡୁନଥିଲା । ଲୋକେ ବିଲ, ପୋଖରୀ ଓ ନଦୀରୁ ମାଛ ଧରି ତରକାରିର ଆବଶ୍ୟକତା ମେ ।ଇଥିଲେ ।

## ଗ୍ରାମଦେବତୀ

ଗ୍ରାମଦେବତୀ ସାହାଡ଼ା ସୁନ୍ଦରୀ ଅଧିଷ୍ଠିତ ପୀଠର ଚତୁଃପାର୍ଶ୍ୱରେ ଇଟାର ଚାନ୍ଦିନୀ ୧୯୪୨ ସାଲରେ ନିର୍ମିତ ହୋଇଥିଲା । ତା' ପୂର୍ବରୁ ବିରାଟ ବରଗଛର ଚତୁଃପାର୍ଶ୍ୱରେ ମାଟିରେ ନିର୍ମିତ ପୋଡ଼ା ଟାଇଲର ଏକ ପୀଠ ଥିଲା । ମାନସିକ କରିଥିବା ବ୍ୟକ୍ତିମାନେ ମାଟିରେ ତିଆରି ଘୋଡ଼ା ବସାଉଥିଲେ । ବରଗଛ ସିନ୍ଦୁରରେ ମଣ୍ଡିତ ଥିଲା । ଦୀନବନ୍ଧୁଙ୍କ ପରିବାରର ସ୍ତ୍ରୀଲୋକମାନେ ଠାକୁରାଣୀଙ୍କୁ ସ୍ନାନ କରାଇ ଫୁଲରେ ସଜାଉଥିଲେ । ଠାକୁରାଣୀଙ୍କୁ କେହି କେହି ନିଃସନ୍ତାନ ଗ୍ରାମବାସୀ ଦୁଇଏକର ପର୍ଯ୍ୟନ୍ତ ଜମି ଦେଇଥିଲେ । ମଙ୍ଗଦେଇପୁରର ବାରିକ ବଂଶ ହିଁ ଠାକୁରାଣୀଙ୍କର ପୂଜକ ଥିଲେ । ସେହିମାନେ ଉକ୍ତ ଜମିର ମାରଫତଦାର ଥିଲେ । ପ୍ରତ୍ୟେକ ଗୁରୁବାର, ଅମାବାସ୍ୟା ଓ ପୂର୍ଣ୍ଣିମା ତିଥିରେ ହଳଦୀ, ଚୁଆ, ମଥାଘଷା ମଖାଯାଇ ଠାକୁରାଣୀଙ୍କୁ ସ୍ନାନ କରାଯାଉଥିଲା । ଠାକୁରାଣୀଙ୍କଠାରେ ଛେନା, ଗୁଡ଼, କଦଳୀ ଭୋଗ ଲଗାଇ ପିଲାମାନଙ୍କୁ

ବ ।ଯାଉଥିଲା । କ୍ରମଶଃ ଠାକୁରାଣୀଙ୍କ ଜମିକୁ ମାରଫତଦାରମାନେ ବିକ୍ରି କରିବାରେ ଲାଗିଥିଲେ ଓ ପୂଜାରେ ମଧ୍ୟ ଅବହେଳା ପ୍ରଦର୍ଶନ କରିଥିଲେ । ଗ୍ରାମବାସୀମାନେ ସୁଚାରୁରୂପେ ପୂଜା ହେବା ପ୍ରତି ବିଶେଷ ଯତ୍ନବାନ ନଥିଲେ । ପୀଠର ହତା ମଧ୍ୟରେ ୪/୫ଟି ଆମ୍ବଗଛ, ମାଳତୀଗଛ ଆଦି ଥିଲା । ଠାକୁରାଣୀଙ୍କ ସମ୍ମୁଖ ଭାଗରେ ଏକ ପୁଷ୍କରିଣୀ ମଧ୍ୟ ଥିଲା । ବ ର୍ମାନ ତାହା ପୋତି ହୋଇଗଲାଣି । ସନ୍ଧ୍ୟାରେ ଠାକୁରାଣୀଙ୍କଠାରେ ବତି ଦିଆଯାଉଥିଲା । ବିବାହ ଉସବରେ ଠାକୁରାଣୀଙ୍କର 'ଦିଅଁ ମଙ୍ଗୁଳା' ଅହିଅ ସ୍ତ୍ରୀମାନେ ଏକତ୍ର ହୋଇ ବାଇଦ ବାଜଣା ମଧ୍ୟରେ ଆଟୋପରେ ସମାହିତ କରୁଥିଲେ । ହଇଜା, ବସନ୍ତ ଆଦି ମହାମାରୀର ନିରାକରଣ ପାଇଁ ଠାକୁରାଣୀଙ୍କ ଆଶ୍ରା ଏକମାତ୍ର ପନ୍ଥା ଥିଲା । ଏଣୁ ଠାକୁରାଣୀଙ୍କୁ ପଣା ଭୋଗ ଦିଆଯାଉଥିଲା । ମହାମାରୀ ସମୟରେ ଗ୍ରାମବାସୀ ସଂକୀ ର୍ନ କରି ଠାକୁରାଣୀଙ୍କଠାରେ ଉଦ୍‌ଯାପନ କରୁଥିଲେ । ମୁଖ୍ୟ ପୂଜ୍ୟ ବରଗଛଟି ବାତ୍ୟାରେ ଉପୁଡ଼ିପଡ଼ିଥିଲା । ଆମ୍ବଗଛ ମଧ୍ୟ ପରେ ସେହି ଦଶା ଭୋଗିଥିଲା । ନିକଟରେ ଥିବା ଆଉ ଏକ ବରଗଛକୁ ପୂଜାପୀଠ ପରିବ ର୍ନ କରାଯାଇଥିଲା । ୧୯୫୧-୫୨ ମସିହା ପର୍ଯ୍ୟନ୍ତ ଏଠାରେ ଦୋଳ ମେଲଣ ଅନୁଷ୍ଠିତ ହେଉଥିଲା । ଚାରିଦଶନ୍ଧିରେ ପ୍ରଥମ କରି ଅଷ୍ଟପ୍ରହରୀ ନାମସଂକୀ ର୍ନ ଆରମ୍ଭ ହୋଇ କିଛିବର୍ଷ ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ଚାନ୍ଦା ଅର୍ଥରେ ସୁଚାରୁରୂପେ ଚାଲିଥିଲା । ଆମ୍ବଗଛ ବିକ୍ରି ଅର୍ଥରେ ଚତୁଃପାର୍ଶ୍ୱରେ ଇଟାରେ ମଣ୍ଡପ ନିର୍ମାଣ କରାଯାଇଥିଲା । ମୁଖ୍ୟ ବରଗଛ ଉପୁଡ଼ିଯିବାରୁ ଜରାଜୀର୍ଣ୍ଣ ଅବସ୍ଥାରେ ପୂଜା ପାଉଥିଲା । ସ୍ଥୁଳତଃ ଗ୍ରାମବାସୀଙ୍କର ଠାକୁରାଣୀଙ୍କ ପୂଜା ଓ ପୀଠ ନିର୍ମାଣରେ ଅର୍ଦ୍ଧଶତାବ୍ଦୀର ଶେଷ ପର୍ଯ୍ୟନ୍ତ ସେତେଟା ଆନ୍ତରିକତା ନଥିଲା ।

## ସିଦ୍ଧ ବରେଇ ଗୋସାଇଁ ପୀଠ

ସିଦ୍ଧ ବରେଇ ଗୋସାଇଁ ପୀଠ ବଡ଼ଦଣ୍ଡା ଓ ହାଡ଼ୁଆଳୀ ବଣର ମଧ୍ୟସ୍ଥଳୀରେ ଅବସ୍ଥିତ । ଶୁଣାଯାଏ, କେହି ଜଣେ ପରମାର୍ଥୀ ବଣ ମଧ୍ୟସ୍ଥ ଏହି ସ୍ଥାନରେ ସାଧନା କରି ସମାଧିସ୍ଥ ହୋଇଥିଲେ । ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ସ୍ଥାନକୁ ଦେବାଳୟ ଭାବେ ଅଭିହିତ କରାଯାଇଥିଲା । ପାଖ ଜଗନ୍ନାଥପୁର, ବାଲିଶୁକ୍ରୀ ଓ ଭୋଇପଡ଼ାର ଲୋକମାନେ ଅମାବାସ୍ୟା, ସଂକ୍ରାନ୍ତି ଓ ପୂର୍ଣ୍ଣିମା

ତିଥିରେ ଏହି ପୀଠରେ ଏକତ୍ରିତ ହୋଇ ସଂକୀର୍ତ୍ତନ, ଖଂଜଣୀ ଭଜନ ଆଦି ପରିବେଷଣ କରୁଥିଲେ । ଚାଉଳ, ପରିବା ଆଦି ପୂର୍ବରୁ ସଂଗ୍ରହ କରାଯାଇ ଜନ୍ତାଳ କରାଯାଉଥିଲା । ମୁକ୍ତେଶ୍ୱର ପଣ୍ଡା ଆସି ରନ୍ଧନ କରୁଥିଲେ । ଉପସ୍ଥିତ ଶ୍ରଦ୍ଧାଳୁ ଭକ୍ତ ଓ ଜନତାଙ୍କୁ ପ୍ରସାଦ ବ ନ କରାଯାଉଥିଲା । ଶତାବ୍ଦୀର ଦୁଇଦଶକ ପରେ କ୍ରମଶଃ ଏଥିପ୍ରତି ଆଗ୍ରହ କମିଯାଇଥିଲା ।

ଉକ୍ତ ବିଜେସ୍ଥଳୀକୁ ଶତାବ୍ଦୀ ଆରମ୍ଭ ଆଗରୁ ସ୍ୱର୍ଗତ ଜଗଦୀଶ କାନୁନ୍‌ଗୋ ଚାରିଗୁଣ୍ଠ ଜମି ଦାନ କରିଥିଲେ । ସେଠାରେ ଆମ୍ବ, ନାରିକେଳ ଆଦି ବୃକ୍ଷ ରୋପଣ କରାଯାଇଥିଲା । ସେଥି ମଧ୍ୟରେ ଏକ କୂଅ ମଧ୍ୟ ଥିଲା । ବରେଇ ଗୋସାଇଁଙ୍କ ବିଜେସ୍ଥଳୀ ଏକ ବିରାଟ ବଟବୃକ୍ଷ । ସେଠାରେ ଟାଇଲ ଓ ମାଟିରେ ତିଆରି ଏକ ପିଣ୍ଡି ଥିଲା । ସିଦ୍ଧପୁରୁଷଙ୍କ କଠଉ, ଆଶାବାଡ଼ି ଆଦି ରଖାଯାଇଥିଲା । ପୀଠ ସମ୍ମୁଖରେ ୧୫ ହାତ ଦୂରରେ ଏକ ବିରାଟ ଉଇହୁଙ୍କା ଥିଲା । ତାହା ବର୍ଷା ଓ ବଢ଼ି ପାଣିରେ କ୍ଷୟ ହେଉନଥିଲା । ସ୍ତ୍ରୀପିଲା ଓ ଶ୍ରଦ୍ଧାଳୁ ବ୍ୟକ୍ତିମାନେ ଉଇହୁଙ୍କାରେ ଗାଈକ୍ଷୀର ଢାଳି ଏହାର ମାଟିକୁ ପ୍ରସାଦ ରୂପେ ପାଇ ମନସ୍କାମନା ପୂରଣ କରିପାରୁଥିଲେ । ସିଦ୍ଧପୁରୁଷଙ୍କ ପୀଠରେ କ୍ଷୀର ଢାଳି ଭୋଗ ମଧ୍ୟ ଲଗାଯାଉଥିଲା । ବଣରେ ଜଗନ୍ନାଥପୁରର ଜନୈକ ବେହେରାଙ୍କ ମହିଷ ଓ ମଙ୍ଗଦେଇପୁରର ହାଡ଼ିବନ୍ଧୁ ଓ ଲୋକନାଥଙ୍କ ମହିଷ ଚରୁଥିଲେ । ପ୍ରତ୍ୟହ ନହେଲେ ମଧ୍ୟ ପୂଜାପର୍ବ, ସଂକ୍ରାନ୍ତି, ପୂର୍ଣ୍ଣିମା ଓ ଅମାବାସ୍ୟାରେ ସେମାନେ କ୍ଷୀର ଢାଳୁଥିଲେ । ଗାଈ, ମହିଷଙ୍କ ବେମାର ସିଦ୍ଧଗୋସାଇଁଙ୍କ କୃପାରୁ ଦୂରୀଭୂତ ହେଉଥିଲା । ସେମାନଙ୍କର ଏଥିପ୍ରତି ଅଖଣ୍ଡ ବିଶ୍ୱାସ ଥିଲା । ମେଳା ଓ ମହୋତ୍ସବକୁ ସେମାନେ କ୍ଷୀର ଦାନ କରୁଥିଲେ । ପ୍ରସ୍ତୁତ ଖେଚଡ଼ି, ଡାଲମା ଓ କ୍ଷୀରୀ ଅସୀମ ସ୍ୱାଦଯୁକ୍ତ ଥିଲା । ଆଉ ଗୋଟିଏ ବିଶ୍ୱାସ ଥିଲା ଯେ, କାହାର ଗାଈ ହଜିଲେ କିମ୍ବା କୌଣସି ଦ୍ରବ୍ୟ ଚୋରିଗଲେ ବା ହଜିଗଲେ ବରେଇ ଗୋସାଇଁଙ୍କୁ ଗଞ୍ଜେଇ ଭୋଗ ମାନସିକ କଲେ ସେ ପ୍ରସନ୍ନ ହୋଇ ସଠିକ ଭାବେ ଚୋରି ବା ନଷ୍ଟ ଦ୍ରବ୍ୟର ସନ୍ଧାନ ଦେଇପାରୁଥିଲେ । ଏହି ଲୀଳା ଚାରିଦଶକ ପର୍ଯ୍ୟନ୍ତ ଚାଲିଥିଲା ।

ନଦୀକୂଳରୁ ହାଡୁଆଳୀ ଜଙ୍ଗଲ ମଧ୍ୟରେ ପୀଠସ୍ଥଳୀକୁ ଏକ ଗଳାରାସ୍ତା ଥିଲା । ଦୁଇପାଖରେ କ୍ଷୀରକୋଳି, ଭଇଁକୋଳି, ବେତକୋଳି, ଚେରିକୋଳି ଓ ବଣମଲ୍ଲୀ ଗଛ ଭରିରହିଥିଲା । ଏହି ନଦୀକୂଳକୁ ସଡ଼କ ତୁଠ କୁହାଯାଉଥିଲା ।

୧୯୪୪ ସାଲରେ କେନାଲ ଖୋଲା ହେବା ପରେ ଏହି ଚଲାରାସ୍ତା ବନ୍ଦ ହୋଇଯାଇଥିଲା । ବଣଜଙ୍ଗଲ କ୍ରମଶଃ ହ୍ରାସ ପାଇଥିଲା । ଏଣୁ ଗ୍ରାମବାସୀ ବରେଇଚକ ଜମି ଦେଇ ପୀଠସ୍ଥଳୀକୁ ଯାତାୟତ କଲେ । କିନ୍ତୁ ବର୍ଷାଋତୁରେ ଯିବାଆସିବା ବନ୍ଦ ହୋଇଯାଉଥିଲା । ଆମ୍ବ ଓ ନଡ଼ିଆ ଗଛ ବାତ୍ୟାରେ ଉପୁଡ଼ି ଗଲା । ବଟବୃକ୍ଷଟି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଗଲା; କେବଳ ତା'ର ଓହଳ ରହିଲା । ଏହି ପୁରାତନ ପୀଠକୁ ସେଠାରେ ଚାନ୍ଦିନୀ, କୂଅ ଆଦି କରାଯାଇ ପୁନର୍ଗଠନ କରାଇବାର ଚେଷ୍ଟା ଏବେ ଜାରି ରହିଛି । ଶତାବ୍ଦୀର ପ୍ରାରମ୍ଭ ଦୁଇଦଶକ ପର୍ଯ୍ୟନ୍ତ ଦୋଳ ମେଲଣ ପୀଠ ଚତୁଃପାର୍ଶ୍ୱ ସଫା କରାଯାଇ ଆୟୋଜିତ ହେଉଥିଲା ।

ତିନିଦଶକ ପର୍ଯ୍ୟନ୍ତ ଭାଗବତ ଗାଦି ତିନୋଟି ପରିବାରରେ ଥିଲା । ଦୀନବନ୍ଧୁ, ଚିନ୍ତାମଣି ଓ ନଦିଆ ବିହାରୀ ସେମାନଙ୍କ ମେଲାଘରେ ବିମାନରେ ତାଳପତ୍ର ପୋଥି ଓ ଶାଳଗ୍ରାମ ରଖି ପୂଜା କରୁଥିଲେ । ପ୍ରତ୍ୟହ ମୁକ୍ତେଶ୍ୱର ପଣ୍ଡା ଆସି ପୂଜା କରୁଥିଲେ । ସେମାନେ ଏଥିଲାଗି ମାସିକ ବେତନ ନେଉଥିଲେ । ପରେ କେବଳ ଦୀନବନ୍ଧୁଙ୍କ ଭାଗବତ ଗାଦି ରହିଲା । କିନ୍ତୁ ତାଙ୍କ ଅନ୍ତେ ଗାଦି ଓ ପୋଥିପତ୍ର ପୁରୋହିତଙ୍କୁ ହସ୍ତାନ୍ତର କରାଗଲା । ଇନ୍ଦୁ ପୂର୍ଣ୍ଣିମା ଭାଗବତ ଜନ୍ମଦିନରେ ମହୋତ୍ସବ କରାଯାଉଥିଲା ।

ଗୁରୁନାମ ଗୁରୁଗୋସାଇଁଙ୍କଠାରୁ ନେବା ତିନିଦଶକ ପର୍ଯ୍ୟନ୍ତ ବାଧ୍ୟତାମୂଳକ ଥିଲା । ପୁଅଝିଅ, ସ୍ତ୍ରୀପୁରୁଷ ସମସ୍ତେ ଗୁରୁନାମ ନେଉଥିଲେ । ବର୍ଷକରେ ମାତ୍ର ଥରେ ଗୁରୁଗୋସାଇଁ ଗ୍ରାମକୁ ଆସୁଥିଲେ । ସେ ମାର୍କଣ୍ଡ ଓ ନଦିଆ ବିହାରୀଙ୍କ ମେଲାଘରେ ରହୁଥିଲେ । ତାଙ୍କୁ ଆବାଳବୃଦ୍ଧବନିତା ସାଷ୍ଟାଙ୍ଗ ପ୍ରଣିପାତ କରୁଥିଲେ । ତାଙ୍କ ଘର ବିରୂପାନଦୀ କୂଳ ମାହାଙ୍ଗା ଥାନା ଅନ୍ତର୍ଗତ ଗୁଣୁପୁର ଗ୍ରାମରେ ଥିଲା । ତାଙ୍କ ସଙ୍ଗେ ଜଣେ ଚେଲା ବା ବୋଝିଆ ପେଡ଼ିରେ ଲୁଗାପଟା ନେଇ ଆସୁଥିଲେ । ତାଙ୍କ ପାଇଁ ପ୍ରତ୍ୟହ ଭିନ୍ନ ଭିନ୍ନ ପରିବାରରୁ ସଂଜା ଯଥା – ଅରୁଆଚାଉଳ, ମୁଗଡାଲି, ପନିପରିବା ଓ ଘିଅଦୁଧ ଆସୁଥିଲା । ତାଙ୍କ ସହ ଆସିଥିବା ଚେଲା ରୋଷେଇ ପ୍ରସ୍ତୁତ କରୁଥିଲେ । ସେ କଦଳୀପତ୍ରରେ ଭୋଜନ କରିସାରିବା ପରେ ଅବଶିଷ୍ଟ ଖାଦ୍ୟକୁ ତାଙ୍କ ପତ୍ରରୁ ନେଇ ଗ୍ରାମର ଲୋକେ ଖାଉଥିଲେ । ଯେଉଁ ପୁଅଝିଅଙ୍କର ଗୁରୁନାମ ନେବାର ଥିଲା ସେମାନେ ନୂଆବସ୍ତ୍ର ପିନ୍ଧି ଗୁରୁନାମ ନେଉଥିଲେ । ସେମାନେ ଏକୁଟିଆ ବସିବା ପରେ ସେମାନଙ୍କ

କାନରେ ଗୁରୁମନ୍ତ୍ର ଦିଆଯାଉଥିଲା । ଗୁରୁମନ୍ତ୍ର ନେଲା ପରେ କେତେକ ବିଧି ପାଳନ କରିବାକୁ ହେଉଥିଲା । ପରିଶ୍ରା କରି ପାଣି ନେବା, ଗାମୁଛା ପିନ୍ଧି ଝାଡ଼ା ଯିବା, ସନ୍ଧ୍ୟା ଓ ସକାଳେ ପ୍ରାର୍ଥନା କରିବାକୁ ନିର୍ଦ୍ଦେଶ ଦିଆଯାଉଥିଲା । ଗୁରୁମନ୍ତ୍ରରେ ଦୀକ୍ଷିତ ବ୍ୟକ୍ତି ଗୁରୁଙ୍କୁ ନୂଆବସ୍ତ୍ର ଅର୍ଥାତ୍ ଧୋତିଚାଦର ଓ ଦକ୍ଷିଣା ଦେଉଥିଲେ । ତା'ଛଡ଼ା ପ୍ରତି ପରିବାର ଗୁରୁଙ୍କୁ ଦକ୍ଷିଣା ଦେଇ ବିଦାୟ ଦେଉଥିଲେ । ଗୁରୁମନ୍ତ୍ର କାହାରି ଆଗରେ ପ୍ରକାଶ ନକରିବାକୁ ନିର୍ଦ୍ଦେଶ ଥିଲା । ବିବାହ ବା ପାଣିଗ୍ରହଣ ଓ କର୍ଣ୍ଣବେଧ ପୂର୍ବରୁ ଗୁରୁମନ୍ତ୍ର ନେବାର ପ୍ରଥା ପ୍ରଚଳିତ ଥିଲା । ଚାରିଦଶକ ପରେ ଗୁରୁଗୋସାଇଁ ଆଉ ଗୁରୁମନ୍ତ୍ର ଦେବାକୁ ଗ୍ରାମକୁ ଆସିଲେ ନାହିଁ । ଗ୍ରାମବାସୀମାନେ ମଧ୍ୟ ଏହି ମନ୍ତ୍ରସିଦ୍ଧ ହେବାକୁ ଆଉ ଆଗ୍ରହ ପ୍ରକାଶ କଲେନାହିଁ । କିନ୍ତୁ ଗୁରୁଗୋସାଇଁ ନଆସିବା ସ ୍ବ କୁଳପୁରୋହିତ ବିବାହ ଓ କର୍ଣ୍ଣବେଧ ଦିନ ଗୁରୁମନ୍ତ୍ର କାନରେ ଦେବାର ବିଧି ଏବେ ମଧ୍ୟ ଚାଲିଆସୁଛି ।

## ବିବାହ ଆଦି ଶୁଭକାର୍ଯ୍ୟ

କରଣମାନେ ପରିବାରର ଆର୍ଥିକ ସ୍ଥିତିକୁ ନେଇ ବିବାହ ଉତ୍ସବ ସମ୍ପନ୍ନ କରୁଥିଲେ । ବର ଓ କନ୍ୟା ଚୟନ ନିମନ୍ତେ ମଧ୍ୟସ୍ଥି ଥିଲେ । ପିତାମାତା ବା ଗୁରୁଜନଙ୍କ ଅନୁମୋଦନ ବିନା କେହି ଭଲପାଇ ବା ନିଜ ପସନ୍ଦ ଅନୁସାରେ ବିବାହ କରିପାରୁନଥିଲେ । ଏ ଚଳଣି ଅର୍ଦ୍ଧଶତାବ୍ଦୀ ପର୍ଯ୍ୟନ୍ତ ଥିଲା । ବିବାହର ଦିନ ସ୍ଥିର କରିବାକୁ ଆଗରୁ ମହାପ୍ରସାଦ ନିର୍ବନ୍ଧ ପୁରୋହିତ, ଜ୍ୟୋତିଷ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ କରାଯାଉଥିଲା । ନିକଟସ୍ଥ ସିର୍ଲୋ ଗ୍ରାମର ବୁଢ଼ାଲିଙ୍ଗଠାରେ ପ୍ରାୟତଃ ମହାପ୍ରସାଦ ନିର୍ବନ୍ଧ ସମ୍ପନ୍ନ ହେଉଥିଲା । ପରେ ଅବଶ୍ୟ ଅନ୍ୟ ଦେବାଦେବୀ ପୀଠରେ ଏହା କରାଗଲା । ମଙ୍ଗନ, ବିବାହ, ଚତୁର୍ଥୀ, ଅଷ୍ଟମଙ୍ଗଳା ଓ ଚନ୍ଦ୍ର ବନ୍ଦାପନା ବିଧିମତେ ହେଉଥିଲା । ବ ର୍ମାନ ମଧ୍ୟ ଏସବୁ ବିଧିମତେ ସମ୍ପନ୍ନ ହେଉଅଛି ।

ଶତାବ୍ଦୀର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ରାସ୍ତାଘାଟ ନଥିଲା । ବାଷ୍ପୀୟ ଯାନ ମଧ୍ୟ ନଥିଲା । ଏଣୁ ପାଲିଙ୍କି ଓ ସବାରିର ପ୍ରଚଳନ ଥିଲା । ସୁସଜ୍ଜିତ ପାଲିଙ୍କିରେ ବସି ବର ବିବାହ ପାଇଁ ଯାଉଥିଲେ । ବରଧରା ତାଙ୍କ ସବାରିରେ ବସି ବାରିକ ଓ ପୁରୋହିତଙ୍କ ସହ ଆସୁଥିଲେ । ବର ରାତ୍ରିର ପ୍ରଥମ ପ୍ରହରରେ ଶୁଭାନୁଗମନ

କରୁଥିଲେ । ସେ ଚପକନ, ଲମ୍ବା ପଞ୍ଜାବୀ ଓ ସାଲୁଆର ପିନ୍ଧି ଜରିଲଗା ପଗଡ଼ି ବାନ୍ଧି ଚନ୍ଦନଟିପା ଲଗାଇ ଫୁଲମାଳ ପକାଇ ପାଲିଙ୍କିରେ ବିରାଜମାନ କରୁଥିଲେ । ମାର୍କଣ୍ଡି ମଧ୍ୟ ସେହି ପାଲିଙ୍କିରେ ବସୁଥିଲେ । ପାଲିଙ୍କିରେ ଛତ୍ର, କନା, ଝୁମୁକା ଓ ଝାଲେରି ଲାଗୁଥିଲା । ତହିଁରେ ପାନବଟା, ପିଙ୍କଦାନି ଆଦି ରହୁଥିଲା ଏବଂ ଗାଲିଚା, ଗୋଲତକିଆ ପଡୁଥିଲା । ପାଲିଙ୍କି ଆଗ ମାର୍କଣ୍ଡ ମହାନ୍ତିଙ୍କର ଥିଲା । ତିନିଦଶକରେ ନଦିଆ ବିହାରୀ ମହାନ୍ତି ତାଙ୍କଠାରୁ ଏହା ଖରିଦ କରିଥିଲେ । ପାଲିଙ୍କି ସଜ ଆଗରେ ମଗର ମୁହଁ ଓ ପଛରେ ଖାଲି ଖୋଳ ଦିଆଯାଇ କରାଯାଉଥିଲା । କାଷ୍ଠରେ ସୂକ୍ଷ୍ମ କାରୁକାର୍ଯ୍ୟ ହୋଇ ପାଲିଙ୍କି ନିର୍ମିତ ହେଉଥିଲା ଓ ବେତରେ ବସିବା ସ୍ଥାନ ବୁଣା ହେଉଥିଲା । ବାରଜଣ ବେହେରା ପାଲିଙ୍କି କାନ୍ଧଉଥିଲେ । ସର୍ଦ୍ଦାର ବେହେରା ଥିଲେ ମଙ୍ଗଦେଇପୁରର ସନେଇ ବେହେରା ଓ ବାଲିଶୁକ୍ରୀର ଯଦୁ ବେହେରା । ବଇନା ଦେଇଦେଲେ ସେମାନେ ଆବଶ୍ୟକ ବେହେରା ଆଣି ପାଲିଙ୍କି ଓ ସବାରି କାନ୍ଧେଇ ନେବାର ବ୍ୟବସ୍ଥା କରୁଥିଲେ । ବର ପୋଷାକ, ମାର୍କଣ୍ଡି ପୋଷାକ, ପାଲିଙ୍କି ସଜ, ସବାରି ସଜ ପାଲିଙ୍କି ମାଲିକ ରଖୁଥିଲେ । ପାଲିଙ୍କିରେ ନଅଜଣ ଓ ସବାରିରେ ଛଅଜଣ ବେହେରା ରହୁଥିଲେ । ସେମାନେ 'ହୁକୁମ୍ ହୁମା', 'ଖାଲ ପଡ଼ିଲା, ଢିପ ପଡ଼ିଲା' ଆଦି ଡାକ ଦେଇ ବହନ କରୁଥିଲେ । କେବଳ କ୍ଳେଶ ମେ ।ଇବାକୁ ଡାକ ଦେବାକୁପଡୁଥିଲା । ବର ପାଲିଙ୍କି ପଛରେ ସବାରି ଚାଲୁଥିଲା । ସେଥିରେ ବରକ ି। ଓ କୁଳପୁରୋହିତ ବସୁଥିଲେ ଏବଂ ବିବାହ ପରେ କନ୍ୟା ତହିଁରେ ଆସୁଥିଲେ । ବାରିକ ବରଯାତ୍ରୀଙ୍କ ପିନ୍ଧିବା ଲୁଗା, ଗାମୁଛା ଆଦି ସଂଗ୍ରହ କରି ସଜାଡ଼ି ସଙ୍ଗରେ ନେଉଥିଲେ । ବାରିକ ମଶାଲ ଓ ପୁନଙ୍ଗତେଲ ଥିବା ଦାନି ଧରି ମଶାଲ ଜଳାଇ ପାଲିଙ୍କି ଆଗରେ ଚାଲୁଥିଲେ । ତିନିଦଶନ୍ଧିବେଳକୁ ଡେ-ଲାଇଟ୍ ଓ ପେଟ୍ରୋମାକ୍ସ ବାହାରିଲା । ବାଦ୍ୟ କହିଲେ ଢୋଲ ଓ ତେଲଙ୍ଗୀ ବାଜା, ମହୁରି ଓ ଶଙ୍ଖ ମାତ୍ର ଥିଲା । ଫକିର ଭୋଇ ଓ ଶାମ କାଣ୍ଡି ଶଙ୍ଖୁଆ କାର୍ଯ୍ୟ ତୁଲାଉଥିଲେ । ସେମାନଙ୍କ ଅନ୍ତେ ସେମାନଙ୍କର ବଂଶଧର ଏହି କାର୍ଯ୍ୟ କଲେ । ବରଧରା ଆସିବା ପରେ ବର ବାଡୁଅପାଣି ଗାଧୋଉଥିଲା । ଭାଉଜମାନେ ତାକୁ ବରବେଶରେ ସଜାଉଥିଲେ । ବର ରୋଶଣି କରି ଆସିବା ଜାଣିଲେ ଅହ୍ୟ ସ୍ତ୍ରୀମାନେ ଝିଅକୁ ବାଡୁଅପାଣି ଗାଧୋଇ ଦେଉଥିଲେ । ଦିଅଁମଙ୍ଗୁଳା ଗ୍ରାମଦେବତୀ ସାହାଡ଼ା ସୁନ୍ଦରୀ ଠାକୁରଣୀଙ୍କଠାରେ କରାଯାଉଥିଲା ।

ବାଜା ଓ ବାଣ ରୋଶଣିର ମୁଖ୍ୟ ଆକର୍ଷଣ ଥିଲା । ବର ପହ୍ଞ୍ଚିଲା ପରେ ବାଟମଙ୍ଗୁଳା କାର୍ଯ୍ୟାନ୍ତେ ଏକ ସୁସଜ୍ଜିତ କୋଠରୀରେ ବରକୁ ବସାଯାଉଥିଲା । ବାରିକ ସାଆନ୍ତକୁଣିଆମାନଙ୍କ ଗୋଡ଼ ଧୋଇଦେଉଥିଲେ । ସକାଳ ହୋଇଯାଇଥିବାରୁ ବରଯାତ୍ରୀ ଓ ବାରିକ, ବେହେରା ଆଦି ନାଜିମାତଙ୍କୁ ଗାଧୋଇ ଆସିବାକୁ କୁହାଯାଉଥିଲା । ବରଯାତ୍ରୀ ସ୍ନାନ ଆଦି ନିତ୍ୟକର୍ମ ସାରି ବାରିକ ନେଇଥିବା ଲୁଗା, ଚଦର, କମିଜ ଆଦି ପରିଧାନ କରି ମହାପ୍ରସାଦ ସେବାକୁ ନିମନ୍ତ୍ରିତ ହେଉଥିଲେ । ଆଗରୁ ସେମାନଙ୍କୁ ଫୁଲଚନ୍ଦନ ଦିଆଯାଉଥିଲା । ମହାପ୍ରସାଦ ସେବାରେ ସାଧାରଣତଃ ପୁରି, ତରକାରି ଓ ରସଗୋଲା, ଲଡୁ, ଜିଲାପି ଆଦି ମିଠା, ଦହିବରା, ସୁଜିକ୍ଷୀରୀ ପରିବେଷଣ କରାଯାଉଥିଲା । ବରଯାତ୍ରୀ ଯୁବକମାନେ ପ୍ରତିଯୋଗିତା ଭିତ୍ତିରେ ରସଗୋଲା ଆଦି ଖାଇ କନ୍ୟାକର୍ତ୍ତାଙ୍କ ଠାବ କଳନା କରୁଥିଲେ । ଇତ୍ୟବସରରେ ଦିନ ନଅଟାରୁ ବେଦୀକାର୍ଯ୍ୟ ଆରମ୍ଭ ହେଉଥିଲା । ବୈଦିକମତେ ଓ ବିହାରୀଲାଲ କର୍ମକାଣ୍ଡ ଅନୁସାରେ ବିବାହ କାର୍ଯ୍ୟ ନିର୍ବାହ ହେଉଥିଲା । ଗୁଆଘିଅ ଅନ୍ତତଃ ପା ପା' (କଟକୀ ୧ ସେର ୪ ଛଟାଙ୍କି) ଆହୂତି ଦିଆଯାଉଥିଲା । ବିବାହ ସମୟରେ ତେଲଙ୍ଗୀ ବାଜା, ଢୋଲ, ମହୁରି, ଶଙ୍ଖ ଆଦି ବାଦ୍ୟ ବେଦୀ ଚାରିପଟେ ବାଜୁଥିଲା । ହୁଳହୁଳି ମଧ୍ୟ ଦିଆଯାଉଥିଲା । ଦିନ ବିବାହ ଯୋଗୁଁ ସାଇପଡ଼ିଶା ଓ ପାଖଆଖ ଗ୍ରାମର ଲୋକେ ଉପସ୍ଥିତ ରହି ଉତ୍ସାହିତ କରାଉଥିଲେ । ଦିନ ୯ଟାରୁ ୧ଟା ପର୍ଯ୍ୟନ୍ତ ବିବାହ କାର୍ଯ୍ୟ ଚାଲୁଥିଲା । ହସ୍ତଗଣ୍ଠି, ଖଇକଉଡ଼ି ଓ ବନ୍ଦାପନା କାର୍ଯ୍ୟାନ୍ତେ ବରକନ୍ୟାଙ୍କୁ ଘରକୁ ନେଉଥିଲେ । ବରର ଗାଧୁଆ ସଜ ଯଥା – ଗରା, କୁଣ୍ଡ, ଲୋଟା, ସୁଗନ୍ଧ ତେଲ ଆଦି ସାମଗ୍ରୀ ବାରିକ ଆଣି ବରର ଗାଧୁଆ କାର୍ଯ୍ୟ ସମ୍ପନ୍ନ କରାଉଥିଲେ । ବରର ଶାଳୀ ଅର୍ଥାତ୍ କନ୍ୟାର ସାନଭଉଣୀମାନେ ବରକୁ ନେଇ ନାନା ଥଟ୍ଟାତାମସା କରୁଥିଲେ । ତତ୍ପରେ ସୁସ୍ୱାଦୁ ଖାଦ୍ୟ ପରିବେଷଣ କରାଯାଉଥିଲା । ମହାପ୍ରସାଦ ସେବା ତ ସକାଳ ନଅଟା ମଧ୍ୟରେ ସରିଥିଲା । ଏଣୁ ବିବାହ ପରେ ଦିନ ଦୁଇଟାରେ ଠାଆପୀଢ଼ୀକୁ ବରଯାତ୍ରୀଙ୍କୁ ଡକାଯାଉଥିଲା । ଠାଆପୀଢ଼ୀରେ ବରଯାତ୍ରୀଙ୍କୁ କଦଳୀପତ୍ରରେ ସରୁଅନ୍ନ, ମୁଗଡ଼ାଲି ଓ ତହିଁରେ ଗାଈଘୃତ, ସବୁଜ ତରକାରୀ, କଦଳୀ, ବାଇଗଣ ଆଦି ଭଜା ପରିବେଷଣ କରାଯାଇଥିଲା । କଦଳୀପତ୍ରର ବାମପାର୍ଶ୍ୱରେ ଲୁଣ

ଲଗାଯାଉଥିଲା । ତା' ଛଡ଼ା ବଡ଼ମାଛର ଝୋଳ ଓ ଚୂନାମାଛର ମହୁର ବା ମୁଢ଼ିଘା ଦିଆଯାଉଥିଲା । ଶେଷରେ ଖାି ମହିଷକ୍ଷୀରରେ ତିଆରି କ୍ଷୀରୀ ଓ ଆରିଷା ପିଠା ଦିଆଯାଉଥିଲା । ଭୋଜନ ପରେ ମସଲାଦିଆ ଖିଲିପାନ ଦିଆଯାଉଥିଲା । ବାରିକ ଖାଇବାପତ୍ର ଉଠାଉଥିଲେ । ସେହିପରି ବେହେରା ଆଦି ନାଜିମାତମାନଙ୍କୁ ଭୂରିଭୋଜନରେ ଆପ୍ୟାୟିତ କରାଯାଉଥିଲା । ଖାଇବା ଅବସରରେ କନ୍ୟାକୁ ଗହଣାଗାଣ୍ଠିରେ ସଜ୍ଜିତ କରି ପାଟଲୁଗା ପିନ୍ଧାଇ ଗାଁ ବୁଲାଉଥିଲେ । ବିଦାୟକାଳୀନ ଦୃଶ୍ୟ ବଡ଼ ହୃଦୟବିଦାରକ ଥିଲା ।

ମହାପ୍ରସାଦ ନିର୍ବନ୍ଧ ପରେ ଝିଅକୁ କନ୍ୟା କରାଯାଉଥିଲା । ସେ ବାହୁନା ଶିଖି ଘର ଘର ବୁଲି ମାଆ, ଖୁଡ଼ୀ, ଭାଉଜ, ବାପା, ଦାଦା, ଭାଇଙ୍କୁ ଧରି ପୁରାଣର ଉପମାମାନ ଦେଇ ବିକଳ ଭାବେ ବାହୁନି କାନ୍ଦୁଥିଲା । କନ୍ୟା ସହ ବୋଉ, ଖୁଡ଼ୀ, ଭାଉଜ ଆଦି ବାହୁନୁଥିଲେ । ଏହି ବାହୁନା ପୌରାଣିକ ଯୁଗର ଉପମାରେ ଭରପୂର ଥିଲା । କନ୍ୟାର ବିଦାୟକାଳୀନ ଦୃଶ୍ୟ ଖୁବ୍ ହୃଦୟସ୍ପର୍ଶୀ ଥିଲା । ଭାଇ, ଦାଦା ଓ ପଡ଼ୋଶୀ ଝିଅ କନ୍ୟାକୁ ଜବରଦସ୍ତ ସବାରିରେ ଭର୍ତି କରୁଥିଲେ । କନ୍ୟା ସହ ଜଣେ ଧାଈ ଯାଉଥିଲେ । କୋକିଳ ବୋଲି ଧାଈ କ୍ରମାନ୍ୱୟରେ ପ୍ରତ୍ୟେକ ଝିଅ ସହ ଶାଶୁଘରକୁ ଯାଇ ସେଠାରେ ପାରିପାର୍ଶ୍ୱିକ ସ୍ଥିତିକୁ ଲକ୍ଷ୍ୟ ରଖି ଝିଅକୁ ଚଳଣି ତାଲିମ ଦେଉଥିଲେ ।

ବରକନ୍ୟା ବରଘରେ ପହ୍ଞ୍ଚିଲାବେଳେ ହୁଳହୁଳି ପକାଇ, ଶଙ୍ଖ ଓ ମହୁରି ବଜାଇ ପାଛୋଟି ନିଆଯାଉଥିଲା । ବରକନ୍ୟାଙ୍କୁ ଚାଉଳ ଆଞ୍ଜୁଳି ଦେଇ ଏରୁଣ୍ଡିବନ୍ଧ ଡେଇଁବା ସମୟରେ ନଣନ୍ଦକୁ କନ୍ୟାର ବାପଘରୁ ଆସିଥିବା ନଣନ୍ଦ ପୁଟୁଳୀ ଦିଆଯାଉଥିଲା । ନଣନ୍ଦ ପୁଟୁଳୀ କହିଲେ ସୁଟ୍‌କେସ୍ ବା ପେଡ଼ିରେ ଆସିଥିବା ଲୁଗା ଓ ଆନୁଷଙ୍ଗିକ ପୋଷାକ, ଚୁଡ଼ି ଓ କସ୍‌ମେଟିକ୍‌କୁ ବୁଝାଉଥିଲା । ନଣନ୍ଦ ପୁଟୁଳୀ ପାଇ ନଣନ୍ଦ ବାଟ ଛାଡ଼ିଦେବା ପରେ ଦେପିଣ୍ଡି ଅର୍ଥାତ୍ ବଡ଼ବଡ଼ୁଆଙ୍କୁ ଉଭୟ ପ୍ରଣିପାତ କରୁଥିଲେ ଓ ସେଠାରେ ଦୀପ ଦେଉଥିଲେ । ବରକନ୍ୟାଙ୍କୁ ବନ୍ଦାପନା କରି କନ୍ୟାକୁ ସ୍ୱତନ୍ତ୍ର କୋଠରୀରେ ଛାଡୁଥିଲେ । ପଡ଼ୋଶୀ ଓ ଅନ୍ୟ ଗ୍ରାମର ଲୋକେ କନ୍ୟାର ମୁହଁ ଦେଖିବାକୁ ଆସୁଥିଲେ । କନ୍ୟା ଓଳଗି ହୋଇ ମୁହଁରୁ ଓଢ଼ଣା କଢ଼ାଇ ମୁହଁ ଦେଖାଉଥିଲେ । ପିଲାମାନଙ୍କୁ କନ୍ୟା ହସ୍ତରେ ମିଠାଇ ଧରାଇଦିଆଯାଉଥିଲା ।

ଶତାବ୍ଦୀର ପ୍ରଥମ ଦୁଇଦଶକ ପର୍ଯ୍ୟନ୍ତ ବୋହୂଝିଅମାନେ ହାତରେ ବାଲା ଓ ବଟଫଳ ଲଗାଉଥିଲେ । ନାକରେ ଫୁଲଗୁଣା, ନୋଲକ ଓ ନୋଥ ପିନ୍ଧୁଥିଲେ । ଏସବୁ ସୁନାରେ ନିର୍ମିତ ଥିଲା । ପାଦରେ ମଲ୍ଲୁ ବା ଗଣ୍ଡିଆ ନାହୁଥିଲେ । ଅ ।ରେ ଗୋଠ ଓ ଅ ।ସୂତା ଲଗାଉଥିଲେ । ବୋହୂ ମୁଣ୍ଡରେ ଟିକା, ସୂତୁଣୀ ଓ ସିନ୍ଥି (ସୁନାର) ପିନ୍ଧୁଥିଲେ ।

ଝିଅ ବୋହୂ ହେବାପରେ ଝିଅବେଳର ଅଳଙ୍କାରରୁ ଅବଶ୍ୟ ବ ୍ତ ହେଉଥିଲେ । ମାତ୍ର ଶାଶୁ ଓ ଯାଆମାନେ ଚଳାଇନେବାକୁ ସକ୍ଷମ ହେଉଥିଲେ । ବୋହୂ ପ୍ରତ୍ୟୁଷରୁ ଗାଧୋଇ ଚଉରା ପୂଜା କରି ଗୁରୁଜନମାନଙ୍କୁ ପ୍ରଣିପାତ କରୁଥିଲେ । ସେ ଓଢ଼ଣା ଟାଣି ଘରକୋଣରେ ଅନ୍ତତଃ ବିବାହର ମାସେରୁ ଦୁଇମାସ ପର୍ଯ୍ୟନ୍ତ ରହୁଥିଲେ । କେବଳ ଛୋଟ ନଣନ୍ଦମାନଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କ ସହ କଥାବା ର୍ା କରୁନଥିଲେ । ଆବଶ୍ୟକସ୍ଥଳେ ଚୁ ଚୁ ଡାକି ଯାହାକିଛି ଠାରରେ ଜଣାଉଥିଲେ । ବୋହୂର ସେବା ପାଇବାକୁ ଶ୍ୱଶୁର ଓ ଶାଶୁ ଆଶାୟୀ ଥିଲେ । ଶ୍ୱଶୁର ଓ ଦେଢ଼ଶୁରଙ୍କ ପିନ୍ଧାଲୁଗା କୁ ।ଇ ଚନ୍ଦନପେଡ଼ିରେ ଚନ୍ଦନ ଘୋରି ସଜାଇ ରଖୁଥିଲେ । ଶାଶୁ ଓ ଖୁଡ଼ୀ, ବଡ଼ବୋଉ ଥିଲେ ସେମାନଙ୍କ ପାଇଁ କୋଥଳିପେଡ଼ି ସଜ୍ଜିତ କରି ରଖୁଥିଲେ । ଗୁରୁଜନ ଓ ପିଲାମାନେ ଖାଇସାରିଲା ପରେ ବୋହୂ ଖାଉଥିଲେ । ଦିନବେଳେ ସ୍ୱାମୀଙ୍କ ସହ କଥାବା ର୍ା ତ ଦୂରର କଥା ତାଙ୍କର ଦର୍ଶନ ବି ପାଇପାରୁନଥିଲେ । ରାତ୍ରିରେ ଶାଶୁ ଓ ଶ୍ୱଶୁରଙ୍କ ପାଦ ସ ।ଳନ କରିବା ପରେ ଶୟନକକ୍ଷକୁ ଯାଉଥିଲେ । ଦୁଇ ବା ତିନି ମାସ ଓ ସ୍ଥଳବିଶେଷରେ ସନ୍ତାନସନ୍ତତି ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ରକ୍ଷଣଶୀଳ ପରିବାରରେ ଏହି ପ୍ରଥା ପ୍ରଚଳିତ ଥିଲା ।

ସେହିପରି ଭୋଇ ସାହିର ବିବାହ ପଦ୍ଧତି ସ୍ୱତନ୍ତ୍ର ଥିଲା । କନ୍ୟାକୁ ବରଘରକୁ ଆସିବାକୁ ହେଉଥିଲା । ମଟର ଆଦି ନଥିବାରୁ ରିକ୍ସାରେ କନ୍ୟାକୁ କନ୍ୟାଘରର କୁଣିଆମାନେ ଆଣି ବରଘରେ ଛାଡୁଥିଲେ । ନଡ଼ିଆଚା ଓ ତାଳବାହୁଙ୍ଗା ପଡ଼ି ଛାମୁଡ଼ିଆ ହୋଇ ବେଦୀ ନିର୍ମିତ ହେଉଥିଲା । ଶଙ୍ଖହୁଳହୁଳି ନିନାଦରେ କନ୍ୟାକୁ ବେଶ କରାଇ ବେଦୀକୁ ଆଣି ହସ୍ତଗଣ୍ଠି ଆଦି ବିବାହ କାର୍ଯ୍ୟ କରାଯାଉଥିଲା । ପ୍ରହରାଜପୁରରୁ ପୁରୋହିତ (ବୈଷ୍ଣବ) ଆସି ବିବାହ କାର୍ଯ୍ୟ ବିଧି ମୁତାବକ ସମ୍ପନ୍ନ କରୁଥିଲେ । ଏମାନଙ୍କୁ ହେଁସକାନିଆ କୁହାଯାଉଥିଲା । କାରଣ ସାହିର ବିବାଦ, ମନାନ୍ତର, ମତାନ୍ତର ବୈଷ୍ଣବଙ୍କ ଉପସ୍ଥିତିରେ ହେଁସରେ

ବସି ସମାଧାନ କରାଯାଉଥିଲା । ବିବାହରେ ତିନିବକତ ଖାଇବାକୁ ଦିଆଯାଇଥିଲା । ଏଥିପାଇଁ ଧାରକରଜ କରିବାକୁ ପଡୁଥିଲା । ଭୋଜିରେ ମାଛ, ମାଂସର ବ୍ୟବସ୍ଥା କରାଯାଉଥିଲା ।

ଗ୍ରାମରେ କୋଠା ବା ପକ୍କା ଘର କେବଳ ମାର୍କଣ୍ଡ ମହାନ୍ତିଙ୍କର ଦୁଇବଖରା ଥିଲା । ନଦିଆ ବିହାରୀ ମହାନ୍ତିଙ୍କର ପକ୍କାକାନ୍ଥ ଓ କଡ଼ିବରଗା ଦିଆଯାଇ ଉପରେ ଟିଣଛପର ଘର ଥିଲା । ବାକି ସମସ୍ତଙ୍କର ମାଟିକାନ୍ଥର ଘର ଥିଲା । ପ୍ରାତଃରୁ ଶଯ୍ୟାତ୍ୟାଗ କରି ସ୍ତ୍ରୀଲୋକମାନେ ଅଗଣା, ନଳାମୁହଁ ଆଦି ସ୍ଥାନରେ ଗୋବରପାଣି ସି୍ ଓଳାଉଥିଲେ । ଗୋବର ଓ ମାଟି ଗୋଳି ଛୁ କନାରେ ପିଣ୍ଡା ଓ ଘରଦ୍ୱାର ଲିପାପୋଛା କରୁଥିଲେ । ବୋହୂଝିଅମାନେ ସକାଳୁ ମହାନଦୀକୁ ଯାଇ ସ୍ନାନ କରି ତୁଳସୀ ଚଉରାରେ ପାଣି ଦେଇ ଡାଲାରେ ଦୁବ ଓ ଚାଉଳ ଆଣି ଗାଈକୁ ଖାଇବାକୁ ଦେଉଥିଲେ । ବିଦ୍ୟୁତ୍ ଓ ଗ୍ୟାସ୍‌ର ପ୍ରଚଳନ ନଥିଲା । ତେଣୁ ଗୋବରଘଷି ଜାଳେଣି ଭାବେ ବ୍ୟବହୃତ ହେଉଥିଲା । ଜାଳେଣି ପାଇଁ କାଠର ବି ଅଭାବ ନଥିଲା । ହାଡୁଆଳୀ ବଣରୁ ଅଙ୍ଗାରୁଆ ଓ ଜାମୁ କାଠ ଆଣି ଚିରିସାରି ଶୁଖାଇ କରି ରଖୁଥିଲେ । ଚୁଲିରେ କୁହୁଳା ପକାଇ କାଠ, କୁଟା ଓ ଘଷି ଦେଇ ଚୁଲି ଜଳାଉଥିଲେ । ଅଗାଧୁଆରେ ମଧ୍ଯ ଛୋଟ ଚୁଲିରେ ଶିଶୁ ଓ ପିଲାଙ୍କ ପାଇଁ ଠେକିରେ ଚାଉଳ, ଡାଲି ଓ ପରିବା ସିଝାଇ ଖାଦ୍ୟ ତିଆରି କରୁଥିଲେ । କାରଣ ଗାଈକ୍ଷୀର ବ୍ୟତୀତ ଆଉ କିଛି ଶିଶୁଖାଦ୍ୟ ନଥିଲା । ଝିଅବୋହୂ ପଖାଳ ଖାଇବାକୁ ଶାଗ ଆଦି ଭଜାଭଜି କରି ରଖୁଥିଲେ । ଶାଶୁ ଓ ଯାଆମାନେ ଗାଧୋଇ କୋଥଳି ପୂଜା କରି ନିର୍ମାଲ୍ୟ ପାଇ ଏକାଠି ଶାଗପଖାଳ ଖାଉଥିଲେ ।

## ପୋଷାକ ପରିଚ୍ଛଦ

ପୁରୁଷମାନେ ବନ୍ଧୁବାନ୍ଧବଙ୍କ ଘରକୁ ଯିବା ସମୟରେ ଓ ଚାକିରି ବା ବ୍ୟବସାୟରେ ଯିବା ସମୟରେ ଧୋତି, ଚାଦର, ପଞ୍ଜାବୀ, ସାର୍ଟ ପରିଧାନ କରୁଥିଲେ । କିନ୍ତୁ ଅନ୍ୟ ସମୟରେ ସାଧାରଣତଃ ଧୋତି, ଗାମୁଛା ପିନ୍ଧୁଥିଲେ । ଭୋଇ ସାହିର ପୁରୁଷମାନେ ଚାରିହାତ ଗାମୁଛା ପିନ୍ଧି ଓ ମୁଣ୍ଡରେ ବାନ୍ଧି ବିଲବାଡ଼ିରେ କାମ କରୁଥିଲେ । ସ୍ତ୍ରୀଲୋକମାନେ କସ୍ତା, ତନ୍ତବୁଣା ଶାଢ଼ି ପରିଧାନ

କରୁଥିଲେ । ସେମାନେ ଚାରିଦଶକରେ ବ୍ଲାଉଜ ଓ ସାୟାର ବ୍ୟବହାର ଶିଖିଥିଲେ । ରକ୍ଷଣଶୀଳ ମଧ୍ୟବି  ପରିବାରର ପୁରୁଷମାନେ ପୁରାକୋଟ ପିନ୍ଧିବାକୁ ସକ୍ଷମ ହେଉଥିଲେ । ଶୀତକାଳରେ କମ୍ବଳ ଓ ଚାଦର ବ୍ୟବହୃତ ହେଉଥିଲା । ଭୋଇ ସାହିର ଲୋକେ ହେଂସ ଘୋଡ଼ି ହୋଇ ଶୀତରୁ ରକ୍ଷାପାଉଥିଲେ । କର୍ପାସ ଓ ଅଖାର ପ୍ରଚଳନ ଥିଲା । ପ୍ଲାଷ୍ଟିକ୍ ଓ ସିନ୍ଥେଟିକ୍‌ର ପ୍ରଚଳନ ବହୁପରେ ହୋଇଥିଲା । ପିଲା ଓ କିଶୋରକିଶୋରୀ ଧୋତି ଓ ୬/୭ ହାତର ଶାଢ଼ି ପିନ୍ଧୁଥିଲେ । ଭୋଇ ସାହିର ପିଲାମାନେ ୪/୫ ବର୍ଷ ହେବା ପର୍ଯ୍ୟନ୍ତ ଲଙ୍ଗଳା ରହୁଥିଲେ । କରଣ ସାହିର ନିମ୍ନମଧ୍ୟବି  ପରିବାରର ପିଲାମାନେ ମଧ୍ୟ ଲଙ୍ଗଳା ରହୁଥିଲେ ।

ଛୁଆଁଅଛୁଆଁ ପ୍ରଥା ତିନିଦଶକ ପର୍ଯ୍ୟନ୍ତ ବହୁଳ ଭାବରେ ପ୍ରଚଳିତ ଥିଲା । ଭୋଇ ସାହିକୁ ଗଲେ କିମ୍ବା ସେମାନଙ୍କୁ ଛୁଆଁଛୁଇଁ କଲେ ଲୁଗା ବଦଳାଇବାକୁ ପଡୁଥିଲା । ସେମାନେ ମଧ୍ୟ ସାଆନ୍ତ ସାହିକୁ ଆସିଲେ ବଡ଼ ସନ୍ତର୍ପଣରେ ଆସୁଥିଲେ । ଦାଣ୍ଡ ଦେଇ ଗଲେ ନଇଁ କରି ହାତ ଦେଇ ଯାଉଥିଲେ । ଏହି ଅସ୍ପୃଶ୍ୟ ଭାବ ତିନିଦଶକରେ କ୍ରମଶଃ ହ୍ରାସପାଇବାକୁ ଲାଗିଥିଲା । ୧୯୪୨ର ଅଗଷ୍ଟ ବିପ୍ଳବ, ମହାତ୍ମା ଗାନ୍ଧିଙ୍କ ପଦଯାତ୍ରା ଓ ବିନୋଦ କାନୁନ୍‌ଗୋଙ୍କ ଖଦିଘର ଓ ପଂକ୍ତିଭୋଜନ ଏଥିରେ ସହାୟ ହୋଇଥିଲା । ସେମାନେ ମଧ୍ୟ ମଲାଜୀବଙ୍କ ମାଂସ ଆଦି ଅଖାଦ୍ୟକୁ ତ୍ୟାଜ୍ୟ କରିଥିଲେ । ଏପରିକି ହରିଜନମାନେ ସାଆନ୍ତ ସାହିରେ ହଳିଆ ଥିଲେ ବି ମାଟିଫନ୍ଦ କୂଅରୁ ପାଣି କାଢୁନଥିଲେ । ସେମାନଙ୍କ ପାଇଁ ଗାଧୁଆତୁଠ ଅଲଗା ଥିଲା ।

## ମନୋରଂଜନ

ଗ୍ରାମକୁ ମନୋରଂଜନ ନିମନ୍ତେ ପ୍ରତ୍ୟେକ ବର୍ଷ ଯାଜପୁର ଅ ଳର ଐରି ଗୌଡ଼ 'କଣ୍ଢେଇ ନାଚ' ଆଣୁଥିଲେ । ସେ କନାନିର୍ମିତ କଣ୍ଢେଇକୁ ସରୁତାର ଲଗାଇ ପରଦା ଉହାଡ଼ରେ ଧରି ନଚାଉଥିଲେ । ନାଚବେଳେ ଢୋଲକି ବାଦ୍ୟ ବଜାଇ ଓ ଗୀତ ଗାଇ କଂସବଧ, ସୀତାଚୋରି ଆଦି ପୌରାଣିକ ଉପାଖ୍ୟାନ ପରିବେଷଣ କରୁଥିଲେ । ଏହା ଖୁବ୍ ମନୋମୁଗ୍ଧକର ହେଉଥିଲା । ସେ ଓ ତାଙ୍କ ସାଥୀମାନେ ୮/୧୦ ଦିନ ରହି ଏହି କାର୍ଯ୍ୟକ୍ରମ ଚଳାଉଥିଲେ । ସେହିପରି ଦକ୍ଷିଣ

ଅର୍ଥାତ୍ ଗଞ୍ଜାମ, ଘୁମୁସର ପାର୍ଟି ଆସି ଗ୍ରାମରେ ୭/୮ ଦିନ ରହି ଦାସକାଠିଆ ପରିବେଷଣ କରୁଥିଲେ । ସେମାନେ ମଧ୍ୟ ବାଦ୍ୟ ସହ ପୌରାଣିକ ଉପାଖ୍ୟାନମାନ ଉପସ୍ଥାପନ କରୁଥିଲେ । ସ୍ଥାନୀୟ କାଳିକାପୁର, ସମତଙ୍ଗା, କିଶୋରନଗରରୁ ମଧ୍ୟ ଯାତ୍ରାପାର୍ଟି ଆସି ନାଟକ ପରିବେଷଣ କରୁଥିଲେ । ଗ୍ରାମବାସୀମାନେ ଚାନ୍ଦା କରି ଦାସକାଠିଆ, କଣ୍ଢେଇନାଚ, ପାଲା ଓ ଯାତ୍ରାର ଖର୍ଚ୍ଚ ତୁଲାଉଥିଲେ । ପରିବେଷଣକାରୀମାନେ ଗ୍ରାମବାସୀଙ୍କ ଘରେ ଖିଆପିଆ କରୁଥିଲେ । ସେମାନଙ୍କ ମଧ୍ୟରେ ବ୍ରାହ୍ମଣ ଥିଲେ ସଂଚା ନେଇ ରୋଷେଇ କରୁଥିଲେ । ୬୦ ଦଶକ ପର୍ଯ୍ୟନ୍ତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇନଥିଲା । ଏଣୁ ଯାତ୍ରା ଆଦି ମନୋରଂଜକ କାର୍ଯ୍ୟକ୍ରମ ପେଟ୍ରୋମାକ୍ସ ଓ ଡେ-ଲାଇଟ୍ ଟାଙ୍ଗି କରାଯାଉଥିଲା । ଏହାଛଡ଼ା କେଳା ସମ୍ପ୍ରଦାୟର ଲୋକେ ବାଉଁଶରାଣୀ, ମାଙ୍କଡ଼ନାଚ ଆଦି ଦେଖାଇ ମନୋରଂଜନ କରାଉଥିଲେ । ଗ୍ରାମକୁ ଯୋଗୀମାନେ ନାଉଥାଳ ଧରି ଆସି ଭିକ୍ଷା କରୁଥିଲେ । ସେମାନେ କେନ୍ଦରା ବଜାଉଥିଲେ । ପ୍ରହରାଜପୁର ଆଦି ଅ ଳର ବୈଷ୍ଣବମାନେ ଖଞ୍ଜଣି ବଜାଇ ଗୀତ ବୋଲି ଭିକ୍ଷା ସଂଗ୍ରହ କରୁଥିଲେ । ମହରମରେ ପ୍ରହରାଜପୁର, ନାରଦା ଓ ପୋଖରୀହୁଡ଼ାର ମୁସଲମାନମାନେ ଆସି ଖଣ୍ଡା, ବନଟି ଆଦିରେ ଖେଳ ପ୍ରଦର୍ଶନ କରୁଥିଲେ । ସେମାନେ ଢୋଲବାଜା ତାଳରେ ଖେଳକସରତ କରୁଥିଲେ । ବାଇସ୍କୋପବାଲା ମଧ୍ୟ ଗ୍ରାମକୁ ଆସି ଛବି ଦେଖାଉଥିଲେ । ୧୯୫୦ ମସିହା ପରେ ଗ୍ରାମର ଧନୀଲୋକମାନେ ରେଡ଼ିଓ ଆଣିଥିଲେ । ସ୍ୱାଧୀନତା ପରେ ପ୍ରଚାର ବିଭାଗ ମଧ୍ୟ ଗ୍ରାମରେ କାର୍ଯ୍ୟ କରୁଥିଲେ ।

ଚାରିଦଶକରେ ମଙ୍ଗଦେଇପୁର ଗ୍ରାମର ବ୍ରଜବନ୍ଧୁ ରଥ କଲିକତାରୁ କଳଗାଉଣା ଆଣିଥିଲେ । ସେ ତାହା ଗ୍ରାମର ଚଉରା ବା ଚଉପାଠୀରେ ରଖି ବଜାଉଥିଲେ । ପିଲାଛୁଆ ଓ ବୋହୂଭୁଆସୁଣୀ ଆଦି କଳାଗାଉଣାର ଗୀତ ଶୁଣିବାକୁ ରୁଣ୍ଡ ହେଉଥିଲେ ।

## ଗମନାଗମନ

କଟକ, ପୁରୀ, କଲିକତା ଆଦି ସହରମାନଙ୍କୁ ଯିବାକୁ ହେଲେ ବିଲବାଟେ ସିଙ୍ଗାଳ ଦେଇ ସୋମପୁରକୁ ଆସିବାକୁ ହେଉଥିଲା କିମ୍ବା ବାର୍‌ହାପାଟର ୧୦ କଡ଼ି ଓସାର ମାଟିକାଦୁଅ ରାସ୍ତାରେ ସୋମପୁରକୁ ଆସିବାକୁ ପଡୁଥିଲା । ସୋମପୁରଠାରୁ କଟକ ମୋଟର ଆସୋସିଏସନ ଚଳାଉଥିବା ବସ୍‌ରେ କଟକ ଯିବାକୁ ହେଉଥିଲା । କଟକରୁ ଅନ୍ୟ ସହରକୁ ଯିବାକୁ ପଡୁଥିଲା । ବସ୍‌କୁ ହ୍ୟାଣ୍ଡଲ୍ ବା ବଙ୍କା ଲୁହାରଡ଼୍‌ଦ୍ୱାରା ଷ୍ଟାଟ୍ କରାଯାଉଥିଲା । ବସ୍ ରେଳଷ୍ଟେସନ ଦେଇ ଗୌରୀଶଙ୍କର ପାର୍କକୁ ଯାଇ ସେଠାରେ ପାର୍କିଂ କରୁଥିଲା । ମହାନଦୀ ଓ କାଠଯୋଡ଼ି ଉପରେ ବସ୍ ଚଳାଚଳ ପାଇଁ ପୋଲ ନଥିଲା । ଶତାବ୍ଦୀର ଷଷ୍ଠ ଦଶକରେ ପୋଲ ତିଆରି ହେଲା । ତେଣୁ ନଦୀ ପାର ହେବାକୁ ହେଲେ ରେଳଗାଡ଼ିରେ ଯିବାକୁ ପଡୁଥିଲା । ଅବଶ୍ୟ ଗାଁରୁ ପୁରୀ ଯିବାକୁ ହେଲେ ତାଟିଦିଆ ବଳଦଗାଡ଼ିରେ ମଧ୍ୟ ଯାଇ ହେଉଥିଲା । ଲୋକେ ତହିଁରେ ଯାଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରୁଥିଲେ । ବାଟରେ ଫୁଲନଖରା ଓ ଭାଣପୁରଠାରେ ରାତିରେ ରହି ପୁରୀରେ ପହ୍‌ବାକୁ ଦୁଇଦିନ ଲାଗୁଥିଲା । ଗାଁରୁ ରୋଗୀ କିମ୍ବା ବୁଢ଼ାବୁଢ଼ୀଙ୍କୁ ଶଗଡ଼ଗାଡ଼ିରେ କଟକ ନେବାଆଣିବା କରାଯାଉଥିଲା । ଚାରିଦଶକରେ ପ୍ରଥମେ ନରେନ୍ଦ୍ର, ନୃସିଂହ, ଭାବଗ୍ରାହୀ ଆଦି ସାଇକେଲ ଆଣିଥିଲେ । କଟକକୁ ଅଧିକାଂଶ ମହାନଦୀ କୂଳେ କୂଳେ ଚଲାରାସ୍ତାରେ ବାରଦା ଓ ଆୟତପୁର ଦେଇ ଯିବାଆସିବା କରୁଥିଲେ । ଚାଲି କରି କଟକରେ ପହ୍‌ବାକୁ ୪/୫ ଘ । ଲାଗୁଥିଲା । ସୋମପୁରଠାରୁ ମଣିଷଟଣା ବୋଟ୍‌ରେ ମଧ୍ୟ କଟକକୁ ଯିବାଆସିବା ହେଉଥିଲା । ବୋଟ୍‌ରେ କଟକରେ ପହ୍‌ବାକୁ ୬/୭ ଘ । ଲାଗୁଥିଲା । ଲୋକେ ବୋଟ୍‌ରେ ବସି ସୋମପୁରର ଚୁଡ଼ାଭଜା ଓ ଉଖୁଡ଼ା ପାଟିରେ ପକାଇ କଟକର ନୂଆବଜାର ଯାଏ ଆସୁଥିଲେ । ମାତ୍ର ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଓ ଅନ୍ୟାନ୍ୟ ମନ୍ଦିର ଦର୍ଶନାର୍ଥେ ବଳଦଗାଡ଼ି ହିଁ ଶ୍ରେଷ୍ଠ ଥିଲା । ୧୯୫୬ ମସିହାରେ କାଠଯୋଡ଼ି ପୋଲ ଓ ୧୯୫୮ ମସିହାରେ ମହାନଦୀ ପୋଲ ନିର୍ମିତ ହୋଇଥିଲା । ଏହାପରେ ବସ୍‌ରେ ଯା-ଆସ କରିବା ସୁବିଧା ହୋଇଥିଲା । ଧବଳେଶ୍ୱର ମହାଦେବଙ୍କ ଦର୍ଶନାର୍ଥେ ବିଶେଷତଃ କାର୍ତ୍ତିକ ମାସରେ ଗ୍ରାମର ଶ୍ରଦ୍ଧାଳୁ ଭକ୍ତମାନେ ଡଙ୍ଗାରେ ଯିବାଆସିବା କରୁଥିଲେ ।

ମାଲ ପରିବହନ ବଳଦଗାଡ଼ି ଓ ଡଙ୍ଗାରେ ହେଉଥିଲା । ମାଲଗୋଦାମ ଡକ୍‌ରେ ମାଲ ଡଙ୍ଗାରେ ବୋଝାଇ କରି କେନାଲ ବା ନଦୀପଥରେ ଆଣୁଥିଲେ । ବଳଦଗାଡ଼ିରେ ମାଲ ସୋମପୁର ଦେଇ ବାର୍‌ହାପାଟ ରାସ୍ତାରେ କିଶୋରନଗରକୁ ଆଣୁଥିଲେ । ଛୋଟ ଦୋକାନୀମାନେ ମାଲ ଆଣି ଗ୍ରାମବାସୀଙ୍କୁ ଯୋଗାଉଥିଲେ । ବଳଦଗାଡ଼ିରେ ମାଲ ପରିବହନ ବିପଦସଂକୁଳ ଥିଲା । ଚୋରମାନେ ବଳଦଗାଡ଼ି ପଛରେ ଆସି ଶଗଡ଼ିଆ ଟିକିଏ ଅସାବଧାନ ହେଲେ ଚୋରି କରି ନେଉଥିଲେ । ଶଗଡ଼ିଆମାନେ ନୂଆବଜାର ରାସ୍ତାକଡ଼ରେ ଶଗଡ଼ ରଖି ରୋଷାଇ କରି ଖାଉଥିଲେ ଏବଂ ବଳଦଙ୍କୁ ଖୁଆଉଥିଲେ ।

## ପ୍ରଶାସନ

ଗାଁଟି କାଳିକାପୁର ଜମିଦାର ବ୍ରଜସୁନ୍ଦର ପାଟଜୋଷିଙ୍କ ଜମିଦାରିରେ ଥିଲା । ତାଙ୍କ ଅନ୍ତେ ଜମିଦାରି ତାଙ୍କର ଚାରିପୁଅ ଚିନ୍ତାମଣି ଆଚାର୍ଯ୍ୟ, ନୀଳମଣି ଆଚାର୍ଯ୍ୟ, ଇନ୍ଦ୍ରମଣି ଆଚାର୍ଯ୍ୟ ଓ ଗନୁ ଆଚାର୍ଯ୍ୟଙ୍କ ମଧ୍ୟରେ ବ । ହୋଇଯାଇଥିଲା । ପାଏନ୍ଦା ପରଗନା ଅନ୍ତର୍ଗତ ମଲ୍ଲୀପୁର ଗାଁଟି ଇନ୍ଦ୍ରମଣି ଆଚାର୍ଯ୍ୟଙ୍କ ଭାଗରେ ପଡ଼ିଥିଲା । ତାଙ୍କର କଚେରି ଘର ବାଲିଶୁକ୍ରୀ ଗଉଡ଼ସାହି ନିକଟରେ ଥିଲା । ତହିଁରେ ବିରାଟ ପକ୍କାକାନ୍ଥ ଓ ସିମେ ଚଟାଣ ଥିଲା । ପ୍ରଜାମାନେ ଖଜଣା ଦେବାକୁ ସେଠାକୁ ଆସୁଥିଲେ । ସୁନିଆ, ଦଶହରା ଭେଟି ଆଣି ସେଠାରେ ପହ ୍ଥିଲେ । କରଣ, ବ୍ରାହ୍ମଣ ପ୍ରଜାଙ୍କୁ ଛାଡ଼ି ହରିଜନ, ହାଟୁଆ, ଚଷାମାନେ ବେଠି ଖଟିବାକୁ ବାଧ ହେଉଥିଲେ । କଚେରିରେ ତହସିଲଦାର, ଖମାରି ଓ ପିଅନ ଥିଲେ । ନିଜ ଜମି ଚାଷ ପାଇଁ ବଳଦ ରହୁଥିଲେ । ନିଧି ମହାନ୍ତି ତହସିଲଦାର, ରାଧୁ ଖମାରି ଓ ପିଅନ ଗାଁକୁ ଖଜଣା ଅସୁଲ ନିମନ୍ତେ ଆସୁଥିଲେ । କେତେକ ଛୋଟମୋଟ ବିବାଦ ମଧ୍ୟ କଚେରିରେ ମେ ।ଇ ଦିଆଯାଉଥିଲା । ୧୯୫୨ ମସିହାରେ ଜମିଦାରି ଉଚ୍ଛେଦ ହେଲା । ସରକାରୀ ଲୋକ ରହି ରାଜସ୍ୱ ଆଦାୟର ଦାୟିତ୍ୱ ନେଲେ ।

ବିଂଶ ଶତାବ୍ଦୀର ତୃତୀୟ ଦଶକ ପର୍ଯ୍ୟନ୍ତ କିଶୋରନଗରରେ ଥାନା ନଥିଲା । ମଲ୍ଲୀପୁର ମୌଜା ସାଲେପୁର ଥାନା ଅଧୀନରେ ଥିଲା । ୧୯୩୦

ମସିହାରେ ସେଟଲ୍‌ମେ  ବା ବନ୍ଦୋବସ୍ତ ହୋଇ ଜମିଜମା ସମ୍ବନ୍ଧୀୟ ନକ୍ସା ଓ ଖତିଆନ ତିଆରି ହେଲା । ଥାନାରେ ଜଣେ ଲେଖାଁ ମୁନ୍‌ସି ଓ ଜମାଦାର ଏବଂ ୨/୩ ଜଣ ସିପାଇ ଥିଲେ । କିଶୋରନଗର ଥାନା ହେବା ପରେ ଏହା ଜଗତ୍‌ସିଂହପୁର ଦାରୋଗାଙ୍କ ଅଧୀନସ୍ଥ ଥିଲା । ଏହି ଥାନା ଅଧୀନରେ ୭ଟି ୟୁନିୟନ ଥିଲା । ମଲ୍ଲୀପୁର ଗ୍ରାମଟି ୨ ନମ୍ବର ୟୁନିୟନର ଅନ୍ତର୍ଗତ ଥିଲା । ନଟ ବିଶୋୟୀ ଦଫାଦାର ଓ ପୁନ ମଲ୍ଲିକ ଚଉକିଆ ଥିଲେ । ମୁନ୍‌ସିଙ୍କ ପୋଷାକ ଥିଲା ଖାକି ହାଫ୍‌ପ୍ୟା  ଓ ହାଫ୍‌ସାର୍ଟ । ଅ ।ରେ ବେଲ୍ଟ ଓ କାନ୍ଧରେ ମଧ୍ୟ ପାଡିଆପରି ବେଲ୍ଟ ଥିଲା । ଯୋତା ଓ ମୋଜା ସ୍ୱତନ୍ତ୍ର ଧରଣର ଥିଲା । ମୁଣ୍ଡରେ ସୋଲ ନିର୍ମିତ ଖାକିକନାରେ ଆବୃତ ଟୋପି ଥିଲା । ଜମାଦାରଙ୍କର ମଧ୍ୟ ସେହିଭଳି ପୋଷାକ ଥିଲା । ସିପାଇଙ୍କର ଖାକି ହାଫ୍‌ପ୍ୟା , ଚମଡ଼ା ବେଲ୍ଟ ଓ ମୁଣ୍ଡରେ ନାଲିକନାର ପଗଡ଼ି ଥିଲା । ଏଣୁ ଏମାନଙ୍କୁ ନାଲିପଗଡ଼ିଆ ବୋଲି କୁହାଯାଉଥିଲା । ଏମାନେ ଆସିଲେ ନାଲିପଗଡ଼ିଆ ଆସିଲା ବୋଲି କହି ଗ୍ରାମବାସୀ ଭୟଭୀତ ହୋଇଯାଉଥିଲେ । ଦଫାଦାର ଓ ଚଉକିଆ ଯଥାକ୍ରମେ ଖାକି  ହାଫ୍‌ସାର୍ଟ ଓ କଳାରଙ୍ଗର ମୋଟାସାର୍ଟ ପରିଧାନ କରୁଥିଲେ ।

ପୁଲିସ ଶାନ୍ତିରକ୍ଷା କରିବା ସଙ୍ଗେ ସଙ୍ଗେ ଚୋରି, ସିନ୍ଧି ଆଦି ଫୌଜଦାରୀ ତଥା ଜମିଜମା ମାମଲାର ତଦାରଖ କରୁଥିଲେ । ଗଣ୍ଡଗୋଳ ଆଦିର ସମାଧାନ ପାଇଁ ମଧ୍ୟ ପଦକ୍ଷେପ ନେଉଥିଲେ ।

ସ୍ଥାନୀୟ ଜମିଦାର ଥାନାର ପ୍ରେସିଡେ  ଥିଲେ ଏବଂ ତାଙ୍କ ଅଧୀନରେ ପ୍ରତି ୟୁନିଅନର ପ୍ରେସିଡେ  ରହୁଥିଲେ । ସେମାନେ ଅବୈତନିକ ଥିଲେ । ୟୁନିୟନ ପ୍ରେସିଡେ ଙ୍କ ଅଧୀନରେ ଚୌକିଦାରି ଟିକସ ଆଦାୟ ପାଇଁ ଜଣେ ଟ୍ୟାକ୍ସ କଲେକ୍ଟର ଥିଲେ । ମଲ୍ଲୀପୁର ଗ୍ରାମଟି ୨ ନମ୍ବର ୟୁନିଅନର ଅନ୍ତର୍ଭୁକ୍ତ ଥିଲା । ଏହି ୟୁନିଅନର ପ୍ରେସିଡେ  ପ୍ରଥମ କରି ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ସାମନ୍ତରାପୁର ନବାସୀ ଶ୍ରୀନାଥ ଦାସ ହୋଇଥିଲେ । ପରେ ପ୍ରହରାଜପୁର ନିବାସୀ ବଦୁ ମିଆଁ ପ୍ରେସିଡେ  ହୋଇଥିଲେ । ତାଙ୍କ ଅଧୀନରେ ଗ୍ରାମର ଗୋପାଳ ଚରଣ ମହାନ୍ତି ଟ୍ୟାକ୍ସ କଲେକ୍ଟର ଥିଲେ । ଦଫାଦାର ନଟ ବିଷୋୟୀ ଓ ଚଉକିଦାର ପୁନ ମଲ୍ଲିକଙ୍କ ପରେ ମଧୁ ମଲ୍ଲିକ ଟିକସ ଆଦାୟରେ ସାହାଯ୍ୟ କରୁଥିଲେ । ଚୌକିଦାରଙ୍କ ଦରମା ମାସିକ ତିନିଟଙ୍କା ଓ ଦଫାଦାରଙ୍କ ଦରମା ମାସିକ ପା ଟଙ୍କା ଥିଲା । ଚଉକିଆ କଳାପୋଷାକ ପିନ୍ଧି, ବଡ଼ଠେଙ୍ଗା ଧରି

ରାତ୍ରିରେ ଡିଉଟି କରି ହୁସିଆର, ହୁସିଆର ବୋଲି ଡାକ ଦେଉଥିଲେ । ଅପରାଧ କ୍ୱଚିତ୍ ସଂଘଟିତ ହେଉଥିଲା । ସ୍ୱାଧୀନତା ପରେ ଏ ବ୍ୟବସ୍ଥାରେ ସଂସ୍କାର କରାଯାଇ ପ ାୟତ ଶାସନ ପ୍ରଚଳିତ ହୋଇଥିଲା । ୟୁନିଅନ ପ୍ରେସିଡେ ଶ୍ରୀନାଥ ଦାସ ଓ ପରେ ବଦୁ ମିଆଁ ସରପ ହୋଇଥିଲେ । ସେହିପରି ଗୋପାଳ ଚରଣ ମହାନ୍ତି ପ ାୟତରେ ସେକ୍ରେଟାରୀ ହୋଇଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ୧୯୩୯ ମସିହାରୁ ଆରମ୍ଭ ହୋଇଥିଲା । ବ୍ରିଟିଶ୍ ଶାସନରେ ଥାଇ ଆମ ଦେଶରେ ମହାସମରର ଛାୟା ଖେଳିଯାଇଥିଲା । ଆକାଶରେ ମାଳ ମାଳ ଉଡ଼ାଜାହାଜ ଉଡ଼ିବୁଲୁଥିଲା । ଆକାଶମାର୍ଗରୁ ଆକ୍ରମଣର ଆଶଙ୍କା କରି ଗ୍ରାମରେ ଟ୍ରେ ଖୋଳାଯାଇଥିଲା । ସାଇରନ୍ ବାଜିଲେ ଟ୍ରେ ୍ରେ ରହିଯିବାକୁ ଜଣାଇଦିଆଯାଇଥିଲା । ମାଳ ମାଳ ହୋଇ ଆକାଶମାର୍ଗରେ ଉଡ଼ାଜାହାଜ ଉଡ଼ିବୁଲୁଥିବା ଦେଖି ଗ୍ରାମବାସୀ ବିଜ୍ଞାନର କରାମତି ଜାଣିଥିଲେ । ଗ୍ରାମବାସୀ ଭୂତପ୍ରେତ ଓ ଅଲୌକିକ ଘଟଣାକୁ ବିଶ୍ୱାସ କରୁଥିଲେ । ଭୂତପ୍ରେତ ଲାଗିଲେ ଗ୍ରାମର ଗୁଣିଆ ଆ ି ଦାସ, ନବ ମହାନ୍ତି ଓ ଗିରିଧାରୀ ଭୋଇ ଝଡ଼ାଫୁଙ୍କା କରୁଥିଲେ । ପଟିଆ ଅ ଳରୁ ସାପୁଆକେଳାମାନେ ଆସି ପେଡ଼ିରୁ ସାପ ବାହାର କରି ଖେଳାଉଥିଲେ । ସେମାନେ ଗଦ ଓ ଚେରମୂଳି ଔଷଧ ମଧ୍ୟ ବିକ୍ରି କରୁଥିଲେ । ଗ୍ରାମବାସୀ ଅନ୍ଧବିଶ୍ୱାସକୁ ଟାଳିପାରୁନଥିଲେ କିମ୍ବା ସହରୀବାବୁମାନଙ୍କ ମନ୍ତବ୍ୟକୁ ଗ୍ରହଣ କରିପାରୁନଥିଲେ । ଗ୍ରାମରେ ଶିକ୍ଷିତଙ୍କ ସଂଖ୍ୟା କମ୍ ଥିଲା । ନିରକ୍ଷର ଓ ଅଳ୍ପଶିକ୍ଷିତଙ୍କ ସଂଖ୍ୟା ବେଶୀ ଥିଲା ।

## ଖାଦ୍ୟ ପ୍ରସ୍ତୁତି

ରୋଷେଇଘରେ ମାଟିରେ ଚୁଲ୍ଲୀ ତିଆରି କରାଯାଉଥିଲା । ଚୁଲ୍ଲୀର ଉ ରକୁ ୨/୩ ଫୁଟ ଉଚ୍ଚ ଓ ୩ ଫୁଟ ଲମ୍ବର ଅଧାକାନ୍ଥି ରହୁଥିଲା । ଐଶାନ୍ୟ କୋଣରେ ଅଧାକାନ୍ଥି କଡ଼କୁ ଦେଓପିଣ୍ଡି ନିର୍ମିତ ହେଉଥିଲା । ଏହାକୁ ବଡ଼ବଡୁଆ ମଧ୍ୟ କୁହାଯାଉଥିଲା । ସନ୍ଧ୍ୟାରେ ବୃନ୍ଦାବତୀଙ୍କ ନିକଟରେ ଘିଅବତି ଦିଆଯିବା ସଂଗେ ସଂଗେ ବଡ଼ବଡୁଆଙ୍କ ନିକଟରେ ମଧ୍ୟ ବତି ଦିଆଯାଉଥିଲା । ଜନ୍ମଦିନ, ଶ୍ରାଦ୍ଧବାର୍ଷିକୀ ଓ ପର୍ବପର୍ବାଣୀମାନଙ୍କରେ ଅନ୍ନ, ବ୍ୟଞ୍ଜନ ଓ ଛେନାଗୁଡ଼କଦଳୀ ଚକଟା ଭୋଗ ଦିଆଯାଉଥିଲା । ନାଗି ଦେବା ପରେ ପରିବାରର ସଦସ୍ୟମାନେ

କଦଳୀପତ୍ରରେ ଭୋଜନ କରୁଥିଲେ । ପରିବାରର ସଦସ୍ୟଙ୍କ ବ୍ୟତୀତ ପଡ଼ୋଶୀମାନେ ମଧ୍ୟ ଏସବୁ ଉତ୍ସବରେ ଏକତ୍ରିତ ହୋଇ ଭୋଜନ କରୁଥିଲେ ।

## ପରିବେଶ ଓ ବନ୍ୟଜନ୍ତୁ

ହାତୁଆଳୀ ଓ ବଡ଼ଦଣ୍ଡା ଜଙ୍ଗଲ ପ୍ରାୟତଃ ଲଗାଲଗି ଥିଲା । ଜଙ୍ଗଲରେ ବହୁସଂଖ୍ୟାରେ ବିଲୁଆ, ହେଟା, ଠେକୁଆ, କୋକିଶିଆଳି ଓ ବଜ୍ରକାପ୍ତା ରହୁଥିଲେ ।

ବିଲୁଆମାନେ ବଣରେ ଗାତ କରି ରହୁଥିଲେ । ସେମାନେ ଦିନରେ ଛକିରହି ଛେଳି ମାରିପକାଉଥିଲେ । ମଲା ମଣିଷ ଓ ଗୋରୁଙ୍କ ମାଂସ ମଧ୍ୟ ଖାଉଥିଲେ । ଭେରଣ୍ଡା ବା ଅଣ୍ଡିରା ବିଲୁଆ ରାତିରେ ପହରିକିଆ ଭୁକୁଥିଲେ । ସେଥିରୁ ରାତି କେତେ ପହର ହେଲା ତାହା ଅନୁମାନ କରାଯାଉଥିଲା । ହେଟାମାନେ ମଧ୍ୟ ନିଘ  ସ୍ଥାନରେ ପାଲ ବା ଗାତ କରି ରହୁଥିଲେ । ସେମାନେ ରାତିରେ ପଦାକୁ ବାହାରୁଥିଲେ । ପୋତାଯାଇଥିବା ମଣିଷର ଶବକୁ ବାହାର କରି ପିଠିରେ ପକାଇ ଜଙ୍ଗଲ ମଧ୍ୟକୁ ଆଣି ଖାଉଥିଲେ । ସେହିପରି ମଲା ଗୋରୁଗାଈଙ୍କୁ ମଧ୍ୟ ଜଙ୍ଗଲ ମଧ୍ୟକୁ ଆଣି ଖାଉଥିଲେ ।

ଠେକୁଆ ବଣରେ, ନଦୀପଠାରେ ଓ ଘରପାଖ ବୁଦାମାନଙ୍କରେ ରହୁଥିଲେ । ସେମାନେ ରାତ୍ରିରେ କଅଁଳ ଧାନପତ୍ର ଆଦି ଖାଉଥିଲେ । ନଦୀବଢ଼ି ସମୟରେ ସେମାନଙ୍କ ଗାତରେ ପାଣି ପଶିଯାଉଥିବାରୁ ଉଚ୍ଚଜାଗାକୁ ଚାଲିଆସୁଥିଲେ । ଗ୍ରାମବାସୀମାନେ ଏକତ୍ରିତ ହୋଇ ଠେକୁଆମାନଙ୍କୁ ହୁଡ଼ାଇ ମାରି ମାଂସ ଖାଉଥିଲେ । ବିଶେଷତଃ ଭୋଇ ସାହିର ଲୋକେ ବଣରେ ପଶି ଠେକୁଆ ଶିକାର କରୁଥିଲେ । କୋକିଶିଆଳିମାନେ ନଦୀପଠାରେ ଗାତ କରି ରହୁଥିଲେ । ନଦୀବଢ଼ି ହେଲେ ସେମାନେ ଅତଡ଼ା ଉପରକୁ ଉଠିଆସୁଥିଲେ । ବିଶେଷତଃ ଶୀତରାତିରେ ସେମାନେ ମଧୁର ସ୍ୱରରେ ବୋବାଉଥିଲେ । ଝିଙ୍କ ଓ ବଜ୍ରକାପ୍ତା କ୍ୱଚିତ୍ ବଣରୁ ବାହାରକୁ ଆସୁଥିଲେ ।

ଶତାବ୍ଦୀର ତିନିଦଶନ୍ଧିବେଳକୁ ୨ଟି ଚିତାବାଘ ବାରଦା ଜଙ୍ଗଲରୁ ଆସି ବଡ଼ଦଣ୍ଡା ଜଙ୍ଗଲରେ ରହିବା ଦେଖାଯାଇଥିଲା । ଗାଈଗୋରୁ ବଣରେ ଚରୁଥିବା

ସମୟରେ ଏମାନେ ମାରିବାକୁ ଗୋଡ଼ାଉଥିଲେ । ଗାଁର ୫/୬ଟି ବାଛୁରିଙ୍କ ତ‌ି କଣା କରିଦେଇଥିଲେ । ଏମାନେ ରାତ୍ରିରେ ଗାଁ ମଧ୍ୟକୁ ଆସୁଥିଲେ ଏବଂ ଏହା ଜାଣି କୁକୁରମାନେ ଭୁକିଉଠୁଥିଲେ । ତେଣୁ ଚିତାବାଘଦ୍ୱୟ ଆଗ କୁକୁରଙ୍କ ବଂଶ ନିପାତ କରିଥିଲେ । ଏମାନେ ଗୁହାଳରୁ ଛେଳିମାନଙ୍କୁ ଓଟାରିନେଇ ପଳାଉଥିଲେ । ଗ୍ରାମବାସୀମାନେ ଭୟଭୀତ ହୋଇପଡ଼ିଥିଲେ ଏବଂ ଗୋରୁଗାଈ ସତର୍କତାର ସହ ଚରାଉଥିଲେ । ରାତ୍ରିରେ ଟିଣ ବାଡ଼େଇ ଜଗିବାକୁ ପଡୁଥିଲା । ଏମାନେ ବଣରେ ରହୁଥିବା ଠେକୁଆ ଓ ବିଲୁଆଙ୍କୁ ମାରି ଖାଉଥିଲେ । ଚିତାବାଘଦୁହିଁଙ୍କୁ ମାରିବା ପାଇଁ ନାରଦାର ମୌସୁର ଖାଁ ଚେଷ୍ଟା କରିଥିଲେ । ହେଟାବର ପାଖରେ ଭାଡ଼ି ତିଆରି କରାଯାଇ ତଳେ ଛେଳି ବନ୍ଧାଯାଇଥିଲା । ରାତିରେ ମୌସୁର ଖାଁ ଦୋନଳୀ ବନ୍ଧୁକ ଧରି ଜଗିରହିଥିଲେ । କିନ୍ତୁ ଚିତାବାଘଦ୍ୱୟ ଏପରି ଚାଲାଖ ଥିଲେ ଯେ ଶିକାରକୁ ନେଇ ନିର୍ବିଘ୍ନରେ ଚାଲିଯାଇଥିଲେ । ସେମାନଙ୍କୁ ମାରିବା ସମ୍ଭବ ହୋଇନଥିଲା । ଯାହାହେଉ ଟିଣ ଆଦି ବାଡ଼େଇ ଭୟଭୀତ କରାଯିବାରୁ ୪/୫ ବର୍ଷ ଭିତରେ ଏମାନେ ବାରଦା ଜଙ୍ଗଲକୁ ଫେରିଯାଇଥିଲେ । ସେଠାରେ ପ୍ରସିଦ୍ଧ ଶିକାରୀ ରାଜକୃଷ୍ଣ ବୋଷଙ୍କ ପୁଅ ସବ୍ୟସାଚୀ ବୋଷ ସେମାନଙ୍କୁ ନିପାତ କରିଥିଲେ ।

ଆଖୁଚାଷ ହେବାରୁ ବଣଜଙ୍ଗଲ ହାଣି ଆବାଦ କରାଯାଇଥିଲା । ବିଲୁଆମାନେ ଆଖୁ କିଆରିରେ ରହି ଫସଲ ନଷ୍ଟ କରୁଥିଲେ । ତେଣୁ ଚାଷୀମାନେ ମଲାଗୋରୁ ମାଂସରେ ବିଷ ଗୋଳାଇ ଛାଡ଼ିଦେଉଥିଲେ । ଏହାକୁ ଖାଇ ବିଲୁଆମାନେ ମରୁଥିଲେ । ସେହିପରି ବଣଜଙ୍ଗଲ କ୍ରମଶଃ ଧ୍ୱଂସ ହେବାରୁ ଠେକୁଆ, ଝିଙ୍କ ଆଦି ଲୋପପାଇଥିଲେ ।

ବଣରେ ଅସଂଖ୍ୟ ପକ୍ଷୀ ବସାବାନ୍ଧି ରହୁଥିଲେ । ହଳଦୀବସନ୍ତ, କଜଳପାତି, ବଣଶୁଆ, ବାୟାଚଢ଼େଇ ଆଦି ରହୁଥିଲେ । କାଉ, କୋଇଲି, କୁମ୍ଭାଟୁଆ, ହଳଦୀବସନ୍ତ ଆଦି ଗାଁ ମଧ୍ୟରେ ଥିବା ଗଛ ଓ ତୋଟାରେ ବସାବାନ୍ଧି ରହୁଥିଲେ । କିନ୍ତୁ ସେମାନଙ୍କ ସଂଖ୍ୟା କ୍ରମଶଃ କମିବାରେ ଲାଗିଥିଲା । ବସନ୍ତ ଓ ଗ୍ରୀଷ୍ମ ଋତୁରେ ପ୍ରତ୍ୟୁଷରୁ କାଉ ବୋବାଇ ଗ୍ରାମବାସୀଙ୍କ ନିଦ୍ରାଭଙ୍ଗ କରୁଥିଲେ । କୋଇଲି ଆମ୍ବ ଆଦି ବୃକ୍ଷରେ ବହୁସଂଖ୍ୟାରେ ବସି ରାବଦେଉଥିଲେ । ସେମାନଙ୍କର ମଧୁର ସ୍ୱର ମନକୁ ମୁଗ୍ଧ କରାଉଥିଲା । ହଳଦୀବସନ୍ତ, କଜଳପାତି, କୁମ୍ଭାଟୁଆ ଓ ଡାଉକମାନଙ୍କ ରାବ ମଧ୍ୟ ବଡ଼ ମନୋମୁଗ୍ଧକର ଥିଲା ।

ଶଙ୍ଖଚିଲ ଓ ମାଟିଆଚିଲ ବହୁସଂଖ୍ୟାରେ ଦେଖାଯାଉଥିଲେ । ସେମାନେ ଉଚ୍ଚ ବୃକ୍ଷମାନଙ୍କରେ ବସାବାନ୍ଧି ରହୁଥିଲେ । ଗାଁ ମଧ୍ୟରେ ଶୁଆଁ ଗାଡ଼ିଆ, ଯେଉଟ ଗାଡ଼ିଆ, ଠାକୁରାଣୀ ପୋଖରୀ, ବଳରାମ ମହାନ୍ତିଙ୍କ ଗାଡ଼ିଆ, ଦେବାଧି ମହାନ୍ତିଙ୍କ ଗାଡ଼ିଆ ଆଦି ଥିଲା । ନଦୀବଢ଼ି ସମୟରେ ଏସବୁଥିରେ ପ୍ରଚୁର ପରିମାଣରେ ମାଛଯାଆଁଳ ଆସି ପଶୁଥିଲେ । ଯାଆଁଳଗୁଡ଼ିକ କ୍ରମଶଃ ବଡ଼ ହେଉଥିଲେ । ପୋଖରୀମାନଙ୍କରୁ ବଅଜାଲ, କାଠିଜାଲ, ଜାଲପୋଲୁହ, କାଠିପୋଲୁହ ଆଦିରେ ମାଛ ଧରାଯାଉଥିଲା । ମାଛଧରା ସମୟରେ ଶଙ୍ଖଚିଲ, ମାଟିଆଚିଲ, ମାଛରଙ୍କା ଆଦି ପକ୍ଷୀ ରୁଣ୍ଡ ହୋଇଯାଉଥିଲେ । ସେମାନେ ଚକର ମାରି ମାଛ ଉଠାଇ ଗଛଡାଳକୁ ଚାଲିଯାଉଥିଲେ । ଏ ଦୃଶ୍ୟ ବଡ଼ ମନୋମୁଗ୍ଧକର ଥିଲା । ଶଙ୍ଖଚିଲକୁ ଦେଖିଲେ ଯାତ୍ରା ଶୁଭ ହେବାର ସଙ୍କେତ ମିଳୁଥିଲା । ଦଶହରାରେ ଅଧିଷ୍ଠାତ୍ରୀ ଦେବୀଙ୍କ କଳସ ନଦୀରେ ବିସର୍ଜନ କରି ଗ୍ରାମବାସୀ ଶଙ୍ଖଚିଲ ଦର୍ଶନ କଲେ ଶୁଭ ମନାସୁଥିଲେ । ପ ଦଶନ୍ଧିବେଳକୁ ଶଙ୍ଖଚିଲ ବଂଶ ଲୋପପାଇବା ଆରମ୍ଭ ହୋଇଥିଲା । ଶସ୍ୟକ୍ଷେତ୍ରରେ ଔଷଧ ପ୍ରୟୋଗ ଶଙ୍ଖଚିଲ ଓ ମାଟିଆଚିଲ ବିଲୋପ ହେବାର ଅନ୍ୟତମ କାରଣ ଥିଲା । ବିଲରେ ବିଷାକ୍ତ ମାଛ, କଙ୍କଡ଼ା ଆଦି ଖାଇ ସେମାନଙ୍କର ବଂଶ ଲୋପପାଇଥିଲା ।

ସେହିପରି ଶାଗୁଣା ଦୁଇପ୍ରକାରର ଥିଲେ – ଫୁଲ ଶାଗୁଣା ଓ ମାଟିଆ ଶାଗୁଣା । ସେମାନେ ତାଳଗଛରେ ଓ ବଣରେ ଥିବା ଉଚ୍ଚ ଗଛରେ ବସାବାନ୍ଧି ରହୁଥିଲେ । ସେମାନେ ମଲା ମଣିଷ, ଗାଇ, ଛେଳି ଆଦିଙ୍କର ମାଂସ ଖାଇ ପରିବେଶକୁ ଶୁଦ୍ଧ ରଖୁଥିଲେ । ଦିନରେ ମାଳ ମାଳ  ଶାଗୁଣା ଖୁବ୍ ଉଚ୍ଚରେ ଉଡ଼ି ଚକର ଦେଉଥିବା ଦେଖାଯାଉଥିଲା । ସେମାନେ ମୃତଜୀବର ଗନ୍ଧ ଆଘ୍ରାଣ କରି ଦଳ ଦଳ ହୋଇ ଆସି ପହ୍ଯାଉଥିଲେ । ପଚାମାଂସ ଆଦି ଖାଇ ସଫା କରିଦେଉଥିଲେ । ସେମାନେ ମଧ୍ୟ ବିଷାକ୍ତ ଖାଦ୍ୟ ଖାଇ ମରିଥିବା ଜୀବଜନ୍ତୁଙ୍କ ମାଂସ ଭକ୍ଷଣ କରି ବିଲୋପ ହୋଇଯାଇଥିଲେ ।

## ପୁରୀ ବାବା

ବାବାଜୀ ପ୍ରଭାକର ଦାଶ ଓରଫ ପୁରୀ ବାବା ଜଣେ ଅଦ୍ୱିତୀୟ ମହାପୁରୁଷ ଥିଲେ । ଦୀର୍ଘ ବପୁଧାରୀ ଏହି ଶତାୟୁ ପୁରୁଷଙ୍କର ଉଚ୍ଚତା ପ୍ରାୟ ୭ ଫୁଟ

ଥିଲା । ସେ ନିମାପଡ଼ା ଓ ପୁରୀର ମଠରେ ଅବସ୍ଥାନ କରୁଥିଲେ । ମଲ୍ଲୀପୁର ଗ୍ରାମ ବାବାଙ୍କର ଏକ ପ୍ରିୟସ୍ଥଳୀ ଥିଲା । ସେ ପ୍ରାୟ ୨/୩ ମାସରେ ଥରେ ଆସି ଏଠାରେ ଅବସ୍ଥାନ କରୁଥିଲେ । ସଙ୍ଗରେ କମଣ୍ଡଳୁ, ବ୍ୟାଘ୍ରଚର୍ମ, କୋଥଳି, ଗୀତା, ଭାଗବତ ଆଦି ଆଣୁଥିଲେ । ସେ ଗୈରିକ ବସ୍ତ୍ର ପରିଧାନ କରୁଥିଲେ ଓ ରୁଦ୍ରାକ୍ଷମାଳ ପକାଉଥିଲେ । ସେ ଗୋଡ଼ରେ କଠଉ ମାଡୁଥିଲେ ।

ପୁରୀ ବାବା ମଲ୍ଲୀପୁର ଆସିଲେ ନଦିଆ ବିହାରୀ ମହାନ୍ତିଙ୍କ ମେଲାଘରେ ରହୁଥିଲେ । ସେ ଦୈନିକ ପ୍ରତ୍ୟୁଷରୁ ଉଠି ମହାନଦୀକୁ ସ୍ନାନ କରିବାକୁ ଯାଉଥିଲେ । ସ୍ନାନାନ୍ତେ ଗେରୁଆ ବସ୍ତ୍ର ପିନ୍ଧି ଜଟାକୁ ସଜାଡ଼ି ପଗଡ଼ି ଲଗାଉଥିଲେ । ଚାଙ୍ଗୁଡ଼ି ଧରି ବାରିରୁ ଫୁଲ ସଂଗ୍ରହ କରୁଥିଲେ । କୋଥଳି କାଢ଼ି ଶାଳଗ୍ରାମ ରଖି ଦେହରେ ତିଳକ ଲଗାଉଥିଲେ । ମୁଣ୍ଡରେ ଦୀର୍ଘ କରି ସିନ୍ଦୁର ପିନ୍ଧୁଥିଲେ । ତା'ପରେ ଅନ୍ତତଃ ଏକଘ ।ଧରି ପୂଜା କରୁଥିଲେ ।

ପୂଜା ପରେ ବାବା ଚୁଡ଼ା, କଦଳୀ ଓ ଛେନା ଚକଟା କମ୍ଭା ରୁଟି ଓ ଚାହା ଖାଉଥିଲେ । ସେ ଭକ୍ତମାନଙ୍କ ପ୍ରଦ ଗଞ୍ଜାଇ ମଧ୍ୟ ସେବନ କରୁଥିଲେ । ଗାଁରେ ଭକ୍ତମାନଙ୍କ ଘରକୁ ଯାଇ ତୁଳସୀ ଧଣ୍ଡା ପ୍ରଦାନ କରୁଥିଲେ । ବାବା ହସ୍ତରେଖା ଦେଖି ଭବିଷ୍ୟବାଣୀ ଶୁଣାଇ ଆଶ୍ୱାସନା ଦେଉଥିଲେ । ଦ୍ୱିପ୍ରହରରେ ଅରୁଆଭାତ ଓ ଡାଲମା ସେବନ କରୁଥିଲେ । ତହିଁରେ ଗୁଆଘିଅ ଓ ଅଧିକ ମାତ୍ରାରେ ଜିରାଲଙ୍କା ଗୁଣ୍ଡ ପଡୁଥିଲା । ଖାଇ ସାରି ସେ କିଛି ସମୟ ବିଶ୍ରାମ ନେଉଥିଲେ । ତା'ପରେ ପୁଣି ଭକ୍ତମାନଙ୍କ ଘରକୁ ବୁଲିବାହାରୁଥିଲେ । ସେ ଭକ୍ତମାନଙ୍କ ସହ ଦୁଃଖସୁଖ କଥା ହେଉଥିଲେ । ସେ ସଂଧ୍ୟାରେ ଚାହା ଓ ମୁଢ଼ି ବା ଚୁଡ଼ାଭଜା ଖାଉଥିଲେ ଏବଂ ଗଞ୍ଜାଇ ଟାଣୁଥିଲେ । ବାବା ଚଉରା ପାଖରେ ପୂଜା ବା ଯୋଗ କରି ପ୍ରବଚନ ଦେଉଥିଲେ । ସେ ପିଲାମାନଙ୍କୁ ହିତୋପଦେଶ ପ୍ରଦାନ କରୁଥିଲେ । ରାତିରେ ରୁଟି ଓ ଡାଲମା ଖାଉଥିଲେ । ନଦିଆ ବିହାରୀ ଓ ତାଙ୍କ ପତ୍ନୀ ସୂର୍ଯ୍ୟମଣି ବାବାଙ୍କର ସେବା କରୁଥିଲେ । ବାବା ସମନ୍ତରାପୁରର ହେମେନ୍ଦ୍ରନାଥ ବିଶୋୟୀ ଓ ଖେ ।ଳର ସୁବଳ ଚନ୍ଦ୍ର ସାହୁଙ୍କ ଘରକୁ ମଧ୍ୟ ଯାଉଥିଲେ ।

ପୁରୀ ବାବା ଶେଷଥର ପାଇଁ ୧୯୯୫ ମସିହାରେ ନଦିଆ ବିହାରୀଙ୍କ ଝାଞ୍ଜିରୀମଙ୍ଗଳାସ୍ଥ ବାସଭବନକୁ ଆସିଥିଲେ । ନଦିଆ ବିହାରୀଙ୍କ ବଡ଼ ନାତୁଣୀ-ବୋହୂ ଅଧ୍ୟାପିକା ନୀହାରିକା ଦାସଙ୍କ ଅକାଳ ବିୟୋଗ ଖବର ଶୁଣି ସେ ଗଭୀର

ଶୋକ ପ୍ରକାଶ କରିଥିଲେ । ନୀହାରିକାଙ୍କ ସ୍ମୃତି ଉଦ୍ଦେଶ୍ୟରେ ରଚିତ ପୁସ୍ତକର ଉନ୍ମୋଚନ ଉତ୍ସବ ତା୧୪/୧୨/୧୯୯୫ରିଖରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗଦେବା ପାଇଁ ବାବାଙ୍କ ପାଖକୁ ନିମନ୍ତ୍ରଣପତ୍ର ଡାକଯୋଗେ ବାସୁଦେବ ମଠ, ନିମାପଡ଼ା ଠିକଣାରେ ପଠାଯାଇଥିଲା । ମାତ୍ର ଏହି ନିମନ୍ତ୍ରଣପତ୍ର ପ୍ରେରକଙ୍କ ପାଖକୁ ଫେରି ଆସିଥିଲା । ସଙ୍ଗେ ସଙ୍ଗେ ନିମାପଡ଼ା କଲେଜର ଅଧ୍ୟାପକ ଶ୍ରୀକୃଷ୍ଣପଦ ନାୟକ ବାସୁଦେବ ମଠକୁ ଯାଇ ବାବାଙ୍କ ସମ୍ପର୍କରେ ପଚାରିଥିଲେ । ମାତ୍ର କୌଣସି ଉ  ର ପାଇନଥିଲେ ।

## ଶ୍ରାଦ୍ଧକର୍ମ

ପିତୃପୁରୁଷଙ୍କ ଶ୍ରାଦ୍ଧ ସମୟରେ ପିତା, ପିତାମହ ଓ ପ୍ରପିତାମହ ଏବଂ ମାତା, ମାତାମହ ଓ ପ୍ରମାତାମହଙ୍କ ନାମ ଉଚ୍ଚାରଣ କରି ପିଣ୍ଡଦାନ କରାଯାଇଥାଏ । ତା'ଛଡ଼ା ଦେବାଦେବୀଙ୍କୁ ଦାନ ସମୟରେ ବୈଦିକ ରୀତି ଅନୁଯାୟୀ ଉପରୋକ୍ତ ତିନିପିଢ଼ିର ନାମ ଉଚ୍ଚାରଣ କରି ଦାନ ଦିଆଯାଇଥାଏ । ଏହି ସମୟରେ ଗୋତ୍ର ମଧ୍ୟ ଉଚ୍ଚାରଣ କରାଯାଇଥାଏ । କୁଳପୁରୋହିତଙ୍କଠାରେ ସାମ୍ବତ୍ସରିକ ଶ୍ରାଦ୍ଧ ଆଦିର ଦିନବାର ଲିପିବଦ୍ଧ ହୋଇ ରହିଥାଏ । କିନ୍ତୁ ଆଜିକାଲି ଶ୍ରାଦ୍ଧର ଦିନବାର, ପୂର୍ବପିଢ଼ିର ନାମ ଆଦି ଉପଲବ୍ଧ ହେବା କଷ୍ଟକର ହୋଇପଡୁଛି । କାରଣ ପରିବାରର ଠିକ୍ ଇତିହାସ ରଖାଯାଇପାରୁନାହିଁ । ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବରେ ବୈଦିକ ରୀତି ପ୍ରାୟତଃ ବିଲୁପ୍ତ ହେବାକୁ ବସିଲାଣି । ଏପରି ସ୍ଥଳେ ଅନ୍ତତଃ ପାରିବାରିକ ଇତିହାସ ଜାଣିବାର ଆବଶ୍ୟକତା ରହିଛି ।

## ପାରିବାରିକ ପରିସଂଖ୍ୟାନ

ପୂର୍ବପାଖ ସାହି ଅର୍ଥାତ୍ ଆମ ସାହିର ନଦୀକୂଳକୁ ଲାଗି ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ ଘର । ତାଙ୍କର ପିତା ଜୟୀରାମ ମହାନ୍ତି ଶତାବ୍ଦୀ ଆରମ୍ଭ ପୂର୍ବରୁ ବାବୁଜଙ୍ଗରୁ ଆସି ଏଠାରେ ରହିଥିଲେ । ଗୋବିନ୍ଦ ଗ୍ରାମର ଯୋଗୀ ମହାନ୍ତିଙ୍କ ଝିଅକୁ ବିବାହ କରିଥିଲେ । ତାଙ୍କର ଚାଷଜମି ନଥିଲା । କିନ୍ତୁ ଘରବାରି ୧୫

ଗୁଣରୁ ଅଧିକ ଥିଲା । ସେ ବାରିରୁ ଘାସ ଓପାଡ଼ି ସଫାସୁତୁରା ରଖୁଥିଲେ । ତାଙ୍କର ଖୁବ୍ ସୌନ୍ଦର୍ଯ୍ୟବୋଧ ଥିଲା । ସେ ଧୀରସ୍ଥିର ପ୍ରକୃତିର ବ୍ୟକ୍ତି ଥିଲେ । ବାରିରେ ବହୁତ କାଠିଆକଦଳୀ ଓ ଦେଶୀଆଳୁ ଚାଷ କରୁଥିଲେ । ସେ ସାଇଲୋ, ଉଦୟପୁର ଆଦି ଗ୍ରାମରେ ଚାଟଶାଳୀ କରି ପିଲାମାନଙ୍କୁ ପଢ଼ାଉଥିଲେ । ଶିକ୍ଷକ ହିସାବରେ ତାଙ୍କର ଯଥେଷ୍ଟ ସୁଖ୍ୟାତି ଥିଲା । ସେ ମଧ୍ୟ ଜମିଦାର ଅହମ୍ମଦ ବକ୍ସ ଓ ଇନ୍ଦ୍ରମଣି ଆଚାର୍ଯ୍ୟଙ୍କ କଚେରିରେ ସାମୟିକ ଭାବେ କାର୍ଯ୍ୟ କରିଥିଲେ । ତାଙ୍କର ସ୍ତ୍ରୀ ସିରିବୋଉ ଖୁବ୍ ପରିଶ୍ରମୀ ଥିଲେ । ସେ ଗାଇ ରଖି ଓ ନଦୀରୁ ମାଛ ଧରି ଚଳାଇନେଉଥିଲେ । ତାଙ୍କର ଦୁଇପୁଅ କୈଳାସ ଓ କପିଳ ଏବଂ ଦୁଇଝିଅ ପିରି ଓ ସିରିଆ । ପୁଅ କୈଳାସ ମାଇନର ପର୍ଯ୍ୟନ୍ତ ପଢ଼ିଥିଲେ । ସେ ରାଜସ୍ୱ ବିଭାଗରେ କାର୍ଯ୍ୟ କରି ୧୯୯୧ ମସିହାରେ ରେଭିନ୍ୟୁ ଇନ୍ସପେକ୍ଟର ଭାବେ ଅବସର ନେଇଥିଲେ । କପିଳ କୋ-ଅପରେଟିଭ ବ୍ୟାଙ୍କରେ ଟ୍ରେନିଂ ପାଇ ସୁପରଭାଇଜର ହୋଇଥିଲେ । ସେ ପଦୋନ୍ନତି ପାଇ ବ୍ରା ୍ ମ୍ୟାନେଜର ହୋଇଥିଲେ ଏବଂ ୨୦୦୦ ମସିହାରେ ଚାକିରିରୁ ଅବସର ନେଇଥିଲେ । ସିରିବୋଉ ଗାଁର ଝିଅ ଥିବାରୁ ମୁଣ୍ଡରେ ଓଢ଼ଣା ଦେଉନଥିଲେ । ସେ ଗଛ ଚଢ଼ିପାରୁଥିଲେ ଓ ନଦୀ ପହଁରି ମଧ୍ୟ ପାରୁଥିଲେ ।

ଅପର୍ି ଦାସ ଥିଲେ ଧ୍ରୁବ କାନୁନ୍‌ଗୋଙ୍କ ଉପପତ୍ନୀଙ୍କ ପୁଅ । ତାଙ୍କ ପୁଅ ଆର୍ିବନ୍ଧୁ ଦାସ ବଡ଼ ଓଡ଼ିଶୀ କୀର୍ିନପ୍ରେମୀ ଥିଲେ । ପ୍ରାୟ ପ୍ରତ୍ୟେକ ସନ୍ଧ୍ୟାରେ ସେ କୀର୍ିନ ପରିବେଷଣ କରୁଥିଲେ । ଇନ୍ଦ୍ରମଣି ଓ ଭଗତ ତାଙ୍କ ସାଥୀରେ ରହୁଥିଲେ । ତା'ଛଡ଼ା ସେ ବାଲିଶୁକ୍ରୀ, ସାମନ୍ତରାପୁର ଆଦି ଗ୍ରାମରେ ଘରୋଇ ଭାବେ ଶିକ୍ଷକତା କରୁଥିଲେ । ଶିକ୍ଷକ ହିସାବରେ ତାଙ୍କର ଯଥେଷ୍ଟ ନାଆଁ ଥିଲା । ଆର୍ିଙ୍କର ଦୁଇପୁଅ ସୁରେନ୍ଦ୍ର ଓ ନରେନ୍ଦ୍ର ଏବଂ ଏକମାତ୍ର ଝିଅ ପାଲି । ତାଙ୍କର ବେଶୀ ଜମିବାଡ଼ି ନଥିଲା ଏବଂ ପୁଅମାନେ ବାପାଙ୍କ ସ୍ଥାନରେ ଶିକ୍ଷକତା କରିଥିଲେ । ବିବାହ କର୍ମକାଣ୍ଡର ରଚୟିତା ବିହାରୀଲାଲ ପଣ୍ଡିତଙ୍କର ଜମିଦାରୀ ଥିଲା; ଭାଣପୁରଠାରେ ତାଙ୍କର ବିରାଟ କଚେରି ଥିଲା । ଗାଁର ମାର୍କଣ୍ଡ ମହାନ୍ତି ତାଙ୍କ କଚେରିରେ ଗୁମାସ୍ତା ଥିଲେ । ଧନରେ ସେ ଅଗ୍ରଣୀ ଥିଲେ । ପରେ ନଦିଆ ବିହାରୀ ମହାନ୍ତି ସେହି କାମରେ ଯୋଗଦେଇଥିଲେ । ସୁରେନ୍ଦ୍ର ଓ ତା'ପରେ ନରେନ୍ଦ୍ର ସେଠାରେ ମୋହରିର ଭାବେ କାର୍ଯ୍ୟ କରିଥିଲେ । ସେମାନେ

କାର୍ଯ୍ୟଦକ୍ଷତାର ପରିଚୟ ଦେଇଥିଲେ । ସେତେବେଳେ ନଦିଆ ବିହାରୀ ତାଙ୍କ ପୈତୃକ ସାଁଙ୍ଗା କାନୁନ୍‌ଗୋକୁ ବଦଳାଇ ମହାନ୍ତି କରିଥିଲେ । ସେହିପରି ସୁରେନ୍ଦ୍ର ଓ ନରେନ୍ଦ୍ର ସେମାନଙ୍କ ପୈତୃକ ସାଁଙ୍ଗା ଦାସକୁ ବଦଳାଇ ମହାନ୍ତି ଲେଖାଇଥିଲେ । ସୁରେନ୍ଦ୍ରଙ୍କର ୪ ପୁଅ ଓ ୪ ଝିଅ; ନରେନ୍ଦ୍ରଙ୍କର ଏକମାତ୍ର ପୁଅ । ସୁରେନ୍ଦ୍ର ପଣ୍ଡିତ ଇଷ୍ଟେଟ୍‌ରୁ ଆସି ବଡ଼ତାଲୁକ କଚେରିରେ ବଙ୍ଗାଳୀ ଜମିଦାରଙ୍କର ଗୁମାସ୍ତା ହୋଇଥିଲେ ଏବଂ ନରେନ୍ଦ୍ର ତାଙ୍କ ସ୍ଥାନରେ ରହିଥିଲେ । ସେ ପିଲାମାନଙ୍କୁ ଶିକ୍ଷିତ କରିବା ସହ ଜମିବାଡ଼ି ୮/୧୦ଏକର କରିଥିଲେ । ସୁରେନ୍ଦ୍ରଙ୍କ ପୁଅ ଧୀରେନ୍ଦ୍ର ଓ ଯତୀନ୍ଦ୍ର ଜାଁଳା ଥିଲେ । ମାଟ୍ରିକ ଯାଏ ପଢ଼ି ଧୀରେନ୍ଦ୍ର ସଚିବାଳୟରେ ଷ୍ଟେନୋ ହୋଇଥିଲେ ଏବଂ ଯତୀନ୍ଦ୍ର ଆଇ.ଟି.ଆଇ.ରେ ପଢ଼ି ରାଜଗାଙ୍ଗପୁର ସିମେ ଫ୍ୟାକ୍‌ଟ୍ରିରେ ରହିଥିଲେ । ରବି ପୋଷ୍ଟ-ଗ୍ରାଜୁଏଟ୍ ହୋଇ ବ୍ୟାଙ୍କରେ ଅଫିସର ହୋଇଥିଲେ । ସାନ ଦେବେନ୍ଦ୍ର ଗ୍ରାଜୁଏଟ୍ ହୋଇ ହାଇକୋର୍ଟରେ କାମ କଲେ । ୨୦୧୩ ମସିହାରେ ସେକ୍ସନ ଅଫିସର ଭାବେ ଅବସର ନେଇ କାର୍ଯ୍ୟଦକ୍ଷତା ଯୋଗୁଁ ସେ ପୁନଃନିଯୁକ୍ତି ପାଇଲେ । ସୁରେନ୍ଦ୍ର ଝିଅମାନଙ୍କୁ ମଧ୍ୟ ଯଥାଯୋଗ୍ୟ ସ୍ଥାନରେ ବିବାହ ଦେଇଥିଲେ । ନରେନ୍ଦ୍ର ଓ ତାଙ୍କ ସ୍ତ୍ରୀ ସେମାନଙ୍କର ଏକମାତ୍ର ପୁତ୍ର ବାବାଜୀକୁ ବିଶେଷ ଗେହ୍ଲା କରିଥିଲେ ଏବଂ ସେଥିଯୋଗୁଁ ତାକୁ ଉଚ୍ଚଶିକ୍ଷା ଦେଇନଥିଲେ । ସେ ଘରେ ରହି ଚାଷବାସ ବୁଝିଲେ । ନରେନ୍ଦ୍ର ଜମିଦାରୀ ଉଚ୍ଛେଦ ପର୍ଯ୍ୟନ୍ତ ପଣ୍ଡିତ ଇଷ୍ଟେଟ୍‌ରେ ଥିଲେ ଏବଂ ପରେ ସରକାରୀ ମୋହରିର ହୋଇଥିଲେ । ସେ ରେଭିନ୍ୟୁ ଇନ୍‌ସ୍ପେକ୍ଟର ଭାବେ ଅବସର ଗ୍ରହଣ କରିଥିଲେ । ସେ କଟକର ଡାହାଳିଆବାଗ୍‌ରେ କିଛି ଘରଜମି ଖରିଦ୍ କରିଥିଲେ । ସୁରେନ୍ଦ୍ର ମଧ୍ୟ ସରକାରୀ ମୋହରିର ହୋଇ ରେଭିନ୍ୟୁ ଇନ୍‌ସ୍ପେକ୍ଟର ପଦକୁ ପଦୋନ୍ନତି ପାଇ ଅବସର ନେଇଥିଲେ ।

ରାମକୃଷ୍ଣ ମହାନ୍ତିଙ୍କର ପା ପୁଅ- ନଟବର, ବାନାମ୍ବର, ଯୁଧିଷ୍ଠିର, ବିପ୍ରଚରଣ ଓ ଭକ୍ତଚରଣ । ନଟବରଙ୍କ ପୁତ୍ର ବ୍ରଜକିଶୋର ଓ ନବକିଶୋର । ବ୍ରଜକିଶୋର (ବୁଲ) ଗଡ଼ଜାତରେ ଅମିନ ଚାକିରି କରିଥିଲେ । ପରେ ସେ ସରକାରୀ ଦପ୍ତରରେ ଯୋଗଦେଇ ଆଠଗଡ଼ରୁ ଅବସର ନେଇଥିଲେ । ନବକିଶୋର ଆଠମଲ୍ଲିକରେ ଜଙ୍ଗଲ କ_ାକ୍ଟରଙ୍କ ଅଧୀନରେ କାମ କରୁଥିଲେ । ସେ ଲଘୁ ବନଜାତଦ୍ରବ୍ୟ, ମୁଖ୍ୟତଃ ଖଇର ଆମଦାନୀ କାର୍ଯ୍ୟ କରୁଥିଲେ । ସେ ଅଧିକାଂଶ ସମୟ ଘରକୁ ଆସୁଥିଲେ ଏବଂ ଗୁଣିଗାରେଡ଼ି ବା ଝଡ଼ାଫୁଙ୍କା

କରୁଥିଲେ । ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ ସୁନ୍ଦରୀ ଦେଇ ଦୁଇପୁଅ ଜମ୍ବୁ ଓ ଶମ୍ଭୁଙ୍କୁ ନେଇ ତାଙ୍କ ବାପଘର ସୋନପୁରର ମନମୁଣ୍ଡାକୁ ଚାଲିଯାଇ ସେଠାରେ ରହିଥିଲେ । ବ୍ରଜକିଶୋରଙ୍କ ପତ୍ନୀ ବିୟୋଗ ହେବାରୁ ଏକମାତ୍ର ପୁଅ ନିମାଇଚରଣ ଅଳ୍ପବୟସରୁ ଆଈ ପାଖରେ ଖୁବ୍ ସ୍ନେହରେ ବଢ଼ିଥିଲେ । ସେ ବାପାଙ୍କଠାରୁ ଅମିନ କାମ ଶିଖିଥିଲେ । ସେ ସରକାରୀ ଅମିନ ଭାବେ ଜଗତ୍‌ସିଂହପୁର ଓ ବ୍ରହ୍ମପୁରରେ କାର୍ଯ୍ୟ କରିଥିଲେ । ମାତ୍ର ଶାରୀରିକ ଅସୁସ୍ଥତା ଯୋଗୁଁ ଚାକିରି ଛାଡ଼ିଦେଇଥିଲେ । ବାପାଙ୍କ ମୃତ୍ୟୁ ପରେ ସେ ଚୌଦ୍ୱାର ଲୁଗାକଳରେ ଅଳ୍ପଦିନ ପାଇଁ କାମ କରିଥିଲେ । ବାନାମ୍ବର ଶତାବ୍ଦୀର ପ୍ରାରମ୍ଭରୁ କନିକା ରାଜବାଟୀରେ ଚାକିରି କରୁଥିଲେ । ସେ ତାଙ୍କର ସ୍ତ୍ରୀ ଓ ଦୁଇପୁଅ ବୀର ଓ ଗୌରୀଙ୍କୁ ନେଇ ସେଠାରେ ବସବାସ କରି ରହିଗଲେ । ଜ୍ୟେଷ୍ଠ ପୁଅ ବୀର ମଝିରେ ମଝିରେ ମଲ୍ଲୀପୁର ଆସୁଥିଲେ । ଯାତ୍ରା ପାର୍ଟିରେ ବ୍ୟବହୃତ ବାଦ୍ୟଯନ୍ତ୍ର ହାରମୋନିଅମ ମରାମତି କରୁଥିଲେ । ସେ ଯାତ୍ରାର ନିର୍ଦ୍ଦେଶନା ମଧ୍ୟ ଦେଉଥିଲେ ।

ଯୁଧିଷ୍ଠିର ସେତେ ବିଦ୍ୱାନ୍ ନଥିଲେ ସତ, ମାତ୍ର ଖୁବ୍ ଲୋକପ୍ରିୟ ଥିଲେ । ସେ ଅଧିକାଂଶ ସମୟରେ ଗ୍ରାମରେ ରହୁଥିଲେ । ଯୁବକ ଅବସ୍ଥାରେ ଜଣେ ଦକ୍ଷ ଅମିନ ହିସାବରେ ଖୁବ୍ ନାଆଁ କରିଥିଲେ । ଗଡ଼ଜାତ ଓ ମୋଗଲବନ୍ଦି ମୁଲକରେ ଅମିନ କାର୍ଯ୍ୟ କରି ଭଲ ଦି'ପଇସା ରୋଜଗାର କରିଥିଲେ । ମାତ୍ର ଅଫିମ ଖାଇ କାର୍ଯ୍ୟାନ୍ତେ ଘରେ ବସି ସବୁ ଉଡ଼ାଇଦେଇଥିଲେ । ତାଙ୍କର ଏକମାତ୍ର ପୁତ୍ର ମହେନ୍ଦ୍ର ଘରପାଖରେ ଶିକ୍ଷକତା କରୁଥିଲେ । ମହେନ୍ଦ୍ର ଅବିବାହିତ ଅବସ୍ଥାରେ ମାତ୍ର ୨୨ ବର୍ଷ ବୟସରେ ଅଜଣା ରୋଗରେ ମୃତ୍ୟୁବରଣ କରିଥିଲେ । ଏଥିଯୋଗୁଁ ଯୁଧିଷ୍ଠିର ଓ ସ୍ତ୍ରୀ ମହିଆବୋଉ ଏକାବେଳକେ ଭାଙ୍ଗିପଡ଼ିଥିଲେ । ସେମାନେ ଝିଅ ପ୍ରେମିକୁ ବାଲିଆରେ ଏକ ସ୍ୱଚ୍ଛଳ ପରିବାରରେ ବିବାହ ଦେଇଥିଲେ । ସେ ଏମାନଙ୍କର ତ ୍ୱ ମଧ୍ୟ ନେଉଥିଲା । ଯୁଧିଷ୍ଠିର ବୃଦ୍ଧବୟସରେ ଅହମ୍ମଦ ବକ୍ସଙ୍କ କଚେରିରେ ନଦିଆ ବିହାରୀଙ୍କ ସହ ଯାଇ କାମ କରିଥିଲେ । ସେ ପିଲାମାନଙ୍କୁ ସନ୍ଧ୍ୟାରେ ଏକତ୍ରିତ କରାଇ ତାଙ୍କ ଜୀବନର ଅନୁଭୂତି ଶୁଣାଇ ଆପ୍ୟାୟିତ କରୁଥିଲେ ।

ବିପ୍ରଚରଣ ସେହିଭଳି କନିକା ଓ ଅନ୍ୟ ରାଜରାଜୁଡ଼ାରେ ଅମିନ କାର୍ଯ୍ୟ କରୁଥିଲେ । ତାଙ୍କର ଦୁଇପୁଅ ଓ ଦୁଇଝିଅ । ବଡ଼ପୁଅ ଦୁର୍ଗାଚରଣ କଟକଠାରେ

କୃଷି ବିଭାଗରେ କାର୍ଯ୍ୟ କରୁଥିଲେ । ସେ ମସ୍ତିଷ୍କ ଜ୍ୱରରେ ପୀଡ଼ିତ ହୋଇ କାର୍ଯ୍ୟରତ ଅବସ୍ଥାରେ ୧୯୪୭ ମସିହାରେ କଟକ ମେଡ଼ିକାଲରେ ମୃତ୍ୟୁବରଣ କରିଥିଲେ । ହଠାତ୍ ଅର୍ଥାତ୍ ୨୪ ଘ । ମଧ୍ୟରେ ତାଙ୍କର ମୃତ୍ୟୁ ହୋଇଥିଲା । ଗାଁ ଯଦିଓ କଟକଠାରୁ ମାତ୍ର ୧୬ ମାଇଲ ବାଟ, ତଥାପି ଗମନାଗମନର ସୁବିଧା ନଥିବାରୁ ତାଙ୍କ ମୃତଦେହ ଗାଁକୁ ଆସିପାରିନଥିଲା । ତାଙ୍କ ଭିଣୋଇଙ୍କ ଭାଇ ମେଡ଼ିକାଲର ସୁଦକ୍ଷ କମ୍ପାଉଣ୍ଡର ଅଦ୍ୱୈତ ଚରଣ ମହାନ୍ତି କଟକଠାରେ ଥିବା କେତେକ ଗ୍ରାମଲୋକଙ୍କ ସହାୟତାରେ ଖାନ୍‌ନଗର ଶ୍ମଶାନରେ ତାଙ୍କର ଶବଦାହ କରି ଘରକୁ ଜଣାଇଥିଲେ । ତାଙ୍କର ଚାକିରି ନିୟମିତ ହୋଇନଥିବାରୁ କୌଣସି ସରକାରୀ ସାହାଯ୍ୟ ମିଳିନଥିଲା । ତାଙ୍କ ସାନଭାଇ କାର୍ିକ (ଧଡ଼ି) ସେହି କୃଷି ବିଭାଗରେ କାର୍ଯ୍ୟ କରିଥିଲେ । ବହୁ ଘାତପ୍ରତିଘାତ ଭିତରେ ଚାକିରି ଜୀବନ ବିତାଇ କର୍ବ୍ୟନିଷ୍ଠା ଯୋଗୁଁ ପ୍ରମୋଶନ ପରେ ପ୍ରମୋଶନ ପାଇ ୧୯୯୭ ମସିହାରେ ଆସିଷ୍ଟାଣ୍ଟ ବାୟୋ-କେମିଷ୍ଟ ପଦରୁ ଅବସର ନେଲେ । ବିପ୍ରଚରଣଙ୍କ ଝିଅ ବେଙ୍ଗ ଓ ପିତେଇ ଭଲ ସ୍ଥାନରେ ବିବାହ କରିଥିଲେ । ଭକ୍ତଚରଣ ଅମିନ ଥିଲେ । ବିବାହର ପ୍ରାୟ ଛଅମାସ ଭିତରେ ସେ ମୃତ୍ୟୁବରଣ କରିଥିଲେ । ତାଙ୍କର ପତ୍ନୀ ବାପଘର ବାଗଲପୁରକୁ ଯାଇ ସେଠାରେ ଅବଶିଷ୍ଟ ଜୀବନ ବିତାଇଥିଲେ ।

ଖଗେଶ୍ୱର ମହାନ୍ତିଙ୍କ ପୁତ୍ର ଥିଲେ କୃିବାସ ମହାନ୍ତି । ସେ ଯୁବାବସ୍ଥାରେ କଲିକତାର ବାଂକୁଡ଼ା ଆଦି ସ୍ଥାନରେ ଅମିନ କାର୍ଯ୍ୟ କରୁଥିଲେ । ସେ ଭଲ ଦି'ପଇସା ରୋଜଗାର କରି କିଛି ଭୂ-ସମ୍ପି ଅର୍ଜନ କରିଥିଲେ । ଚାକିରି ପରେ ଗାଁରେ ହଳ ରଖି ନିଜେ ଓ ଚାକରଦ୍ୱାରା ଚାଷ କରୁଥିଲେ । କିଛିଦିନ ମହିଷ ପାଳନ କରିଥିଲେ ଓ ଦୋକାନ ମଧ୍ୟ କରିଥିଲେ । ଶଗଡ଼ଗାଡ଼ି ରଖି ତାହା ମଧ୍ୟ ଚଳାଇଥିଲେ । ଚତୁର୍ଥାବସ୍ଥାରେ ସେ ଅଫିମ ସେବନ କଲେ ଏବଂ ଘିଅ, ଦୁଧ, ମାଛ, ମାଂସ ଆଦି ସୁଖାଦ୍ୟ ଖାଇଲେ । ଏଥିଯୋଗୁଁ ତାଙ୍କୁ ସମ୍ପି ବିକ୍ରି କରିବାକୁ ପଡ଼ିଲା । ତାଙ୍କ ସାନଭାଇ ଶ୍ରୀନିବାସଙ୍କର ଦେହଯାକ ଆବୁ ଥିଲା । ସେ ଅବିବାହିତ ଥିଲେ ଏବଂ ଅଫିମ ମଧ୍ୟ ଖାଉଥିଲେ । ଏକାବେଳେ ଅର୍ଥାତ୍ ୧୫ ଦିନ ମଧ୍ୟରେ କୃିବାସଙ୍କ ସ୍ତ୍ରୀ ପଦିବୋଉ, ଝିଅ ଢୋଲି ଓ ଭାଇ ଶ୍ରୀନିବାସ ହଇଜାରେ ମୃତ୍ୟୁବରଣ କଲେ । ଏକମାତ୍ର ପୁତ୍ର ଅଚ୍ୟୁତ (ଶୁକ)ର ଲାଳନପାଳନ ପାଇଁ ଶଳାଭାଉଜକୁ ଆଣି ରଖିଲେ । ସେ ସନ୍ଧ୍ୟାରେ ବଙ୍ଗଳା ଭାଷାରେ ପ୍ରଣୀତ

କୃ ିବାସ ରାମାୟଣ ସୁଲଳିତ କଣ୍ଠରେ ଗାନ କରୁଥିଲେ । ଏହା ଶ୍ରୋତାମାନଙ୍କୁ ମୁଗ୍ଧ କରାଉଥିଲା ।

କାନୁନ୍‌ଗୋ ବଂଶର ଶତାବ୍ଦୀ ଆରମ୍ଭ ପୂର୍ବରୁ ଗ୍ରାମରେ ଆଭିଜାତ୍ୟ ଥିଲା । ବାଳକୃଷ୍ଣ କାନୁନ୍‌ଗୋ ଓ ତାଙ୍କ ପୁତ୍ର ଜଗଦୀଶ କାନୁନ୍‌ଗୋ ବହୁପ୍ରତିଭାର ଅଧିକାରୀ ଥିଲେ । ତାଙ୍କର ଜମିଦାରୀ ଲାଖରାଜି ଥିଲା । ଜଗଦୀଶ କାନୁନ୍‌ଗୋଙ୍କର ଚାରିପୁଅ କାଳିନ୍ଦୀ, ବୈଷ୍ଣବ, କେଶବ ଓ ନଦିଆ ଏବଂ ଦୁଇଝିଅ । ବଡ଼ପୁଅ କାଳିନ୍ଦୀଙ୍କର ପୁଅ ନଥିବାରୁ ନଦିଆଙ୍କୁ ପୋଷ୍ୟପୁଅ ଭାବେ ଗ୍ରହଣ କରିଥିଲେ । ଏଣୁ ସେ କେଶବ ଓ ବୈଷ୍ଣବଙ୍କୁ ଦାଦା ବୋଲି ଡାକୁଥିଲେ । ସେ ପଡ଼ୋଶୀ ଓ କୁଟୁମ୍ବଙ୍କୁ ସେହି ହିସାବରେ ଭାଇ, ଦାଦା ଆଦି ଡାକୁଥିଲେ । ଜଗଦୀଶ କାନୁନ୍‌ଗୋଙ୍କର ଜମିଦାରୀ, ମକଦମି, ବହୁତ ଜମି ଓ ଧୁଳିଆପିଟା ଘର ଥିଲା । ଗାଈ, ବଳଦ, ମହିଷ ଓ ଚାକରବାକରରେ ଘର ଭରପୂର ଥିଲା । ଜଗଦୀଶଙ୍କ ମୃତ୍ୟୁ ପରେ ପୁତ୍ର ବୈଷ୍ଣବ ଓ କେଶବ ଅଫିମ ଖାଇବା ଅଭ୍ୟାସ କରି ଜମିବାଡ଼ି ବିକ୍ରି କରିବାକୁ ଲାଗିଲେ । ଘରେ ବସି ମଉଜମଜଲିସ କରି ସମୟ କଟାଇଲେ । କେବଳ ନଦିଆ ବଦଅଭ୍ୟାସରୁ ଦୂରେଇ ରହି ଜମିଦାର ସିରସ୍ତାମାନଙ୍କରେ କାର୍ଯ୍ୟ କଲେ । ଦକ୍ଷତାର ସହ କାମ କରି ସେ ଉପାର୍ଜନ ବଢ଼ାଇଲେ । କେଶବଙ୍କର ଏକମାତ୍ର ପୁଅ ବିନୋଦ ଏବଂ ତିନିଝିଅ ବିଦୁ, ନିଖି ଓ ନିଶି । ବୈଷ୍ଣବଙ୍କର ଏକମାତ୍ର ପୁଅ ନୃସିଂହ ଏବଂ ତିନିଝିଅ ସଜି, ପ୍ୟାରୀ ଓ ନେତ୍ରମଣି । ଜଗଦୀଶ କାନୁନ୍‌ଗୋଙ୍କର ଦୁଇଝିଅ ଧୋବଣୀ ଓ ରୁକ୍ମିଣୀ । ଧୋବଣୀ ସିର୍ଲୋ ନୂଆଗାଁର ବିଖ୍ୟାତ ବ୍ୟକ୍ତି ନାଥ ମହାନ୍ତି ଓ ରୁକ୍ମିଣୀ ପୁନଙ୍ଗର ଲାଖରାଜଦାର ଉପେନ୍ଦ୍ର କାନୁନ୍‌ଗୋଙ୍କୁ ବିବାହ କରିଥିଲେ ।

କେଶବଙ୍କ ପୁଅ ବିନୋଦ ତାଙ୍କ ମାମୁଁ ନାଗଣପୁର ନିବାସୀ ରାୟସାହେବ ଆ ର୍ବଲ୍ଲଭ ମହାନ୍ତିଙ୍କ ତ ୍ୱାବଧାନରେ କଟକ ସେକ୍‌ବଜାରସ୍ଥିତ ବାସଭବନରେ ରହି ପଢ଼ାପଢ଼ି କରୁଥିଲେ । ସେ ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିବାବେଳେ ମହାତ୍ମା ଗାନ୍ଧିଙ୍କ ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ ପାଠପଢ଼ା ଛାଡ଼ି ଦେଶସେବାରେ ଲାଗିଲେ । କେଶବଙ୍କ ଅନ୍ତେ ତାଙ୍କ ସ୍ତ୍ରୀ ପ୍ରିୟମ୍ବଦା ଅଧିକାଂଶ ସମୟ ଭାଇ ଆ ର୍ବଲ୍ଲଭଙ୍କ ନିକଟରେ ରହୁଥିଲେ । ସେ ମଝିରେ ମଝିରେ ଗାଁକୁ ଆସୁଥିଲେ । କେଶବଙ୍କ ଝିଅ ବିଦୁ କମଳପୁରରେ, ନିଖି ମୂଳସୁଆଙ୍ଗରେ ଓ ନିଶି ମାଳିଅ ରେ ବିବାହ କରିଥିଲେ ।

ବୈଷ୍ଣବଙ୍କ ପୁତ୍ର ନୃସିଂହ ରବି ଠାକୁରଙ୍କ ଜମିଦାରୀ ସାନତାଲୁକରେ ଗୁମାସ୍ତା ହୋଇ କିଛିଦିନ କାର୍ଯ୍ୟ କରିଥିଲେ । ସେ ମୁଖ୍ୟତଃ ପୈତୃକ ଭାଗ ସମ୍ପ ି ଚାଷବାସ କରି ଚଳୁଥିଲେ । ବୈଷ୍ଣବଙ୍କ ଝିଅ ସଜି ଶଗଡ଼ିରେ, ପ୍ୟାରୀ ନଗସପୁରରେ ଓ ପଛସ୍ତ୍ରୀଙ୍କ ଝିଅ ନେତ୍ରମଣି ନରୁଆରେ ବିବାହ କରିଥିଲେ । ନଦିଆ ଓ ନୃସିଂହ 'କାନୁନ୍‌ଗୋ' ସାଁଙ୍ଗ୍ଧା ପରିବ ର୍ନ କରି 'ମହାନ୍ତି' ରଖିଥିଲେ ।

ନଦିଆ ୧୯୨୦ ମସିହାରେ ନଗସପୁରର ବାଳକୃଷ୍ଣ ମହାନ୍ତିଙ୍କ କନ୍ୟା ପଦ୍ମାବତୀଙ୍କୁ ବିବାହ କରିଥିଲେ । ଚାରୋଟି ସନ୍ତାନ ଦୁଇପୁଅ ଓ ଦୁଇଝିଅ ଜନ୍ମ କରି ପଦ୍ମାବତୀ ପ୍ରସୂତି ରୋଗରେ ପ୍ରାଣ ହରାଇଥିଲେ । ୧୯୩୫ ମସିହାରେ ସେ ଦ୍ୱିତୀୟବାର ବିରିବାଟୀର ଭଗବାନ ମହାନ୍ତିଙ୍କ ଝିଅ ସୂର୍ଯ୍ୟମଣିଙ୍କୁ ବିବାହ କରିଥିଲେ । ତାଙ୍କର ଗୋଟିଏ ଝିଅ ଜନ୍ମ ସମୟରେ ମରିଯାଇଥିଲା ଓ ଆଉ କୌଣସି ସନ୍ତାନ ହୋଇନଥିଲା । ନଦିଆ ବିହାରୀ ପଣ୍ଡିତ ଇଷ୍ଟେଟ (ଭାଣପୁର) ଓ ମଧୁକଚ୍ଛ କଚେରିମାନଙ୍କରେ କିଛିବର୍ଷ କାର୍ଯ୍ୟ କରିଥିଲେ । ତା'ପରେ ସେ ନିଜସ୍ୱ ଜମିବାଡ଼ି ଚାଷବାସ କାର୍ଯ୍ୟ ବୁଝାସୁଝା କରିଥିଲେ । ସେ ପୁନଶ୍ଚ ଅହମ୍ମଦ ବକ୍ସଙ୍କ ପ୍ରହରାଜପୁର କଚେରିରେ ଯୋଗଦେଇ ଜମିଦାରୀ ଉଚ୍ଛେଦ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ସେ ସ୍ୱଉପାର୍ଜିତ ଧନରେ ଏକବାଟିରୁ ଊର୍ଦ୍ଧ୍ୱ ସମ୍ପ ି ଅର୍ଜିପାରିଥିଲେ । ତାଙ୍କର ୪/୫ଟି ହଳ ଥିଲା । ସେ ହଳିଆ, ମୂଲିଆ ରଖି ଚାଷକାର୍ଯ୍ୟ ସୂଚାରୁ ରୂପେ ଚଳାଉଥିଲେ । ପୁଅ ଗୋପାଳ ମାଇନର ପରେ ଆଉ ପଢ଼ିନଥିଲେ । ସେ ପ୍ରଥମେ ଚୌକିଦାରୀ ଟିକସ ଆଦାୟରେ ନିୟୋଜିତ ଥିଲେ ଏବଂ ପରେ ପ ାୟତର ସେକ୍ରେଟାରୀ ଭାବେ ୧୦/୧୫ ବର୍ଷ କାର୍ଯ୍ୟ କରିଥିଲେ । ଘରେ ରହି ଚାଷଧନ୍ଦା ମଧ୍ୟ ବୁଝାସୁଝା କରୁଥିଲେ । ସାନପୁଅ ଅଭୟ ମାଇନର ପାସ କଲା ପରେ ଦୁଇବର୍ଷ ଘରେ ରହିଥିଲେ । ତା'ପରେ ସେ ତାଙ୍କର ବଡ଼ଭଉଣୀ ଉର୍ମିଳାଙ୍କ କଟକ ଖାନ୍‌ନଗରର ଘରେ ରହି ମାଟ୍ରିକ୍ ଯାକେ ପଢ଼ିଥିଲେ । ଉର୍ମିଳାଙ୍କ ବିବାହ ୧୯୪୦ ମସିହାରେ ଖାନ୍‌ନଗର ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ସହ ହୋଇଥିଲା । ଅଭୟ ଦୁଇବର୍ଷ ମେସ୍‌ରେ ରହି ରେଭେନ୍ସା କଲେଜରେ ପଢ଼ିଥିଲେ । ସେଠାରୁ ସେ ଆଇ.ଏ. ପାସ କରି ଚାକିରି ଜୀବନ ଆରମ୍ଭ କରିଥିଲେ । ନଦିଆ ବିହାରୀଙ୍କ ଦ୍ୱିତୀୟ ଝିଅ ନିର୍ମଳା ସାତପୁରାର ଗୋପୀନାଥ ମହାନ୍ତିଙ୍କୁ ବିବାହ କରିଥିଲେ । ବଡ଼ପୁଅ ଗୋପାଳ ଚତୁର୍ଥ ଦଶକରେ ବୋଧପୁରର ସାଧୁ ଚରଣ ମହାନ୍ତିଙ୍କ ଝିଅ ଚାରୁଲତାଙ୍କୁ ବିବାହ କରିଥିଲେ ।

ତାଙ୍କର ଅକାଳ ମୃତ୍ୟୁ ପରେ ସେ ପଟିଆ ରଘୁନାଥପୁରର ବିଶ୍ୱନାଥ ପଟ୍ଟନାୟକଙ୍କ ଝିଅ କ୍ଷେତ୍ରମଣିଙ୍କୁ ବିବାହ କରିଥିଲେ । ତାଙ୍କଠାରୁ ୫ ପୁତ୍ର ଓ ୩ କନ୍ୟା ଜାତ ହୋଇଥିଲେ । ସାନପୁଅ ଅଭୟ ୧୯୫୦ ମସିହାରେ ପାଳଦାର କାଶୀନାଥ ଦାସଙ୍କ ଝିଅ ସାବିତ୍ରୀଙ୍କୁ ବିବାହ କରିଥିଲେ । ତାଙ୍କ ଗର୍ଭରୁ ୧ ପୁତ୍ର ଓ ୩ କନ୍ୟା ସନ୍ତାନ ଜନ୍ମ ନେଇଥିଲେ ।

ସାଧୁ ଚରଣ ମହାନ୍ତି ସୋନପୁର ରାଜାଙ୍କ ଦପ୍ତରରେ ସିପାହି ଚାକିରି କରିଥିଲେ । ସ୍ତ୍ରୀ ଖିତାବୋଉ ଘରେ ରହୁଥିଲେ । ତାଙ୍କର ତରା ନାମ୍ନୀ ଝିଆରୀ ସାମାନ୍ୟ କାଲୁଣୀ ଥିଲେ । ସେ ଡେଙ୍ଗା ଭଗବାନ ମହାନ୍ତିଙ୍କୁ ବିବାହ କରିଥିଲେ । ଭଗବାନ ନିଃସନ୍ତାନ ଥାଇ ଅଳ୍ପବୟସରେ ମୃତ୍ୟୁବରଣ କରିଥିଲେ । ତା'ପରେ ତରା ଆସି ସାଧୁ ମହାନ୍ତିଙ୍କ ଘରେ ରହିଥିଲେ । ସାଧୁ ସୋନପୁରରେ ଥିବା ସମୟରେ ଜଣେ ଆଦିବାସୀ ରମଣୀକୁ ରକ୍ଷିତା ଭାବେ ରଖିଥିଲେ । ତାଙ୍କ ଗର୍ଭରୁ ଏକ ପୁତ୍ରସନ୍ତାନ ଜାତ ହୋଇଥିଲା । ସେ ସାଧୁଙ୍କ ସହ ଗ୍ରାମକୁ ଆସି କିଛିଦିନ ରହିଥିଲେ । ଚାକିରି ପରେ ସାଧୁ ଗାଁକୁ ଆସି ଦୋକାନ କଲେ । ପାନ, ଧୂଆଁପତ୍ର ଓ ତେଲଲୁଣ ବିକିଲେ । ମୁଖ୍ୟତଃ ଅଫିମ ବ୍ୟବସାୟ କଲେ । ବଂଶଜ ପୁତ୍ର ନଥିବାରୁ ସାତପୁରା ଗ୍ରାମର ଚିନ୍ତାମଣି ମହାନ୍ତିଙ୍କୁ ପୋଷ୍ୟପୁତ୍ର କରି ଆଣିଲେ । ଚିନ୍ତାମଣି ଖୁବ୍ ଅମାୟିକ ଓ ଧର୍ମପରାୟଣ ଥିଲେ । ସ୍ତ୍ରୀ ନିଶାମଣି ମଧ୍ୟ ଅନୁରୂପ ଥିଲେ । ସାଧୁଙ୍କ ମୃତ୍ୟୁ ପରେ ଚିନ୍ତାମଣି ଢେଙ୍କାନାଳରେ କ୍ରାକ୍ଟରି କଲେ । ତାଙ୍କର ମଧ୍ୟ ପୁତ୍ରସନ୍ତାନ ନଥିବାରୁ ମାଳିଅ ର ଦୋଳଗୋବିନ୍ଦ (ମାଗୁ)ଙ୍କୁ ଅଳ୍ପବୟସରୁ ପୋଷ୍ୟପୁତ୍ର କରିଆଣିଲେ । ତାଙ୍କୁ ଢେଙ୍କାନାଳ ନେଇ ପାଠ ପଢ଼ାଇଲେ । ଥରେ ଚିନ୍ତାମଣି ଗାଁକୁ ଆସିଥିବାବେଳେ ଯୁଧିଷ୍ଠିର ମହାନ୍ତିଙ୍କ ପୁଅ ମହେନ୍ଦ୍ରର ଅକାଳ ବିୟୋଗ ଘଟିଥିଲା । ଯୁଧିଷ୍ଠିରଙ୍କ ସ୍ତ୍ରୀ ମହିବୋଉର ଆକୁଳ କ୍ରନ୍ଦନ ଶୁଣି ଚିନ୍ତାମଣିଙ୍କର ହାର୍ଟ ଆଟାକ୍ ହୋଇଥିଲା । ଚିକିତ୍ସା ପାଇଁ ପାଖରେ ସୁବିଧା ନଥିବାରୁ ଏବଂ ରଘୁନାଥପୁର ଡାକ୍ତରଖାନାକୁ ନେବା ପାଇଁ ଗମନାଗମନର ଅସୁବିଧା ଥିବାରୁ ତାଙ୍କର ଚିକିତ୍ସା କରାଯାଇପାରିନଥିଲା । ସେ ମୃତ୍ୟୁବରଣ କରିଥିଲେ । ଢେଙ୍କାନାଳର ସମ୍ପତ୍ତି ବିକ୍ରି କରି ଦୋଳଗୋବିନ୍ଦ (ମାଗୁ) ଗାଁକୁ ଚାଲିଆସିଲେ । ସେ ପ୍ରାଇମେରୀ ସ୍କୁଲ୍‌ରେ ଶିକ୍ଷକତା କଲେ । ପରେ ସେ ଶ୍ୱଶୁରଘର ଗାଁ ଅଡ଼ଙ୍ଗଗଡ଼କୁ ଚାଲିଗଲେ ।

ମନ୍ଦର, ଗିରିଧାରୀ ଓ ଗଙ୍ଗାଧର ତିନିଭାଇ ସୋନପୁର ରାଜଭବନରେ ସିପାହି କାର୍ଯ୍ୟ କରୁଥିଲେ । ଗାଁରୁ ସୋନପୁରକୁ ଯିବାକୁ ହେଲେ କଟକର ଯୋବ୍ରାଠାରୁ ଡଙ୍ଗାରେ ଯିବାକୁ ପଡୁଥିଲା । ଏଥିପାଇଁ ସାତଦିନ ଲାଗୁଥିଲା । ଦରମା ମାତ୍ର ସାତଟଙ୍କା ଲେଖାଏଁ ଥିଲା । ସେମାନେ ତହିଁରେ କୁଟୁମ୍ବ ଚଳାଉଥିଲେ । ସ୍ତ୍ରୀମାନେ ଘରେ ଗାଈଗୋରୁ ପାଳି ଚଳାଇ ନେଉଥିଲେ । ସେମାନେ ବର୍ଷକରେ ଥରେ ଗାଁକୁ ଆସୁଥିଲେ ଓ ଗାଁରେ ମାସେ ପର୍ଯ୍ୟନ୍ତ ରହୁଥିଲେ ।

ମନ୍ଦରଙ୍କର ଦୁଇପୁଅ ବନମାଳୀ ଓ ମଥୁରାନନ୍ଦ ସୋନପୁରରେ ବାପାଙ୍କ ପାଖରେ ରହି ଅଳ୍ପପାଠ ପଢ଼ିଥିଲେ । ସେମାନେ ସେହିଠାରେ ହିଁ ଚାକିରି କରିଥିଲେ । ଗିରିଧାରୀଙ୍କ ବିଷ୍ଣୁ ଓ କୁଞ୍ଜ ଦୁଇପୁଅ ଥିଲେ । ବିଷ୍ଣୁ ସୋନପୁରରେ ରହି ପଢୁଥିବାବେଳେ ମୃତ୍ୟୁବରଣ କରିଥିଲେ । ତେଣୁ ଗିରିଧାରୀ କୁଞ୍ଜଙ୍କୁ ସେଠାକୁ ନନେଇ ଗାଁ ସ୍କୁଲରେ ପଢ଼ାଇଥିଲେ । ସେ ଜେଲ ଓ୍ୱାର୍ଡ଼ର ଭାବେ ବିଭିନ୍ନ ଜେଲରେ କାର୍ଯ୍ୟ କରିଥିଲେ । ଚାକିରି କରୁଥିବା ଅବସ୍ଥାରେ ୪୫ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ସ୍ତ୍ରୀ ବଂଶରିବାଳା ରିହାବିଲଟେସନ୍ ସ୍କିମ୍‌ରେ ସଚିବାଳୟରେ ଚାକିରି ପାଇଥିଲେ । ସେ ଗାଁର ଢିଅବାଡ଼ି ବନମାଳୀଙ୍କୁ ଦେଇ ପିଲାମାନଙ୍କ ସହ ଭୁବନେଶ୍ୱର ଚାଲିଗଲେ । ଗଙ୍ଗାଧରଙ୍କ ଏକମାତ୍ର ପୁଅ ଧ୍ରୁବଚରଣ ଅଳ୍ପ ପଢ଼ିଥିଲେ । ଗଙ୍ଗାଧର ସୋନପୁରରେ ଚାକିରି କରୁଥିଲେ ଏବଂ ସେହିଠାରେ ହିଁ ମୃତ୍ୟୁବରଣ କରିଥିଲେ । ପୁଅ ଧ୍ରୁବ ଫୁଲବାଣୀ ଆସି ଅଭୟଙ୍କ ସହ ରହି ଚାକିରି କଲେ । ବୋଉ ସୁନ୍ଦରୀ ମରିଯିବା ପରେ ସେ ଘରଜୋଇଁଆ ହୋଇ ଜନାଙ୍ଗ ଚାଲିଗଲେ ଏବଂ ସେଠାରେ ପିଲାମାନଙ୍କ ସହ ରହିଲେ ।

ବନମାଳୀ ରାଜରାଜୁଡ଼ା ଶାସନ ଉଚ୍ଛେଦ ପରେ ସରକାରରେ କନେଷ୍ଟବଳ ଭାବେ ରହିଥିଲେ । କେବଳ ତାଙ୍କର ଦୁଇପୁଅ ବିପିନବିହାରୀ (ପେନିଆ) ଓ ରାସବିହାରୀ (କୁନିଆ) ଗାଁରେ ରହିଲେ । ବିପିନବିହାରୀ ନାନପୁରସ୍ଥ ସାଧୁଚରଣ ବିଦ୍ୟାପୀଠରୁ ମାଟ୍ରିକ୍ ପାସ କରି ଜିଲ୍ଲା ଉନ୍ନୟନ କାର୍ଯ୍ୟାଳୟ, ଫୁଲବାଣୀରେ କିରାଣି ଭାବେ ଯୋଗଦେଇଥିଲେ । ସେ ୧୯୯୬ ମସିହାରେ ଅତିରିକ୍ତ ତହସିଲଦାର ପଦରୁ ଅବସର ନେଇ ଗାଁକୁ ଚାଲିଆସିଲେ । ରାସବିହାରୀଙ୍କ ଲିଖିତ 'ପଲ୍ଲୀ ପରିଚୟ' ପୁସ୍ତକ, ପରେ ଅର୍ଥାତ୍ ୨୦୦୬ ମସିହାରେ ପ୍ରକାଶ ପାଇଥିଲା । ଏଥିରେ ସେ କବିତା ଆକାରରେ ମଲ୍ଲୀପୁରର ସୁନ୍ଦର ବର୍ଣ୍ଣନା କରିଛନ୍ତି । ରାସବିହାରୀ ପୁଲିସ ବିଭାଗରେ କନେଷ୍ଟବଳ ଭାବେ ଯୋଗଦେଇ ୨୦୦୫

ମସିହାରେ ହାବିଲଦାର ପଦରୁ ଅବସର ନେଲେ । ମଥୁରାନନ୍ଦଙ୍କର ପୁଅ ନଥିଲେ । ଏକମାତ୍ର ଝିଅ ଖତିକୁ ସେ ପିପିଲିର ନୂଆଁଶାସନରେ ବିବାହ ଦେଇଥିଲେ । ଜ୍ୱାଇଁ ଜଗଦୀଶ ପୁଲିସ ବିଭାଗରେ ରାଇଟର ରୂପେ ଯୋଗଦେଇଥିଲେ । ସେ ପଦୋନ୍ନତି ପାଇ ଇନ୍‌ସ୍ପେକ୍ଟର ଭାବେ ୨୦୧୦ ମସିହାରେ ଅବସର ନେଇଛନ୍ତି । ବନମାଳୀ ଓ ମଥୁରାନନ୍ଦଙ୍କର ଭୂସମ୍ପତ୍ତି ନଥିଲା । କିନ୍ତୁ ବନମାଳୀଙ୍କ ପୁଅମାନେ ସରକାରୀ ଚାକିରି କରି କିଛି ଭୂସମ୍ପତ୍ତି ଅର୍ଜନ କରିଥିଲେ ।

ପରମାନନ୍ଦ ମହାନ୍ତିଙ୍କର ଦୁଇପୁତ୍ର ଭାସ୍କର ଓ ମହେନ୍ଦ୍ର । ଭାସ୍କର ଅବିବାହିତ ଥାଇ ଅଳ୍ପବୟସରେ ମୃତ୍ୟୁମୁଖରେ ପଡ଼ିଥିଲେ । ମହେନ୍ଦ୍ର ପଢ଼ାପଢ଼ି କରିନଥିଲେ । ତାଙ୍କ ବୋଉ ଭାସ୍କରିଆ ମା' ତାଙ୍କୁ ଗେହ୍ଲା କରି ଅପାଠୁଆ ରଖିଥିଲେ ଓ ସ୍ନେହରେ ପାଳନ କରିଥିଲେ । ସେ ଗାଁରେ ରହି ଛେଳିଗୋରୁ ପାଳି ତଥା ପଡ଼ୋଶୀମାନଙ୍କର ବୋଲହାକ ଶୁଣି ଓ ବିଲବାରି କାମ କରି ଚଳୁଥିଲେ । ସେ ବିବାହ ବୟସ ଗତେ ୪୦ ବର୍ଷ ପରେ ବାଲିଶୁକ୍ରୀର ନିଶାମଣି ଓ ଭୈରବ ମହାନ୍ତିଙ୍କ ଘରେ ଥିବା ଜଣେ ବୟସ୍କା ଝିଅକୁ ବିବାହ କରିଥିଲେ । ତାଙ୍କର ଦୁଇପୁଅ ଓ ଦୁଇଝିଅ ହେଲେ । ପୁଅଦୁହେଁ ଦେବେନ୍ଦ୍ର (ବଂଶୀ) ଓ ଉପେନ୍ଦ୍ର (ମିଟୁ) ଭୁବନେଶ୍ୱରରେ ଡ୍ରାଇଭର ଚାକିରି କରି ରହିଲେ । ଗାଁର ଘର ଭାଙ୍ଗିଗଲା; କେବଳ ଭିଅ ପଡ଼ିରହିଲା ।

ପାରେଶ୍ୱର ମହାନ୍ତିଙ୍କର ଏକମାତ୍ର ପୁଅ ଅଲେଖ । ବାପାଙ୍କର ମୃତ୍ୟୁ ପରେ ଅଲେଖ ଭିଣୋଇଙ୍କ ଘରେ ରହି ପଢ଼ାପଢ଼ି କରିଥିଲେ । ସେ ସେକ୍ରେଟାରିଏଟ୍‌ରେ ଘରୋଇ ବିଭାଗରେ ଚାକିରି କରିଥିଲେ । ପରେ କଲିକତାସ୍ଥିତ ଉତ୍କଳ ଭବନରେ ମ୍ୟାନେଜର ଭାବେ ଅବସ୍ଥାପିତ ହୋଇଥିଲେ । ସେ 'ସ୍ତ୍ରୀ' ଓ 'ଅଦିନମେଘ' ଚଳଚ୍ଚିତ୍ରରେ ଅଭିନୟ କରିଥିଲେ । ନିଖୁଣ ଅଭିନୟ ଯୋଗୁଁ ସେ ବିଶେଷ ପ୍ରଶଂସିତ ହୋଇଥିଲେ । ତାଙ୍କର ଗାଁର ଘର ଭାଙ୍ଗିତୁଟି ଯାଇଥିଲା । ତାହା ପରମାନନ୍ଦଙ୍କ ପୁଅ ମହେନ୍ଦ୍ରଙ୍କ ଜିମା ଥିଲା । ୧୯୫୦ ମସିହା ପରେ ଅଲେଖ ଗ୍ରାମକୁ ଫେରି ଘରର ପୁନଃନିର୍ମାଣ କଲେ । ସେ ପିଲାମାନଙ୍କୁ ଆଣି ଗ୍ରାମରେ ରଖିଲେ । ୧୯୮୫ ମସିହାରେ ଚାକିରିରେ ଥିବା ଅବସ୍ଥାରେ ତାଙ୍କର ଅକାଳ ବିୟୋଗ ଘଟିଥିଲା ।

ନୀଳମଣି ମହାନ୍ତି ଗାଁ ଛାଡ଼ି ଘରଡିଅ ପକାଇ ଯାଇ ମନମୁଣ୍ଡାରେ ରହିଥିଲେ । ପରେ ନୀଳମଣିଙ୍କ ସ୍ତ୍ରୀ ଗାଁକୁ ଆସି ଘରଡ଼ିଅ ନଦିଆ ବିହାରୀଙ୍କୁ ବିକ୍ରି କରି ଚାଲିଯାଇଥିଲେ । ୧୯୫୫ ମସିହାରେ ଦଳେଇ ଘାଇ ଭାଙ୍ଗି ବନ୍ୟାଦ୍ୱାରା ସାଧୁ ମହାନ୍ତିଙ୍କ ଖଞ୍ଜାଘର ଭାଙ୍ଗି ଯାଇଥିଲା । ସେ ତାହା ନଦିଆ ବିହାରୀଙ୍କୁ ଦେଇ ନଦିଆ ବିହାରୀଙ୍କ କ୍ରୀତ ନୀଳମଣି ମହାନ୍ତିଙ୍କ ଡିଅକୁ ଉଠିଆସିଥିଲେ ।

ଲକ୍ଷ୍ମୀଧର ମହାନ୍ତିଙ୍କର ଦୁଇପୁଅ- ଶିବଚରଣ ମହାନ୍ତି ଓ ଗୋବିନ୍ଦଚନ୍ଦ୍ର ମହାନ୍ତି । ଉଭୟ ଶିବ ଓ ଗୋବିନ୍ଦ ସେଟଲ୍‌ମେ  ବା ବନ୍ଦୋବସ୍ତରେ କାମ କରୁଥିଲେ । ଗୋବିନ୍ଦ ଅବିବାହିତ ଥିଲେ । ଶିବଙ୍କର ପୁଅ ଅଲେଖ । ତାଙ୍କର କୁମୁଦିନୀ (କୁନ୍ଦି), ବିନୋଦିନୀ (ବେନୀ) ଓ ଅନ୍ନପୂର୍ଣ୍ଣା (ଟୁଇଁ) ନାମ୍ନୀ ତିନିଝିଅ ଥିଲେ । ଗୋବିନ୍ଦ ସେମାନଙ୍କୁ ବିବାହ କରାଇଥିଲେ ଏବଂ ଅଲେଖଙ୍କୁ ପାଠ ପଢ଼ାଇଥିଲେ । କାରଣ ଶିବ ଅକାଳରେ ମୃତ୍ୟୁବରଣ କରିଥିଲେ । ଦିନେ ସନ୍ଧ୍ୟାରେ ଶିବ ଆ ର୍ଙ୍କ ଘରୁ ନିଜଘରକୁ ଫେରୁଥିଲେ । ନିର୍ଜନ ବାଟରେ ସେ ତାଳିମାରିବା ଶବ୍ଦ ଶୁଣି ଡରିଯାଇଥିଲେ । ତା' ପରଦିନ ତାଙ୍କୁ ଜ୍ୱର ହୋଇଥିଲା ଏବଂ ସେ ଶଯ୍ୟାଶାୟୀ ହୋଇଥିଲେ । ସେ ଆଉ ସୁସ୍ଥ ନହୋଇ ମୃତ୍ୟୁମୁଖରେ ପଡ଼ିଥିଲେ । ଅଲେଖ ସେଟଲ୍‌ମେ  ବା ବନ୍ଦୋବସ୍ତରେ କାମ କରୁଥିଲେ । ସେ ୧୯୮୯ ମସିହାରେ ପେସ୍କାର ଭାବେ ଫୁଲବାଣୀରୁ ଅବସର ନେଇଥିଲେ । ଗୋବିନ୍ଦ ବୃଦ୍ଧ ବୟସରେ ଗାଁରେ ଆସି ୨/୩ ବର୍ଷ ରହିଥିଲେ । ଅଭାବଅନାଟନ ମଧ୍ୟରେ ତାଙ୍କର ଶେଷ ସମୟ ବିତିଥିଲା । ଗାଁରେ ଥିବା ଅବସ୍ଥାରେ ସେ ପିଲାମାନଙ୍କୁ ମଜାଗପ କହି ମୋହିତ କରୁଥିଲେ ।

ପୂର୍ବରୁ କୁହାଯାଇଛି, କରଣ ପରିବାରଗୁଡ଼ିକ ଦୁଇଟି ସାହିରେ ବିଭକ୍ତ ଥିଲେ । ଦୁଇସାହି ମଝିରେ ଖଳା ଗାଡ଼ିଆ ଥିଲା । ବର୍ଷାଦିନେ ପୂର୍ବପାଖ ସାହିର ଲୋକ ପଶ୍ଚିମପାଖ ସାହିକୁ ଓ ପଶ୍ଚିମପାଖ ସାହିର ଲୋକ ପୂର୍ବପାଖ ସାହିକୁ ପାଣିରେ ପଶି ଯାଉଥିଲେ ।

**ପଶ୍ଚିମପାଖ ସାହିର ଘର :–** ହରେକୃଷ୍ଣ ମହାନ୍ତିଙ୍କର ପିତା ରସାନନ୍ଦ ମହାନ୍ତି ଅଳ୍ପବୟସରେ ମରିଯାଇଥିଲେ । ତାଙ୍କର ଦାଦା ବ୍ରହ୍ମାନନ୍ଦ ମହାନ୍ତି ସାହିର ମାମଲତକାର ଥିଲେ । ସେ ମଧ୍ୟ ଶତାବ୍ଦୀର ଦୁଇଦଶକରେ ପ୍ରାଣତ୍ୟାଗ କରିଥିଲେ । ହରେକୃଷ୍ଣଙ୍କର ଭଗ୍ନୀ ସଜିଦେଇ ସିଙ୍ଗାଳରେ ବିବାହ କରିଥିଲେ । ତାଙ୍କ ମାଆ ସଜିବୋଉ ବାତଜ୍ୱର ଭୋଗୁଥିଲେ ଏବଂ ତାଙ୍କର ଗୋଡ଼ ଗୋଦର

ହୋଇଯାଇଥିଲା । ସେ ହରେକୃଷ୍ଣଙ୍କ ତ ୍ୱ ନେଇ ତାଙ୍କୁ ମାଇନର ପର୍ଯ୍ୟନ୍ତ ପଢ଼ାଇଥିଲେ । ହରେକୃଷ୍ଣ ଭଦ୍ରକରେ ଶିକ୍ଷକତା କରୁଥିଲେ । ସେ ସାମୟିକ ଭାବେ ଗ୍ରାମରେ ଚାଟଶାଳୀ କରି ପିଲାମାନଙ୍କୁ ପାଠ ପଢ଼ାଉଥିଲେ । ସେ ସାଧୁସାହିର ପ୍ରତିଷ୍ଠିତ ବ୍ୟକ୍ତି ଗୋପାଳ ମହାନ୍ତି ଓ ନୃସିଂହ ମହାନ୍ତିଙ୍କର ଭଗ୍ନୀକୁ ବିବାହ କରିଥିଲେ । ତାଙ୍କର ଦୁଇପୁଅ ଗୁନା (ସାନ୍ତନୁ) ଓ ଟୁନା (ଲକ୍ଷ୍ମୀଧର) ।

ବାମଦେବ ମହାନ୍ତି ଅପୁତ୍ରିକ ଥିଲେ । ସେ ବଳରାମ ମହାନ୍ତିଙ୍କୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ । ବଳରାମ ମଧ୍ୟ ଅପୁତ୍ରିକ ଥିଲେ । ସେ ତାଙ୍କ ଦାଦା ପଦ୍ମଚରଣ ମହାନ୍ତିଙ୍କ ପୁତ୍ର ବିଶ୍ୱନାଥକୁ ପୋଷ୍ୟପୁତ୍ର କରିଥିଲେ । ବିଶ୍ୱନାଥ ପାଠ ପଢ଼ି ଗ୍ରାମମଙ୍ଗଳ ବିଭାଗରେ ଚାକିରି କରିଥିଲେ । ବଳରାମ ମହାନ୍ତି କିଶୋରନଗରର ଜମିଦାର ହରେନ୍ଦ୍ରନାଥ ବୋଷଙ୍କ ଗୁମାସ୍ତା ଥିଲେ । ସେ ବଡ଼ ପଶାଖେଳ ପ୍ରିୟ ଥିଲେ । କିଶୋରନଗର ଯାଇ ପଶା ଖେଳୁଥିଲେ । ତାଙ୍କର ବେଶ୍ ଜମି ମଧ୍ୟ ଥିଲା । ଚାକରକୋଠିଆ ରଖି ହାତଚାଷ କରୁଥିଲେ । ତାଙ୍କର ଭାୟା ନିରଞ୍ଜନ ମହାନ୍ତିଙ୍କ ପୁତ୍ର ଥିଲେ ଅଭୟ ଚରଣ ମହାନ୍ତି । ଅଭୟ ସମବାୟ ବିଭାଗରେ ଚାକିରି କରିଥିଲେ । ସେ ସାମନ୍ତରାପୁରରେ ବିବାହ କରିଥିଲେ ଏବଂ ଶ୍ୱଶୁରଘରେ କେହି ନଥିବାରୁ ସେଠାରେ ସ୍ଥାୟୀ ଭାବେ ରହିଥିଲେ । ସେ ଗ୍ରାମର ସମ୍ପ ି ବାଡ଼ି ବିକ୍ରି କରିଦେଇଥିଲେ । ତାଙ୍କ ଶ୍ୱଶୁରଙ୍କର ବହୁତ ଭୂସମ୍ପ ି ଥିଲା । ପଦ୍ମଚରଣ ମହାନ୍ତି ପ୍ରଥମେ ମଲ୍ଲୀପୁର ବାଳିକା ସ୍କୁଲରେ ଶିକ୍ଷକତା କରୁଥିଲେ । ଶିକ୍ଷକ ଭାବରେ ତାଙ୍କର ବେଶ୍ ନାଆଁ ଥିଲା । ଗ୍ରା ବନ୍ଦ ହୋଇଯିବାରୁ ସେ ଜମିଦାର ସିରସ୍ତାରେ କାମ କରିଥିଲେ । ତାଙ୍କ ଆଗସ୍ତ୍ରୀଙ୍କ ପୁଅ ବିଶ୍ୱନାଥକୁ ବଳରାମ ମହାନ୍ତି ପୋଷ୍ୟପୁତ୍ର କରିଥିଲେ । ସେ ଝିଅ ବେଙ୍ଗଦେଈକୁ ବିରିବାଟୀରେ ବିବାହ ଦେଇଥିଲେ । ଆଗସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ବିଶ୍ୱାଳପଡ଼ାରେ ଦ୍ୱିତୀୟ ବିବାହ କରିଥିଲେ । ତାଙ୍କର ଦୁଇପୁଅ ପ୍ରସନ୍ନ ଓ ପ୍ରଫୁଲ୍ଲ । ପ୍ରସନ୍ନ ସିଲେଇ ମେସିନ ରଖି ବିରିବାଟୀ ଓ ପରେ କିଶୋରନଗରରେ ବ୍ୟବସାୟ କଲେ । ପ୍ରଫୁଲ୍ଲ ଟିଟାଗଡ଼ କାଗଜ କଳ ଚୌଦ୍ୱାର ଶାଖାରେ କାମ କଲେ । ୧୯୭୪ ମସିହାରେ ପଦ୍ମଚରଣଙ୍କର ମୃତ୍ୟୁ ହୋଇଥିଲା ।

ବାଇଧର ମହାନ୍ତିଙ୍କର ଦୁଇପୁଅ – ଚିନ୍ତାମଣି ମହାନ୍ତି ଓ ଯଦୁମଣି ମହାନ୍ତି । ଦୁହେଁ ମୟୂରଭଞ୍ଜ ରାଜାଙ୍କ ସିରସ୍ତାରେ କାମ କରୁଥିଲେ । ଭଲ ଦି'ପଇସା ଉପାର୍ଜନ କରିଥିଲେ । ବାରିପଦାରେ ଘର ତିଆରି କରିଥିଲେ ।

ଚିନ୍ତାମଣିଙ୍କର ଦୁଇପୁଅ-ଦୁର୍ଯ୍ୟୋଧନ (ଦ୍ୱିଜ) ଓ ଅଦ୍ୱୈତ । ଯଦୁମଣି ଅପୁତ୍ରିକ ଥିଲେ; ସେ ଚିନ୍ତାମଣିଙ୍କ ପୁତ୍ର ଅଦ୍ୱୈତକୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ । ଦୁର୍ଯ୍ୟୋଧନ ଓ ଅଦ୍ୱୈତ ବାରିପଦାରେ ମାଟ୍ରିକ୍ ପର୍ଯ୍ୟନ୍ତ ପଢ଼ିଥିଲେ । ଦୁର୍ଯ୍ୟୋଧନ (ଦ୍ୱିଜ) ମଲ୍ଲୀପୁର ଗାଁର ପ୍ରଥମ ମାଟ୍ରିକ୍ୟୁଲେଟ୍ ଥିଲେ । ସେ ବାରିପଦାରେ ଚାକିରି କରିଥିଲେ । ସେଠାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସେ ହେଡ଼କ୍ଲର୍କ (ବଡ଼ବାବୁ) ରୂପେ ଅବସର ନେଇଥିଲେ । ତା'ପରେ ସେ ଗାଁକୁ ଚାଲିଆସିଥିଲେ । ତାଙ୍କର ଶେଷ ଜୀବନ ଗାଁରେ ଦୁଃଖରେ କଟିଥିଲା । ଅଦ୍ୱୈତ ସେକ୍ରେଟାରିଏଟ୍‌ରେ ଚାକିରି କରିଥିଲେ । ସେ ଗାଁର ପ୍ରଥମ ସେକ୍ରେଟାରିଏଟ୍ ଚାକିରିଆ ଥିଲେ । ଅର୍ଥ ବିଭାଗର ଅଣ୍ଡର ସେକ୍ରେଟାରୀ (ଅନୁସଚିବ) ଭାବେ ଅବସର ନେଇଥିଲେ । ସେ ରାଜଧାନୀ ଭୁବନେଶ୍ୱରରେ ଘର କରି ରହିଥିଲେ । ଅଦ୍ୱୈତଙ୍କର ଏକପୁଅ ଓ ଛଅଝିଅ ଏବଂ ଦୁର୍ଯ୍ୟୋଧନଙ୍କର ଏକପୁଅ । ଦୁର୍ଯ୍ୟୋଧନ (ଦ୍ୱିଜ)ଙ୍କ ପୁଅ ରତିକାନ୍ତ (ଶୀତଳା) ଓ ଅଦ୍ୱୈତଙ୍କ ପୁଅ ଲକ୍ଷ୍ମୀକାନ୍ତ (ସୁକୁଟା) 'ଇନ୍‌ସୁରାନ୍‌ସ'ରେ ପଦସ୍ଥ ଅଫିସର ହୋଇଥିଲେ ।

ଶତାବ୍ଦୀର ଦ୍ୱିତୀୟ ଦଶକରେ ଚିନ୍ତାମଣି ଓ ଯଦୁମଣି ବାରିପଦା ଚାକିରିରୁ ଅବସର ନେଇଥିଲେ । ତା'ପରେ ସେମାନେ ଗାଁରେ ଆସି ରହିଥିଲେ । ନିଜ ଜମିର ଚାଷକାମରେ ନିୟୋଜିତ ଥିଲେ । ସାମାଜିକ କାମ ମଧ୍ୟ କରୁଥିଲେ । ଚିନ୍ତାମଣି ସେକାଳର ପୁରାତନ ଶିକ୍ଷାନୁଷ୍ଠାନ ସାମନ୍ତରାପୁର ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିଚାଳନା କମିଟିର ମେମ୍ବର ଥିଲେ । ସେ ପ୍ରାୟ ୭୦ ବର୍ଷ ପର୍ଯ୍ୟନ୍ତ ଜୀବିତ ଥିଲେ । ବୃଦ୍ଧାବସ୍ଥାରେ ତାଙ୍କର ହାତ ଥରୁଥିଲା । ଯଦୁମଣି ୬୦ ବର୍ଷ ପରେ ଶ୍ରୁତିଶକ୍ତି ହରାଇଥିଲେ । ସେ ଦାଣ୍ଡପିଣ୍ଡାରେ ଅଧାଲଙ୍ଗଳା ହୋଇ ବସିରହୁଥିଲେ ଏବଂ ମୂକ ପାଲଟି ଯାଇଥିଲେ ।

ମଦନମୋହନ ମହାନ୍ତିଙ୍କ ଏକମାତ୍ର ପୁତ୍ର ହରପ୍ରସାଦ ମହାନ୍ତି ଡାକନାମ ପଚରା ୪ର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ । ପ୍ରଥମେ ସେ ଚିନ୍ତାମଣିଙ୍କ ପରିବାର ସହ ଏକତ୍ର ରହି ତାଙ୍କର ଚାଷକାମ ଦେଖାଶୁଣା କରୁଥିଲେ । ପରେ ମଙ୍ଗଳାବାଗର କୁଅଁର ଆୟୁର୍ବେଦିକ ଫର୍ମାସିରେ ସେଲ୍ସମ୍ୟାନ ରହିଲେ । ହରପ୍ରସାଦ ପିଲାଦିନୁ ପିତୃହୀନ ଥିଲେ । ବିଧବା ମାତା ବହୁକଷ୍ଟରେ ଘର ଚଳାଉଥିଲେ । ସେ ଚିନ୍ତାମଣିଙ୍କ ପରିବାରଠାରୁ ପୃଥକ ହୋଇଯାଇଥିଲେ ।

ଭଗବାନ ମହାନ୍ତି ଓ ଗଜେନ୍ଦ୍ରନାଥ ମହାନ୍ତି ଦୁଇଭାଇ । ଶତାବ୍ଦୀର ପ୍ରାରମ୍ଭରୁ ବାପାଙ୍କର ମୃତ୍ୟୁ ଘଟିଥିଲା । ମାଆ ଥିଲେ ଖନି । ବହୁକଷ୍ଟ ସହି ଖନି ଭଗବାନକୁ ଗିରିଧାରୀ ଅବଧାନଙ୍କ ନିକଟକୁ ବିଦ୍ୟାଶିକ୍ଷା ପାଇଁ ପଠାଇଥିଲେ । କିନ୍ତୁ ଭଗବାନ ମୂଳରୁ ପାଠପଢ଼ା ପ୍ରତି ବିତୃଷ୍ଣ ଥିଲେ । ଘରେ ଛେଳି ପାଳନ କରି, ବିଲବାଡ଼ିରେ ସାମୟିକ କାର୍ଯ୍ୟ କରି ଏବଂ ବଣରୁ କାଠ ଓ ବେତ ଆଣି ବିକ୍ରୟ କରି ଚଳୁଥିଲେ । ଅଫିମ ଖାଉଥିବାରୁ ଛୋଟ ଛୋଟ ଚୋରି ମଧ୍ୟ କରୁଥିଲେ । ଜେଲ ଯାଇ ଦାଗୀ ତାଲିକାଭୁକ୍ତ ହୋଇଥିଲେ । ଏଣୁ ପୁଲିସ ଓ ଗାଁ ଚୌକିଦାର ରାତ୍ରିରେ ତାଙ୍କ ଘରକୁ ଆସି ତଦାରଖ କରୁଥିଲେ । ସେ ବଡ଼ ଦୁଃସ୍ଥ ଥିଲେ । କିନ୍ତୁ ତାଙ୍କର ଝୁଙ୍କ ଥିଲା, ଗାଁର ବା ଆଖପାଖ ଗାଁର କେହି ମୃତ୍ୟୁବରଣ କଲେ ସେ ଶବଦାହରେ ଯୋଗଦେଉଥିଲେ । ଶବଦାହ କାର୍ଯ୍ୟରେ ସେ ଖୁବ୍ ଅଭିଜ୍ଞ ଓ କୁଶଳୀ ଥିଲେ । ଏହି ଶାଶ୍ୱତ କାର୍ଯ୍ୟରେ ଯୋଗଦାନ ତାଙ୍କର ଏକ ସୁଗୁଣ ଥିଲା । କିନ୍ତୁ ଅଫିମ ସେବନ ପାଇଁ ଚୋରି କରୁଥିବାରୁ ସେ 'ଚୋର ଭଗିଆ' ନାମରେ ଜଣାଥିଲେ ।

ମାର୍କଣ୍ଡ ମହାନ୍ତି ଶତାବ୍ଦୀର ପ୍ରାରମ୍ଭରେ ଗାଁର ସବୁଠାରୁ ଧନୀ ବ୍ୟକ୍ତି ଥିଲେ । ସେ ପୁରୁଣାହାଟର ଜମିଦାର ବ୍ରଜସୁନ୍ଦର ପାଟଜୋଷିଙ୍କ କଚେରିରେ ଗୁମାସ୍ତା ଥିଲେ । ସେ ସେଠାରୁ ଖୁବ୍ ପଇସା ଉପାର୍ଜନ କରିଥିଲେ । ତା'ଛଡ଼ା ଗାଁରେ ଥିବା ଗରିବଗୁରୁବାଙ୍କୁ ଶୋଷଣ ମଧ୍ୟ କରୁଥିଲେ । ଏଥିଯୋଗୁଁ ସେ ବହୁତ ଜାମିବାଡ଼ି କରିପାରିଥିଲେ । ଗାଁରେ ସେ ହିଁ ପ୍ରଥମ ଛାତଘର କରିଥିଲେ । ତାଙ୍କର ପାଲିଙ୍କି ଓ ସବାରି ମଧ୍ୟ ଥିଲା । ତାଙ୍କ ଘରେ ଗିରିଧାରୀ ନାୟକ ମାଟିବଂଶ ଅବଧାନ ଚାଟଶାଳୀ କରି ଗାଁ ପିଲାଙ୍କୁ ପଢ଼ାଉଥିଲେ । ପରେ ତାଙ୍କ ଘର ପାଖରେ ମଲ୍ଲୀପୁର ବାଳିକା ସ୍କୁଲ ବସିଥିଲା । ପଦ୍ମଚରଣ ମହାନ୍ତି ତହିଁରେ ଶିକ୍ଷକ ଥିଲେ । ଭୋଳି ମହାନ୍ତିଙ୍କ ମାତା ନାବିବୋଉ ଘର ଘର ବୁଲି ପିଲାମାନଙ୍କୁ ଡାକି ସ୍କୁଲରେ ପହ ।ଉଥିଲେ । ସ୍କୁଲକୁ ସରକାରୀ ଗ୍ରା  ମଧ୍ୟ ମିଳୁଥିଲା । କିନ୍ତୁ ୨/୩ ବର୍ଷ ପରେ ଗ୍ରା  ବନ୍ଦ ହୋଇଯିବାରୁ ସ୍କୁଲ ଭାଙ୍ଗିଯାଇଥିଲା । ମାର୍କଣ୍ଡ ମହାନ୍ତିଙ୍କ ଭାଇ ଦାଶରଥି ମହାନ୍ତି ଅପୁତ୍ରିକ ଥିଲେ ଓ ତାଙ୍କର ମସ୍ତିଷ୍କ ଅନଗ୍ରସର ଥିଲା । ତାଙ୍କର ବଂଶଜ ଜନ୍ମେଜୟ ମହାନ୍ତିଙ୍କର ଏକମାତ୍ର ଝିଅକୁ ବାଲିଶୁକ୍ରୀର ମଧୁ ମହାନ୍ତି ବିବାହ କରିଥିଲେ । ସେ ଉ ରାଧିକାରୀ ସୂତ୍ରେ ପାଇଥିବା ମଲ୍ଲୀପୁର ସମ୍ପ ିକୁ ବିକ୍ରୟ କରିଦେଇଥିଲେ । ଶ୍ରୀଧର ମହାନ୍ତିଙ୍କର ଏକମାତ୍ର ପୁତ୍ର ବିଷ୍ଣୁ

ବିଶେଷ ପଢ଼ାପଢ଼ି କରିନଥିଲେ । ସେ କଟକ ସରକାରୀ ପ୍ରେସ୍‌ରେ ଚାକିରି କରିଥିଲେ । ସମ୍ପତ୍ତିବାଡ଼ି ନଥିବାରୁ ସେ କଷ୍ଟରେ ଚଳୁଥିଲେ । ତାଙ୍କର ଦୁଇପୁତ୍ର ଶରତ ଓ ଲଳିତ ମଧ୍ୟ ବିଶେଷ ଶିକ୍ଷିତ ନଥିଲେ । ସେମାନେ ମଧ୍ୟ ସରକାରୀ ପ୍ରେସ୍‌ରେ ଚାକିରି କରିଥିଲେ ।

ମାର୍କଣ୍ଡଙ୍କର ଦୁଇପୁଅ ଗୁରୁଚରଣ ଓ ଗୟାଚରଣ । ଗୟାଚରଣ ଖଦୀ ବୋର୍ଡ଼ରେ ସାମୟିକ କାର୍ଯ୍ୟ କରୁଥିଲେ । ସେ ନିଲମ୍ବିତ ହୋଇ ଗାଁରେ ରହି ବିନୋଦ କାନୁନ୍‌ଗୋଙ୍କ ସହ ସଂଗଠନ କାମ କରିଥିଲେ । ଗାଁରୁ ଯାଇ ବାଲେଶ୍ୱରର ଗୋପାଳଗାଁରେ କିଛି ଜମିବାଡ଼ି କିଣି ସେଠାରେ ବସବାସ କଲେ । ଗୁରୁଚରଣଙ୍କର ଏକମାତ୍ର ପୁତ୍ର ତ୍ରିଲୋଚନ । ସେ ମାମୁଁଘର ବିରିବାଟୀରେ ରହି ମାଇନର ପର୍ଯ୍ୟନ୍ତ ପଢ଼ିଥିଲେ । ସେ ଗଞ୍ଜାମ ନୂଆପଡ଼ା ଲୁଣଗୋଦାମରେ ଚାକିରି କରିଥିଲେ ।

ଭୋଳି ମହାନ୍ତି ଭୂମିହୀନ ଥିଲେ । ସେ ରାଜକନିକାର ଭିତରଗଡ଼ରେ ଶିକ୍ଷକତା କରୁଥିଲେ । ତାଙ୍କର ଦୁଇପୁଅ-ନାରାୟଣ ପ୍ରସାଦ ମହାନ୍ତି ଓ ଶୁକଦେବ ମହାନ୍ତି । ନାରାୟଣ ମଙ୍ଗଳାବାଗର କାଠଗୋଲାରେ କାମ କରୁଥିଲେ । ଶୁକଦେବ ପି.ଡବ୍ଲ୍ୟୁ.ଡି.ରେ ରୋଲର୍ ଚାଳକ ଥିଲେ । ସେ ଘରଜୋଇଁଆ ହୋଇ ବହୁଗ୍ରାମ ନିକଟ ଅତୁଡ଼ାରେ ବସବାସ କରିଥିଲେ ।

ରାଧାଚରଣ ମହାନ୍ତିଙ୍କର ୩ ପୁଅ– କୃପାସିନ୍ଧୁ, ବ୍ରଜକିଶୋର (ବରଜୁ) ଓ ରାଜକିଶୋର (ରାଜୀବ) । କୃପାସିନ୍ଧୁ ସମବାୟ ବ୍ୟାଙ୍କରେ ଓ ରାଜୀବ ସମବାୟ ବିଭାଗରେ କାମ କରୁଥିଲେ । ବରଜୁ ଘରେ ରହି ଚାଷବାସ କରୁଥିଲେ । ସେ ବିବାହ କରିନଥିଲେ । କୃପାସିନ୍ଧୁଙ୍କର ୬ ପୁଅ– ଦୋଳଗୋବିନ୍ଦ (ଦୋଳ), ଗୋପବନ୍ଧୁ (ଗୋପ), ରବିନାରାୟଣ (ମୂଷ), ଶଶିଭୂଷଣ (ଚୁଚ), ବିଭୂତିଭୂଷଣ (କାଙ୍ଗ) ଓ ସଂଗ୍ରାମକେଶରୀ (ଖୋକା) । ବରଜୁ ଗୋପବନ୍ଧୁକୁ ପୁଅ କରିନେଇଥିଲେ । ଦୋଳ ଭୋଲ୍‌ଟାସ୍ କମ୍ପାନୀରେ, ଗୋପ ପଶୁପାଳନ ବିଭାଗରେ ଓ ମୂଷ ଆନ୍ଧ୍ର ବ୍ୟାଙ୍କରେ କାମ କରୁଥିଲେ । ଚୁଚ ବି.ଏ. ପାସ କରିଥିଲେ ଏବଂ ଗାଁର ପ୍ରଥମ ଗ୍ରାଜୁଏଟ୍ ଥିଲେ । ସେ ହାଇସ୍କୁଲରେ ଶିକ୍ଷକତା କରୁଥିଲେ । ଡେପୁଟି ଡି.ଆଇ. ମଧ୍ୟ ହୋଇଥିଲେ । ଆଠଗଡ଼ର ବିଶ୍ୱନାଥ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ଭାବେ ୧୯୯୭ ମସିହାରେ ଅବସର ନେଇଥିଲେ । ଖୋକା କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କିରାଣି ଥିଲେ ଏବଂ ୨୦୦୪ ମସିହାରେ ଅବସର ନେଇଥିଲେ । କାଙ୍ଗ ସମବାୟ ବିଭାଗରେ କାମ

କରୁଥିଲେ । ରାଜୀବଙ୍କର ୨ପୁଅ ଓ ୪ଝିଅ । ଦୁଇ ପୁଅ ପ୍ରତାପ (କାଳିଆ) ଓ ଯଯାତି (ନବା) ଗାଁରେ ରହିଲେ । କାଳିଆ ବିବାହ କଲେନାହିଁ । ରାଧାଚରଣଙ୍କ ଭାଇ ବୀରକିଶୋରଙ୍କର ପୁଅ ପ୍ରାଣକୃଷ୍ଣ (ପରାଣିଆ) ନିଃସନ୍ତାନ ଥିଲେ ।

ଗଙ୍ଗାଧର ଓ ଅଚ୍ୟୁତ ଦୁଇଭାଇ । ଗଙ୍ଗାଧରଙ୍କର ଦୁଇପୁଅ-ଇନ୍ଦ୍ରମଣି ଓ ପର୍ଶୁରାମ । ଅଚ୍ୟୁତ ନିଃସନ୍ତାନ ଥିଲେ । ସେ ଖୁବ୍ ଧର୍ମପ୍ରାଣ ଥିଲେ । ଇନ୍ଦ୍ରମଣି ସଂଗ୍ରାମୀ ବିନୋଦ କାନୁନ୍‌ଗୋଙ୍କ ସହ କାମ କରିଥିଲେ । ପରେ ସେ ସେଟଲ୍‌ମେ  ବା ବନ୍ଦୋବସ୍ତରେ ଅମିନ ଭାବେ ଯୋଗଦେଇଥିଲେ । ବଲାଙ୍ଗୀରରେ ଇନ୍‌ସ୍ପେକ୍ଟର ଥିବାବେଳେ ୧୯୬୨ ମସିହାରେ ଚାକିରି ଛାଡ଼ିଦେଇଥିଲେ । ଇନ୍ଦ୍ରମଣି ଗାଁରେ ରହି ସାମାଜିକ କାମ କରିଥିଲେ । ଜମିବାଡ଼ି ମାପଚୁପରେ ତାଙ୍କର ବିଶେଷ ଦକ୍ଷତା ଥିଲା । ତାଙ୍କର ଦୁଇପୁଅ-ଉମାଚରଣ (ପାଣ୍ଡୁ) ଓ ପତିତପାବନ (ପାକୁ) । ପାଣ୍ଡୁ ଆର୍‌.ଏଣ୍ଡ.ବି.ର ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଟ୍ରେସର୍ ଭାବେ ଯୋଗଦେଇଥିଲେ । ସେ ବୋଧପୁରର ସାଧୁଚରଣ ଦାସଙ୍କ ଝିଅ ସ୍ୱର୍ଣ୍ଣଲତାଙ୍କୁ ବିବାହ କରିଥିଲେ । ସ୍ୱର୍ଣ୍ଣଲତାଙ୍କର ବଡ଼ଭଉଣୀ ଚାରୁଲତା ଗ୍ରାମର ଗୋପାଳ ଚରଣ ମହାନ୍ତିଙ୍କର ଆଗସ୍ତ୍ରୀ ଥିଲେ । ପାଣ୍ଡୁ ୧୯୯୯ ମସିହାରେ ହେଡ଼ ଡ୍ରାଫ୍ଟସ୍‌ମ୍ୟାନ ପଦରୁ ଅବସର ନେଇଥିଲେ । ପାକୁ ରାଜମିସ୍ତ୍ରୀ କାମରେ ପାରଦର୍ଶିତା ଲାଭ କରିଥିଲେ । ଇନ୍ଦ୍ରମଣିଙ୍କର ସାନଭାଇ ପର୍ଶୁରାମଙ୍କର ୧୮ ବର୍ଷ ବୟସରେ ଅକାଳ ବିୟୋଗ ଘଟିଥିଲା ।

ରଘୁନାଥ ମହାନ୍ତିଙ୍କର ୪ ପୁଅ– ଦୀନବନ୍ଧୁ, ସାଧୁଚରଣ, ସୁରେନ୍ଦ୍ରନାଥ ଓ ଅନ୍ୟଜଣେ । ଦୀନବନ୍ଧୁ ମହାନ୍ତି ଜଣେ ଧର୍ମପ୍ରାଣ ବ୍ୟକ୍ତି ଥିଲେ । ସେ ଚିତାଚୈତନ୍ୟ ଲଗାଉଥିଲେ; କଂଠଉ ପିନ୍ଧୁଥିଲେ । ସେ ବିବାହ କରିନଥିଲେ । ଘରେ ଭାଗବତ ଗାଦି କରିଥିଲେ । ବ୍ରାହ୍ମଣ ଆସି ତାହା ପୂଜା କରୁଥିଲେ । ସେ ପୁରାଣ ଆଦି ପାଠ କରୁଥିଲେ । ସେ ଗ୍ରାମରେ ନ୍ୟାୟନିସାପରେ ବସୁଥିଲେ । ଦୀନବନ୍ଧୁ ଭାଣପୁର କଚେରୀରେ କାମ କରୁଥିଲେ । ସାଧୁଚରଣ ମହାନ୍ତି ମୟୂରଭଞ୍ଜରେ ପୁଲିସ ଚାକିରି କରିଥିଲେ । ଚାକିରିରେ ଥିବା ଅବସ୍ଥାରେ ୧୯୪୭ ମସିହାରେ ତାଙ୍କର ଅକାଳ ବିୟୋଗ ଘଟିଥିଲା । ତାଙ୍କ ମୃତ୍ୟୁର ୪/୫ ମାସ ପରେ ପୁତ୍ର ମୁରଲୀଧର ଜନ୍ମ ହୋଇଥିଲେ । ସ୍ତ୍ରୀ ଛୋଟାବୋଉ ଲାଗିପାଗି ପୁଅକୁ ଯତ୍ନର ସହ ବଢ଼ାଇଥିଲେ । ମୁରଲୀଧର ଚିନ୍ତାମଣି ବିଦ୍ୟାପୀଠରୁ ମାଟ୍ରିକ୍ ଓ ରେଭେନ୍‌ସା କଲେଜରୁ ବି.ଏ. ପାସ କରିଥିଲେ । ସେ ମଧୁସୂଦନ ଆଇନ

କଲେଜରେ ଏଲ୍‌ଏଲ୍. ବି. ମଧ୍ୟ ପଢୁଥିଲେ । ସେ ୟୁକୋ ବ୍ୟାଙ୍କରେ ଯୋଗଦେଇ ଚାକିରି ଜୀବନ ଆରମ୍ଭ କରିଥିଲେ ଏବଂ ୨୦୦୭ ମସିହାରେ ମ୍ୟାନେଜର ପଦରୁ ଅବସର ନେଇଥିଲେ । ସାଧୁଚରଣଙ୍କର ଏକମାତ୍ର ଝିଅ ମହୀଧରପଡ଼ାରେ ବିବାହ କରିଥିଲେ । ରଘୁନାଥଙ୍କର ୩ୟପୁତ୍ର ନଗସପୁରକୁ ପୁଅ ହୋଇଯାଇଥିଲେ । ସୁରେନ୍ଦ୍ରନାଥ ମହାନ୍ତି ମୟୂରଭଞ୍ଜରେ ପୁଲିସ ଚାକିରି କରିଥିଲେ । ତାଙ୍କର ୨ ଝିଅଙ୍କ ମଧ୍ୟରୁ ଜଣେ ଅବିବାହିତ ଅବସ୍ଥାରେ ଅକାଳ ମୃତ୍ୟୁବରଣ କରିଥିଲେ । ଅନ୍ୟଜଣେ ଆଳିରେ ବିବାହ କରିଥିଲେ । ଦୀନବନ୍ଧୁଙ୍କର ଗ୍ରାମଦେବୀ ସାହାଡ଼ା ସୁନ୍ଦରୀଙ୍କର ପଶ୍ଚିମକୁ ଏକ ବିରାଟ ଆମ୍ବତୋଟା ଥିଲା । ତାହା ଦୀନବନ୍ଧୁ ତୋଟା ବୋଲି ଖ୍ୟାତି ଲଭିଥିଲା । ସେଠାରେ ଦୋଳ ମେଲଣ ହେଉଥିଲା । ରଜବେଳେ ସେହି ତୋଟାରେ ବାଗୁଡ଼ି ଖେଳ ବେଶ୍ ଜମୁଥିଲା । ପଶା ଓ ତାସ୍ ଖେଳ ମଧ୍ୟ ହେଉଥିଲା । ତା'ର ପଶ୍ଚିମକୁ ଚିନ୍ତାମଣି ମହାନ୍ତିଙ୍କ ଆମ୍ବତୋଟା ଥିଲା । ତହିଁରେ ମଧ୍ୟ ରଜରେ ବାଜି ରଖି ଡେଙ୍ଗୁରା ପିଟି ଡୁଡୁ, ବୋହୂଚୋରି ଓ ଲୁଣଚୋରୀ ଖେଳ ହେଉଥିଲା ।

କେଶବଚନ୍ଦ୍ର ମହାନ୍ତିଙ୍କର ଦୁଇପୁଅ – ଗିରିଧାରୀ (ଧୋବେଇ) ଓ ଭାବଗ୍ରାହୀ । ଗିରିଧାରୀ ମୟୂରଭଞ୍ଜର ଠାକୁରମୁଣ୍ଡାରେ ଏକ ମଠରେ ଗୁମାସ୍ତା ଥିଲେ । ସେ ସେଠାରେ ଜମି କିଣିଥିଲେ ଓ ଘର କରିଥିଲେ । ପରେ ତାଙ୍କର ପୁଅମାନେ ତାହା ବିକ୍ରି କରି ଗାଁରେ ଜମି କ୍ରୟ କରିଥିଲେ । ତାଙ୍କର ତିନିପୁଅ- ପୂର୍ଣ୍ଣଚନ୍ଦ୍ର (କ୍ଷୀର), ପ୍ରତାପଚନ୍ଦ୍ର (ନୀର) ଓ ପ୍ରଦୀପଚନ୍ଦ୍ର (ଧୀର) । ଭାବଗ୍ରାହୀ ମଧ୍ୟ ମୟୂରଭଞ୍ଜର ପଦ୍ମପୁରରେ ଜମିଦାରଙ୍କ ସିରସ୍ତାରେ କାମ କରୁଥିଲେ । ତାଙ୍କର ତିନିପୁଅ – ଜ୍ଞାନ (ପୀର), ଶିଶିର ଓ ଅଶୋକ (ସମୀର) । ଭାବଗ୍ରାହୀ କଟକ ଥୋରିଆସାହିର ବିଶିଷ୍ଟ ବ୍ୟକ୍ତି ବାଳକୃଷ୍ଣ ପଟ୍ଟନାୟକଙ୍କର ଭଣଜା ଥିଲେ । କେଶବଙ୍କର ଦୁଇଝିଅ ବ୍ରାହ୍ମଣସାଇଲୋ ଓ ବାରହାପୁରରେ ବିବାହ କରିଥିଲେ । କେଶବଙ୍କ ସ୍ତ୍ରୀ ଭାରି ଧର୍ମପରାୟଣା ମହିଳା ଥିଲେ । ଗାଁରେ ତାଙ୍କୁ ଦରିଆବୋଉ ବୋଲି ଡାକୁଥିଲେ ।

ଜୟୀରାମ ମହାନ୍ତିଙ୍କର ୨ ପୁଅ – ଇନ୍ଦ୍ରମଣି ମହାନ୍ତି ଓ ବୃନ୍ଦାବନ ମହାନ୍ତି । ଇନ୍ଦ୍ରମଣି ମୟୂରଭଞ୍ଜର ଯଶିପୁରରେ ଜମିଦାରଙ୍କ ସିରସ୍ତାରେ କାମ କରୁଥିଲେ । ତାଙ୍କର ଦୁଇପୁଅ ୧୨ ଓ ୧୬ ବର୍ଷ ବୟସରେ ଅକାଳ ମୃତ୍ୟୁବରଣ କରିଥିଲେ । ବୃନ୍ଦାବନ ଯଶିପୁରରେ ପୁଲିସ ବିଭାଗରେ ରାଇଟର ଥିଲେ ।

ଇନ୍ଦ୍ରମଣିଙ୍କ ମୃତ୍ୟୁ ପରେ ସେ ଜମିଦାରଙ୍କ ସିରସ୍ତାରେ ତାଙ୍କ ସ୍ଥାନରେ ଯୋଗଦେଇଥିଲେ । ବୃନ୍ଦାବନଙ୍କ ଦୁଇପୁଅ – ଶମ୍ଭୁନାଥ ଓ ରମାନାଥ । ଶମ୍ଭୁନାଥ ରାଜସ୍ୱ ବିଭାଗରେ କାର୍ଯ୍ୟ କରି ୧୯୯୯ ମସିହାରେ ରେଭିନ୍ୟୁ ଇନ୍‌ସ୍ପେକ୍ଟର ଭାବେ ଅବସର ନେଲେ । ରମାନାଥ ଘରେ ରହି ଚାଷବାସ ବୁଝୁଥିଲେ । କିଶୋରନଗରରେ ତହସିଲ ହେଲା ପରେ ସେ ୧୯୮୮ ମସିହାରୁ ସେଠାରେ ଷ୍ଟାମ୍ପ ଭେଣ୍ଡର ଭାବେ କାର୍ଯ୍ୟ କଲେ ।

ଆ ବନ୍ଧୁ ମହାନ୍ତିଙ୍କର ତିନିପୁତ୍ର – କୁଞ୍ଜବିହାରୀ, ଲାଲବିହାରୀ ଓ ବନବିହାରୀ । କୁଞ୍ଜବିହାରୀ ସେଟଲ୍‌ମେ  ଅଫିସ୍‌ରେ କାର୍ଯ୍ୟ କରୁଥିଲେ । ସେ ଅବିବାହିତ ଥିଲେ । ସେ 'ଆଧ୍ୟାତ୍ମିକ ପଥପ୍ରଦର୍ଶକ' ଶୀର୍ଷକ ବହି ଲେଖିଥିଲେ । ଲାଲବିହାରୀଙ୍କର ବିବାହର ଅଳ୍ପଦିନ ଭିତରେ ପତ୍ନୀ ବିୟୋଗ ଘଟିଥିଲା । ସେ ପୁନର୍ବିବାହ କରିନଥିଲେ । ସେ ଏକରକମ ପାଗଳ ଥିଲେ । ବନବିହାରୀ ବଲାଙ୍ଗୀର ଯାଇ ଆର୍ଯ୍ୟ ସମାଜର ସଂସ୍କାରକ ଭାବେ କାର୍ଯ୍ୟ କରିଥିଲେ । ଗାଁକୁ ଆସି କିଛିଦିନ ଆର୍ଯ୍ୟଧର୍ମ ଅନୁସରଣ କରି ପ୍ରତ୍ୟହ ସକାଳେ ହୋମ କରି ଘୃତ ଆହୁତି ଦେଉଥିଲେ । ସେ ୪୧ ବର୍ଷ ବୟସରେ ବିବାହ କରି ସମ୍ପୂର୍ଣ୍ଣ ଗୃହସ୍ଥ ହୋଇଯାଇଥିଲେ । ସେ ଛୋଟ ଛୋଟ କ୍ରାକ୍ଟରି ମଧ୍ୟ କରିଥିଲେ । ବନବିହାରୀ ଖଦଡ଼ ବସ୍ତ୍ର ପରିଧାନ କରୁଥିଲେ । ସେ 'ବୈଦିକ କର୍ମ ପଦ୍ଧତି' ପୁସ୍ତକ ରଚନା କରିଥିଲେ । ୧୯୬୪ ମସିହାରେ କଟକ କାଠଯୋଡ଼ି ନଦୀବନ୍ଧରେ ଗାଡ଼ି ମାଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ସେ ବାଲିଶୁକ୍ରୀ ମୌଜା ନଈକୂଳ ପାଟଣାରେ ହରେନ୍ ବାବୁ ଜମିଦାରଙ୍କ ବଗିଚାକୁ କିଣି ସେଠାରେ କରିଥିବା ଘରେ ତାଙ୍କର ଦୁଇପୁଅ ଜ୍ଞାନରଂଜନ ଓ ମନୋରଂଜନ ରହିଲେ ।

କୁଳମଣି ମହାନ୍ତିଙ୍କ ପୁତ୍ର ନିଶାମଣି ମହାନ୍ତି ଟାଟାନଗରରେ ଜଗନ୍ନାଥ ମିଷ୍ଟାନ୍ନ ଭଣ୍ଡାରରେ ମ୍ୟାନେଜର ଥିଲେ । ହୋଟେଲ ପରିଚାଳନାରେ ତାଙ୍କର ଦକ୍ଷତା ଆସିଥିଲା । ପରେ ସେଠାରେ ଏକ କମ୍ପାନୀର କ୍ୟା ିନ୍‌କୁ ଲିଜ୍‌ରେ ନେଇ ଚଳାଇଥିଲେ । ତାଙ୍କର ଦୁଇପୁଅ– ପ୍ରକାଶ (ବାବୁନା) ଓ ବିଜୟ (ବିଜନା) । ସେ ବଡ଼ପୁଅ ପ୍ରକାଶକୁ କ୍ୟା ିନ୍ ଦାୟିତ୍ୱ ଦେଇ ଗାଁକୁ ଆସିଥିଲେ । ସାନପୁଅ ବିଜୟ ଆଦିବାସୀ ଉନ୍ନୟନ ସମବାୟ ନିଗମ ଓଡ଼ିଶା ଲିଃ (ଟି.ଡ଼ି.ସି.ସି.ଓ.ଏଲ୍.)ରେ ଚାକିରି କରିଥିଲେ ।

ଦେବାଧି ମହାନ୍ତି ଜଣେ ଧାର୍ମିକ ବ୍ୟକ୍ତି ଥିଲେ । ସେ ଭୋଇମୁଣ୍ଡରେ ତାଙ୍କ ଜମିରେ ମଠ କରି ରହିଥିଲେ । ତାଙ୍କର ଚାଷବାସ ମଧ୍ୟ ଥିଲା । ତାଙ୍କର ୧ପୁଅ ଓ ୨ଝିଅ । ପୁଅ ମନମୋହନ (ମନିଆ) ଦୋକାନ କରିଥିଲେ । କିଛିଦିନ ଅବିବାହିତ ରହି ଗାଁ ଛାଡ଼ି ବାଡ଼ିବଗିଚାକୁ ବିକ୍ରି କରି ଚାନ୍ଦବାଲି ପୀରବଜାରକୁ ଚାଲିଯାଇଥିଲେ । ସେ ସେଠାରେ ଘରଦ୍ୱାର କରି ବିବାହ କରି ରହିଲେ । ତାଙ୍କର ଜଣେ ପୁତୁରା ହରମୋହନ ସେଠାରେ ରହିଥିଲେ । ସେ ବ୍ୟବସାୟ କରୁଥିଲେ । ଦେବାଧି ତାଙ୍କର ବଡ଼ଝିଅକୁ ବୋଧପୁରରେ ବିବାହ ଦେଇଥିଲେ । ସାନଝିଅ ଗାଁରେ ବାବୁଜଙ୍ଗରୁ ଆସି ବାସ କରୁଥିବା କୁଳମଣି ମହାନ୍ତିଙ୍କୁ ବିବାହ ଦେଇଥିଲେ । କୁଳମଣିଙ୍କର କିଛି ଜମିବାଡ଼ି ଥିଲା । ସେ ହାତଚାଷ କରୁଥିଲେ; ହଳ ବୁଲାଇ କମଣ କରୁଥିଲେ । ତାଙ୍କର ମଧ୍ୟ ପୁଅ ନଥିଲେ; ଦୁଇଝିଅ ଥିଲେ । ବଡ଼ଝିଅ କିରିକୁ ପ୍ରେମାନନ୍ଦଙ୍କ ସହ ବିବାହ କରାଇଥିଲେ । ପ୍ରେମାନନ୍ଦ ଘରଜୋଇଁଆ ହୋଇ ରହିଲେ । ସାନଝିଅ ଚଂଚିକୁ କାଳିକାପୁରର ବିପ୍ରଚରଣ ମହାନ୍ତିଙ୍କୁ ବିବାହ ଦେଇଥିଲେ ।

ଦୁର୍ଯ୍ୟୋଧନ ମହାନ୍ତି ଶତାବ୍ଦୀ ଆରମ୍ଭ ହେବା ଆଗରୁ ବାବୁଜଙ୍ଗରୁ ଆସି ବସବାସ କରି ରହିଥିଲେ । ସେ ପ୍ରହରାଜପୁର ଦାରୋଗା ମିଆଁ ଜମିଦାରଙ୍କ ଅଧୀନରେ ତହସିଲଦାର ଥିଲେ । ସେ ଗାଁରେ ୮/୧୦ ଏକର ଜମି କରିଥିଲେ । ତାଙ୍କର ଚାରିପୁଅ- ଭାଗବତ (ହାଡ଼ିବନ୍ଧୁ), ଗଣେଶ (ଧଡ଼ି), ପୂର୍ଣ୍ଣଚନ୍ଦ୍ର (ପୂର୍ଣ୍ଣ) ଓ ବିନୋଦ (ବିନ) । ଧଡ଼ି ମାତ୍ର ୧୮ ବର୍ଷ ବୟସରେ ସର୍ପାଘାତରେ ମୃତ୍ୟୁବରଣ କରିଥିଲେ । ଭାଗବତ କଟକରେ କାଠଗୋଲା କରିଥିଲେ । ପୂର୍ଣ୍ଣ ଚାଷବାସ ଓ ବ୍ୟବସାୟ କରୁଥିଲେ । ବିନ କଟକ ମ୍ୟୁନିସିପାଲିଟିରେ ଟ୍ୟାକ୍ସ କଲେକ୍ଟର ଥିଲେ ।

ଲବ, କୁଶ, ଭିକାରୀଚରଣ ଓ ଭକ୍ତଚରଣ ଚାରିଭାଇ । ଲବ ଓଡ଼ପଡ଼ାକୁ ଓ କୁଶ ପାଳଦାକୁ ପୁଅ ହୋଇ ଯାଇଥିଲେ । ଭିକାରୀଚରଣ ବାରିପଦାରେ ଜମିଦାରଙ୍କ ସିରସ୍ତାରେ କାମ କରୁଥିଲେ । ସେ ଅବିବାହିତ ଥିଲେ । ଭକ୍ତଚରଣ ଗାଁମୁଣ୍ଡରେ ଘର କରି ରହିଥିଲେ । ତାଙ୍କ ପୁଅ ରବି କଟକରେ 'ନମୁନା'ରେ କାର୍ଯ୍ୟ କରୁଥିଲେ ।

**ଭୋଇ ସାହିର ଘର :–** ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଭୋଇ ସାହିରେ ମାତ୍ର ୫ଟି ପରିବାର ଥିଲେ । (୧) ଫକିର ଭୋଇ, (୨) ଗିରିଧାରୀ ଭୋଇ,

(୩) ନିତେଇ ଭୋଇ, (୪) କାହ୍ନୁ ଭୋଇ ଓ (୫) ଶ୍ରୀଧର (ସିରିଆ) ଭୋଇ । ଏମାନେ ଭୂମିହୀନ ଥିଲେ । ସାଆନ୍ତ ସାହି ବା କରଣ ସାହିରେ ମୂଲ ଲାଗି, ଚାକିରି କରି ଓ ଏମାନଙ୍କ ପିଲାମାନେ ଗାଈ ଚରାଇ ଚଳୁଥିଲେ । ପରେ ବିଦେଶରେ ଥିବା ସାଆନ୍ତମାନଙ୍କ ଜମି ଭାଗରେ ନେଇ ହଳବଳଦ ରଖି ଚାଷ କଲେ । ଛେଳି, କୁକୁଡ଼ା ଆଦି ରଖି ଦି'ପଇସା ରୋଜଗାର କଲେ । ଗୋରୁ ଓ ଛେଳି ଚରାଇବାକୁ ବିସ୍ତୃତ ଗୋଚର ଓ ବଣଜଙ୍ଗଲ ଥିଲା । ବଡ଼ଦଣ୍ଡା ଓ ହାଡ଼ୁଆଳୀ ଜଙ୍ଗଲରୁ ଜାଳକାଠ, ଘରଖୁ  ଆଦି କାଟି କରଣ ସାହିରେ ବିକ୍ରି କରି ନିଜର ଗୁଜୁରାଣ ମେ ।ଉଥିଲେ ।

ଫକିର ଭୋଇଙ୍କ ଦୁଇପୁଅ- ଚିନ୍ତା ଭୋଇ ଓ ପାଣ୍ଡୁ ଭୋଇ । ଚିନ୍ତାଙ୍କର ୨ଟି ସ୍ତ୍ରୀ ଥିଲେ- ଚମ୍ପି ଓ ନଖି । ଦୁହିଁଙ୍କର ୬ଟି ଲେଖାଏଁ ଅଙ୍ଗୁଳି ଥିଲା । ଚମ୍ପି ସଉତୁଣୀ (୨ୟ ସ୍ତ୍ରୀ) ନଖି ଭୟରେ ଅଲଗା ଚାଳି କରି ରହୁଥିଲା । ତା'ର ଗୋଟିଏ ମାତ୍ର ଝିଅ ଥିଲା । ସେ ମୂଲପାତି ଲାଗି ଝିଅକୁ ପାଠ ପଢ଼ାଇଥିଲା । ଝିଅ ପ ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ରାଣୀପଡ଼ାରେ ଏକ ସ୍ୱଚ୍ଛଳ ଘରେ ବିବାହ କରିଥିଲା । ମାତ୍ର ଝିଅ ଅଳ୍ପଦିନ ରହି ପ୍ରସୂତି ରୋଗରେ ପ୍ରାଣ ହରାଇଲା । ନଖିର ୩ ପୁଅ – ଆନନ୍ଦ, ବିନନ୍ଦ ଓ ସାନନ୍ଦ (ମୂଷ) । ଏମାନେ ବିବାହ ପରେ ପୃଥକ ହୋଇଯାଇଥିଲେ । ଆନନ୍ଦ ସାମନ୍ତରାପୁର ଏମ୍.ଇ. ସ୍କୁଲରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ । ମୂଷଙ୍କ ନାତି ମନୋରଞ୍ଜନ (ମ ୁ) ଭୋଇ ସାହିର ପ୍ରଥମ ଗ୍ରାଜୁଏଟ୍ ହେବାର ଗୌରବ ଅର୍ଜନ କରିଛନ୍ତି । ସେ ୨୦୦୭ ମସିହାରେ କିଶୋରନଗର କଲେଜରୁ ବି.ଏ. ପାସ କରିଥିଲେ । ପାଣ୍ଡୁଙ୍କର ୫ ପୁଅ ଓ ୩ ଝିଅ ଥିଲେ । ପା ପୁଅ ହେଲେ – ବୁଦ୍ଧିଆ, ମାଧିଆ, ଦୁଃଖୀଆ, ସୁଖିଆ ଓ ପ ୁ । ପାଣ୍ଡୁ ସାହିରେ ଚାକିରି କରିଥିଲେ । ତାଙ୍କ ସ୍ତ୍ରୀ ସାମାନ୍ୟ ହୁଣ୍ଡି ଥିଲେ ।

ଗିରିଧାରୀ ଭୋଇଙ୍କର ଦୁଇପୁଅ – ଅପ ର୍ ଓ ଲକ୍ଷ୍ମଣ । ଏମାନେ ପୃଥକ ହୋଇ ଚାକିରି କରି ଓ ପରେ ଭାଗଚାଷ କରି ଚଳୁଥିଲେ । ଅପ ର୍ ଭୋଇଙ୍କର ତିନିପୁଅ – ସାଧୁ, ରାଧୁ ଓ ପ୍ରଭାକର । ଲକ୍ଷ୍ମଣ ଭୋଇଙ୍କର ମଧ୍ୟ ତିନିପୁଅ– ସତିଆ, ରଥିଆ ଓ ବଟିଆ ।

ନିତେଇ ଭୋଇ କୁଷ୍ଠରୋଗରେ ଆକ୍ରାନ୍ତ ହୋଇଥିଲେ । ସେ ଅଫିମ ସେବନ କରୁଥିଲେ । ତାଙ୍କର ଏକମାତ୍ର ପୁଅ ଧୋବେଇ । ସ୍ତ୍ରୀଙ୍କ ନାମ ଥିଲା ଧୋବଣୀ । ଧୋବେଇଙ୍କ ପୁଅ କେଳା ଓ ଶବର ।

କାହ୍ନୁ ଭୋଇଙ୍କ ପୁଅ ଧଡ଼ି; ସ୍ତ୍ରୀଙ୍କ ନାମ ଥିଲା ଦୁଃଖୀ । ଧଡ଼ି ଭୋଇଙ୍କ ୪ ପୁଅ – ଅଭିନ୍ନ, ବିଚ୍ଛୁ, ବାବୁନି ଓ ବିପିନ । କାହ୍ନୁ ଅଳ୍ପବୟସରେ ଦେହତ୍ୟାଗ କରିଥିଲେ । ପିଲାମାନେ ସାଆନ୍ତ ସାହିରେ ଚାକିରିବାକିରି କରି ଚଳୁଥିଲେ । ନିଜ ଡିଅ ଛାଡ଼ି ଅଦୂର ଭୋଇପଡ଼ା ସରହଦକୁ ଉଠିଯାଇଥିଲେ । ସେଠାରେ ବଳରାମ ମହାନ୍ତିଙ୍କ ଜାଗାରେ ରହିଥିଲେ । ମଲ୍ଲୀପୁର ମୌଜାର ଦାଣ୍ଡରାସ୍ତାର ଠିକ୍ ଅପରପାର୍ଶ୍ୱରେ ଭୋଇପଡ଼ା ମୌଜା ଥିଲା । ଧଡ଼ି ମଧ୍ୟ କୁଷ୍ଠରୋଗରେ ପୀଡ଼ିତ ହୋଇଥିଲେ । ମାତ୍ର ପ୍ରାରମ୍ଭରୁ ଚିନ୍ତାମଣି ମହାନ୍ତି (ସାଧୁ ମହାନ୍ତିଙ୍କ ପୋଷ୍ୟପୁତ୍ର)ଙ୍କଠାରୁ ଔଷଧ ଖାଇ ରୋଗମୁକ୍ତ ହୋଇଥିଲେ । ସେ ଭଅଁରମାରୀଗଛର ଛେଲିକୁ ଭିଜାଇ ତା'ର ପାଣି ପିଇ ରୋଗମୁକ୍ତ ହୋଇଗଲେ ।

ଶ୍ରୀଧର (ସିରିଆ) ଭୋଇଙ୍କର ଏକମାତ୍ର ଝିଅ ଥିଲେ ବୁଲି । ବୁଲିଙ୍କର ପୁଅ ଅଭୟ (ଅଭା) ।

ଏମାନେ ସମସ୍ତେ ଗୋଟିଏ କୁଟୁମ୍ବ ଥିଲେ । ପ ଦଶକ ପର୍ଯ୍ୟନ୍ତ ଏମାନଙ୍କ ମଧ୍ୟରୁ କେହି ବିଶେଷ ଶିକ୍ଷିତ ହୋଇନଥିଲେ । ଏମାନେ ବିବାହ, ଶୁଦ୍ଧିକ୍ରିୟା ଆଦି ବୈଷ୍ଣବମାନଙ୍କଦ୍ୱାରା କରାଉଥିଲେ । ବିବାହ ଓ ଶୁଦ୍ଧିକ୍ରିୟାରେ ନଡ଼ିଆ ବାହୁଙ୍ଗାରେ ଛାମୁଡ଼ିଆ କରୁଥିଲେ । ଖଜୁରୀ ମଦ ପିଉଥିଲେ ଏବଂ ଭୋଜିଭାତ କରି ଖାଉଥିଲେ । ହେଂସ ଏମାନଙ୍କର ମୁଖ୍ୟ ବିଛଣା ଥିଲା । ତହିଁରେ ବସି ସାହିର ନ୍ୟାୟନିସାପ ମଧ୍ୟ କରୁଥିଲେ । ଦୋଷୀକୁ ଦଣ୍ଡ ଦିଆଯାଉଥିଲା । ଦୋଷୀ ପାଣିମାଠିଆ ମୁଣ୍ଡାଇ ଏକଗୋଡ଼ିଆ ଛିଡ଼ା ହୋଇ ଦଣ୍ଡ ଭୋଗୁଥିଲା ।

ବାକି କେତୋଟି ପରିବାର ପଡ଼ୋଶୀ ମୌଜାରୁ ଆସି ଗାଁର ଅପରପାର୍ଶ୍ୱ ଭୋଇପଡ଼ାରେ ବସତି ସ୍ଥାପନ କଲେ । ଦୈତ୍ୟାରି ଭୋଇ ଓ ଆ ର୍ ଭୋଇ ପ୍ରଥମେ ଆସିଥିଲେ । ଦୈତ୍ୟାରିଙ୍କ ବୋଉଙ୍କ ନାମ ଥିଲା ଶୋବି । ସେ ଗାଁରେ ପ୍ରସୂତୀ କାର୍ଯ୍ୟ କରାଉଥିଲେ । ସେ ଅନ୍ତୁଡ଼ିଶାଳରେ ୧୨ଦିନ ପର୍ଯ୍ୟନ୍ତ ରହି ପିଲା ଓ ମାଆର ଯତ୍ନ ନେଉଥିଲେ । ଏହି କାମରେ ସେ ଖୁବ୍ ନାଆଁ କମାଇ ଥିଲେ । ଦୈତ୍ୟାରିଙ୍କ ପୁଅ ଥିଲେ ଗନ୍ଧର୍ବ, ପଚରା ଓ ରଘୁଆ । ଗନ୍ଧର୍ବ ଦୈନିକ ମଦ ପିଉଥିଲେ । ସେ ପଡ଼ିଶାଘର ଚୈତନ୍ୟଙ୍କ ଝିଅ ବେଙ୍ଗଙ୍କୁ ବିବାହ କରିଥିଲେ । ଗନ୍ଧର୍ବଙ୍କ ପୁଅ ସୁଦାମ । ପଚରାଙ୍କର ପୁଅ ନଥିଲେ । ସେ ବାଇଆକୁ ପୁଅ କରି ବିବାହ ଦେଇଥିଲେ । ରଘୁଆଙ୍କ ପୁଅ ବଗୁଲା ଓ ଚଗଲା ।

ଆ ର୍ ଭୋଇ ଅନ୍ୟ ଗାଁରୁ ଆସି ଦୈତ୍ୟାରିଙ୍କ ପଡ଼ିଶା ହୋଇ ରହିଥିଲେ । ତାଙ୍କର ସ୍ତ୍ରୀ ଥିଲେ ବେଙ୍ଗ । ପୁଅ ପୁନା ଓ ପୁନାର ସ୍ତ୍ରୀ ପୁନି । ସେମାନେ

ମୂଲପାତି ଲାଗି ଓ ଛେଳିଗୋରୁ ରଖି ଚଳୁଥିଲେ । କିନ୍ତୁ ପୁନାଙ୍କର ଅଳ୍ପବୟସରେ ମୃତ୍ୟୁ ଘଟିଥିଲା । ସ୍ତ୍ରୀ ପୁନି ମଧ୍ୟ ଅଳ୍ପବୟସରେ ଆରପାରିକୁ ଚାଲିଯାଇଥିଲେ ।

କୃିବାସ ମହାନ୍ତିଙ୍କ ଜମିରେ ପ୍ରଥମେ ଚୈତନ୍ୟ ଭୋଇ ଜଗନ୍ନାଥପୁରରୁ ଆସି ଘର କଲେ । ସେ କୃିବାସ ମହାନ୍ତିଙ୍କ ହଳିଆ ରହିଲେ । ତାଙ୍କ ସ୍ତ୍ରୀର ନାମ ଦୂତି; ଦୁଇଝିଅ ବେଙ୍ଗ ଓ ଭାନି । ବେଙ୍ଗ ଗାଁର ଗନ୍ଧର୍ବଙ୍କୁ ବିବାହ କରିଥିଲେ । ମାତ୍ର ଅଳ୍ପଦିନରେ ଛାଡ଼ି ଚାଲିଯାଇଥିଲେ । ତିନୋଟି ସନ୍ତାନର ମାଆ ଦୂତି ଇଶାଣି ବ୍ରହ୍ମପୁରର କୃଷ୍ଣ ବେହେରାଙ୍କ ସହ ଚାଲିଯାଇଥିଲେ । କୃଷ୍ଣ ନଦିଆ ବିହାରୀଙ୍କ ଘରେ ଚାକିରି କରୁଥିଲେ । କୃଷ୍ଣ ନିକଟରେ ଦୂତି ଥିବା ଅବସ୍ଥାରେ ସେ ସାନଝିଅ ଭାନିକୁ ମଧ୍ୟ ରଖିଥିଲେ । ଚୈତନ୍ୟଙ୍କ ଏକମାତ୍ର ପୁଅ ଧୂଳିଆ ସାଆନ୍ତ ସାହିରେ ଗାଈଆଳ ଥିଲେ । ଚୈତନ୍ୟ ଏକ ବଳିଷ୍ଠ ପୁରୁଷ ଥିଲେ । ସେ ବାଗୁଡ଼ିଖେଳରେ ଧୂରନ୍ଧର ଥିଲେ । କିନ୍ତୁ ସ୍ତ୍ରୀ ଦୂତିକୁ ସେ ପାଖରେ ରଖିପାରିନଥିଲେ ।

କୃିବାସ ମହାନ୍ତିଙ୍କ ଅନ୍ୟ ସଂଲଗ୍ନ ଜମିରେ ମଣି ଭୋଇ ଅଡ଼ଙ୍ଗରୁ ଆସି ଘର କଲେ । ସେ ବଡ଼ ଭଦ୍ରଲୋକ ଥିଲେ । ନିଶାପାଣି ଖାଉନଥିଲେ । ମୂଲ ଲାଗି ଓ ଚାଷ କରି ଚଳୁଥିଲେ । ମଣିଙ୍କ ପୁଅ ଧରମୁ ମଧ୍ୟ ନିଶା ଖାଉନଥିଲେ । ଚାକିରି କରି ଓ ମୂଲ ଲାଗି ଚଳୁଥିଲେ । ଅବଶ୍ୟ ବୃଦ୍ଧାବସ୍ଥାରେ ସେ ଅଫିମ ଖାଇବା ଅଭ୍ୟାସ କରିଥିଲେ । ତାଙ୍କର ତିନିପୁଅ – ଗୌର, ବାଇଆ ଓ କାଳିଆ ।

କିଣେଇ ଭୋଇଙ୍କ ପୁଅ ବୀର ଭୋଇ । ବୀର ଭୋଇଙ୍କର ଦୁଇପୁଅ – ଅଲେଖ ଓ ଗୋଲୋକ ।

## ଅସ୍ପୃଶ୍ୟତା ଦୂରୀକରଣ

ଭୋଇ ସାହିର କେହି ହେଲେ ସ୍ୱଚ୍ଛଳ ନଥିଲେ । ସ୍ୱାଧୀନତା ସଂଗ୍ରାମୀ ବିନୋଦ କାନୁନ୍‌ଗୋ ତାଙ୍କ ମାମୁଁ ପ୍ରଫେସର ଆ ବଲ୍ଲଭ ମହାନ୍ତିଙ୍କ କଟକସ୍ଥିତ ଘରେ ରହି ପାଠ ପଢୁଥିଲେ । ସେ ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ୧୦ମ ଶ୍ରେଣୀରେ ପଢୁଥିବା ସମୟରେ ମହାତ୍ମା ଗାନ୍ଧିଙ୍କ ଡାକରାରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ପଢ଼ା ଛାଡ଼ିଥିଲେ । ସ୍ୱାଧୀନତା ପୂର୍ବରୁ ଚାରିଦଶକରେ ସେ ଗାଁକୁ ଆସିଥିଲେ । ଗାଁକୁ ଆସି ସେ ଭୋଇ ସାହିର ଲୋକମାନଙ୍କ ସହ ମିଶି ଏକତ୍ର ଖିଆପିଆ କରିଥିଲେ । ଛୁଆଁଅଛୁଆଁ ଭାବ ଦୂର କରିବାରେ ସେ ବ୍ରତୀ ଥିଲେ । ବିନୋଦ କାନୁନ୍‌ଗୋ ଖସାମୂଳିରେ ଖଦୀଘର ସ୍ଥାପନ କରିଥିଲେ । ସୂତାକଟା, ମହୁଚାଷ ଆଦି କାର୍ଯ୍ୟରେ ଭୋଇ ସାହିର ପୁରୁଷ ଓ ମହିଳାମାନଙ୍କୁ